# ଜୈବିକ ପ୍ରଣାଳୀରେ ଭେଣ୍ଡି ଚାଷ



କଅଁଳିଆ ସବୁଜ ରଙ୍ଗର ଭେଣ୍ଡି ପରିବାକୁ ଦେଖିଲେ କେଉଁ ଭାରତୀୟ ନକିଣି ରହିପାରିବ ନାହିଁ । ଏହି ପରିବା ତରକାରୀ ଭଜା ଭାବରେ ବ୍ୟବହୃତ ହୁଏ । ଏହି ପରିବାରେ ଅଧିକ ପରିମାଣରେ କ୍ୟାଲସିୟମ ଥିବାରୁ ଏହା ଅସ୍ଥି ଓ ଦାନ୍ତକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ ।

**ଜଳବାୟୁ ଓ ମୃର୍ତ୍ତିକା:-** ଭେଣ୍ଡି ଏକ ଗ୍ରୀଷ୍ମ ମଣ୍ଡଳୀୟ ଫସଲ । ଏହା ଅଧିକ ଥଣ୍ଡା ସହ୍ୟ କରିପାରେ ନାହିଁ । ଶୀତ ଦିନକୁ ଛାଡିଦେଲେ ବର୍ଷସାରା ଚାଷ କରାଯାଇପାରିବ । ଏହି ଫସଲ ଯେ କୌଣସି ମୃର୍ତ୍ତିକାରେ ଚାଷ କରାଯାଇପାରିବ । କିନ୍ତୁ ନିଗିଡା, ଦେରସା, ହାଲୁକା ମାଟି ଭଲ ।

**ବିହନ ଚୟନ:-** ଆମ ରାଜ୍ୟରେ ଅନେକ ପ୍ରକାରର ଭେଣ୍ଡି ଚାଷ କରାଯାଏ । ଯଥା ପ୍ରବୀଣା କ୍ରାନ୍ତି, ଆର୍କା, ଅଭୟ ଆର୍କାଅନାମିକା, ଉତ୍କଳ ଗୌରବ, ସିଓ-୧, ପୁଷ୍ପ ସାୱାନି ଇତ୍ୟାଦି । ଏହା ଛଡା ଆମ ରାଜ୍ୟରେ ଅନେକ ପ୍ରକାର ଦେଶୀ କିସମ ଗାଁ ଗଣ୍ଡାରେ ବେଶ୍ ଆଦୃତ । ଏହାର ମଞ୍ଜି ମଧ ଗାଁ ମାନଙ୍କରେ ମିଳେ । ଏହା ବ୍ୟତୀତ ବଜାରରେ ଅନେକ ପ୍ରକାର ଶଙ୍କର ବିହନ ବାହାରିଲାଣି । ନଂ –୧୦, ବର୍ଷା, ବିଜୟ, ତାରା, ରୋମାନି, VNR-୯୯୯, ଦିପିକା, ଲକ୍ଷ୍ମି, କାବେରୀ ୫୫୫,୦୭୭, ୦୪୪ ଇତ୍ୟାଦି ।

**ବିହନ ବିଶୋଧନ:-** ଏକର ପ୍ରତି ୫ ରୁ ୬ କି.ଗ୍ରା ବିହନ ଦରକାର । ଉକ୍ତ ବିହନକୁ ଦେଶୀ ଗୋମୂତ୍ର, ବୀଜାମୃତ ଟ୍ରାଇକୋଡର୍ମା ଭିରିଡେ ବିଶୋଧନ କରି ଧାଡିକୁ ଧାଡି ୬୦ ସେ.ମି. * ଗଛକୁ ଗଛ ୩୦ ସେ.ମି ଓ ବୁଦା କିସମ ଧାଡିକୁ ଧାଡି ୭୫ * ଗଛକୁ ଗଛ ୪୫ ସେମି. ଲଗାଇବା ଦରକାର ।

**ଜମି ପ୍ରସ୍ତୁତ:-** ମଞ୍ଜି ଲଗାଇବା ପୂର୍ବରୁ ମୁଖ୍ୟ ଜମିକୁ ଭଲ ଭାବରେ ଚାଷ କରି ମାଟି ଗୁଣ୍ଡ କରି ମଇ ଦେଇ ଜମିକୁ ସମତୁଲ କରିଦେବା ଦରକାର । ଏହି ଚାଷ ପାଇଁ ଆବଶ୍ୟକୀୟ ଖାଦ୍ୟ ସାର ନିମ୍ନରେ ଦିଆଗଲା ।

**ଜମି ପରିଚାଳନା:-** ଗଛ ଉଠିବାର ୧୫ ରୁ ୨୦ ଦିନ ପରେ କୋଡାଖୁସା କରି ଘାସ ବାଛି ଆବଶ୍ୟକୀୟ ଖାଦ୍ୟସାର ଦେଇ ହୁଡା ଟେକି ଦେବା ଦରକାର । ଖରାଦିନେ ମାଟିର ବତରକୁ ଚାହିଁ ଜଳସେଚନ କରିବା ଦରକାର ଓ ବର୍ଷା ଦିନେ ଜଳ ନିଷ୍କାସନ କରିବା ପାଇଁ ବ୍ୟବସ୍ଥା କରିବା ଦରକାର । ଫୁଲ ଫଳ ସମୟରେ ଜଳର ଅଭାବ ରହିବା ଉଚିତ୍ ନୁହେଁ । କାରଣ ଉତ୍ପାଦନରେ ବାଧାପ୍ରାପ୍ତ ହୁଏ ।

ଜଳର କମ୍ ବ୍ୟବହାର ପାଇଁ ଆମେ ହୁଡା ଛାଡି ହୁଡା ଜଳସେଚନ ଓ ଛାଦିକରଣ ପଦ୍ଧତି ବ୍ୟବହାର କରିବା ତେବେ କମ୍ ଜଳ ଓ କମ୍ ଖର୍ଚ୍ଚରେ ଅଧିକ ଅମଳ ପାଇପାରିବା । ଛାଦିକରଣ ୨ ପ୍ରକାର ଯଥା (ପ୍ଲାଷ୍ଟିକ୍ ଓ ନଡା ବା ଶୁଖିଲା ଘାସ ଲଟା) ଏହା ସହିତ ବୁନ୍ଦା ଜଳସେଚନ ମଧ କରାଯାଇପାରିବ । ଏଥିରେ ମଧ ଆହୁରି କମ୍ ଜଳ ଦରକାର କରେ ।

**ରୋଗପୋକ ପରିଚାଳନା:-** ବିହନ ଲଗାଇବା ପୂର୍ବରୁ ଶେଷଓଡ ଚାଷ ସମୟରେ ଏକର ପ୍ରତି ୧୦୦ କି.ଗ୍ରା ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ । ପାଉଁଶିଆ ରୋଗର ନିରାକରଣ ପାଇଁ କପର ଅକ୍ସିକ୍ଲୋରାଇଡ୍, କବକ ବା ଫିମ୍ପି ରୋଗ ପାଇଁ ଦହିଦ୍ରବଣ ପ୍ରୟୋଗ କରନ୍ତୁ । ପତ୍ରପୋଡା ପୋକ ପାଇଁ ଲିଟର ପାଣିରେ ୧୫. ମି.ଲି ଗ୍ରାମ୍ ପ୍ରୟୋଗ ବୀଜାଣୁଜନିତ ଝାଉଁଳା ରୋଗ ପୋକ ପାଇଁ ଦହିଦ୍ରବଣ ପ୍ରୟୋଗ କରାଯାଏ ।

୧. ଫସଲରେ ଧଳାମାଛି, ପତ୍ରଉକୁଣୀ, ଅଷ୍ଟପଦୀ ପାଇଁ ଜୈବିକ ବିହନ ବିଶୋଧନ ବ୍ୟବହାର କରନ୍ତୁ ।

୨. ଗଛ ବୃଦ୍ଧି ସମୟରେ ଜମି ପରିଷ୍କାର ରଖିବା ଉଚିତ୍ ।

୩. ଏକର ପ୍ରତି ୩୫ ରୁ ୪୦ ସଂଗ ଆକର୍ଷଣ ଜନ୍ତା ବସାଇ ହଳଦିଆ ପୋକର ପୁରୁଷ ପୋକକୁ ନିୟନ୍ତ୍ରଣ କରନ୍ତୁ ।

୪. ଏକର ପ୍ରତି ୩୦ ରୁ ୪୦ଟି ହଳଦିଆ ଅଠାଳିଆ ଯନ୍ତା ବସାଇ ଶୋଷକ କୀଟ ନିୟନ୍ତ୍ରଣ କରନ୍ତୁ ଏହା ସହିତ ଆଲୋକ ଯନ୍ତା ବସାଇ ମଧ ପୋକ ନିୟନ୍ତ୍ରଣ କରାଯାଇପାରିବ ।

୫. ଫସଲରେ କୀଟ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ଗଛର ଅବସ୍ଥା ଦେଖି ୧୫ରୁ ୩୦ ମି.ଲି ଗ୍ରାମ ହାଣ୍ଡି ଔଷଧ ମିଶାଇ ପ୍ରତି ୭ଦିନ ଅନ୍ତରରେ ପ୍ରୟୋଗ କରନ୍ତୁ ଓ ନିମ ପ୍ରସ୍ତୁତି ଔଷଧ ବ୍ୟବହାର କରନ୍ତୁ ।

୬. ଫଳବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଆଗ୍ନେୟାସ୍ତ୍ର ପ୍ରତି ଲିଟର ପାଣିରେ ୩୦ ମି.ଲି ମିଶାଇ ୧୦ ରୁ ୧୫ ଦିନ ଅନ୍ତରରେ ପ୍ରତୟୋଗ କରନ୍ତୁ ।

୭. ଶୋଷକ କୀଟ ନିୟନ୍ତ୍ରଣ ପାଇଁ ଦହିଦ୍ରବଣ (୧:୯) ବ୍ୟବହାର କରନ୍ତୁ ।

**ଅମଳ ଓ ପରବର୍ତ୍ତୀ ଜତ୍ନ:-** ଗଛ ଉଠିବାର ୫୦ ରୁ ୫୫ ଦିନରେ ପ୍ରଥମ ଫଳ ଅମଳ ହୋଇଥାଏ । ପ୍ରତି ଦିନେ ଛାଡି ଦିନେ ଫଳ ତୋଳାଯାଏ । ସକାଳେ ବା ସନ୍ଧ୍ୟା ସମୟରେ ଫଳ ତୋଳିବା ଭଲ । ଏକର ପ୍ରତି ୪୦/୫୦ କ୍ବିଣ୍ଟାଲ୍ ଫଳ ମିଳିଥାଏ । ଜୈବିକ ପରିବା ହିସାବରେ ଏହାର ବଜାର ମୂଲ୍ୟ ଅଧିକ ହୋଇଥିବାରୁ ଏହି ଚାଷରେ ଅଧିକ ଲାଭ ମିଳିଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |


**ଆଇ-କନ୍ସେପ୍ଟ ଇନିସିଏଟିଭ୍ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ବନ୍ଧାକୋବି ଚାଷ



ଶୀତ ଦିନେ ଚାଷ କରାଯାଇଥିବା ପରିବା ମଧରେ ବନ୍ଧା କୋବି ଆମ ରାଜ୍ୟର ଏକ ପ୍ରମୁଖ ଫସଲ । ଏହି ପରିବାରେ ପୃଷ୍ଟିସାର, ଶ୍ୱେତସାର, ଭିଟାମିନ୍ କ, ଭିଟାମିନ୍ ଗ, ଓ ଅନ୍ୟ ଖଣିଜ ପଦାର୍ଥ ପ୍ରଚୁର ପରିମାଣରେ ଥାଏ ।

**ଜଳବାୟୁ ଓ ମୃର୍ତିକା:-** ଏହା ଅନେକ ପ୍ରକାର ମାଟିରେ ଚାଷ କରାଯାଏ କିନ୍ତୁ ନିଗିଡା, ଉର୍ବର ଦୋରସା ଏବଂ P.H-୫୫ ରୁ ୬୫ ଭଲ । ଏହା ଏକ ଶୀତ ଦିନିଆ ପରିବା ହୋଇଥିଲେ ମଧ ଏବେ ଅନେକ ପ୍ରକାର ଶଙ୍କର ବିହନ ଅଧିକ ଉତ୍ତାପରେ ମଧ ଚାଷ କରାହେଉଛି । ଅଧିକ ଶୁଷ୍କ ଓ ଗରମ ପାଣିରେ କୋବିର ବାସ୍ନା କମିଯାଏ । ଜୈବିକ ପଦ୍ଧତିରେ ଚାଷ କରୁଥିଲେ ରାସାୟନିକ କ୍ଷେତ୍ର ଠାରୁ ୨୫ରୁ ୩୦ ଫୁଟ ଦୂରତା ରକ୍ଷା କରିବା ଉଚିତ୍ ।

**ବିହନ କିସମ:-** ଉନ୍ନତ ଓ ଅଧିକ ଅମଳକ୍ଷମ ବିହନ ଯଥା- ଗୋଲ୍ଡେନ୍ ଏକର, ଗୋଲ୍ଡ ଷ୍ଟାର, ଗ୍ରୀନ ବଲ୍, ପ୍ରିୟା, ପୁଷା, ସମ୍ବଳ, ପୁଷା ମୁକ୍ତା, ପୁଷା ଡ୍ରମ୍‌ହେଡ୍, ପ୍ରାଇଡ୍ ଇଣ୍ଡିଆ, କୋଣାର୍କ, ଶ୍ରୀ ଗଣେଷ, ବରଖା ଇତ୍ୟାଦି । ଏହା ଛଡା ଅନେକ ଶଙ୍କର କିସମ ବାହାରିଛି ।

**ବିଶୋଧନ:-** ଜେବିକ ପଦ୍ଧତିରେ ଚାଷ କରିବାକୁ ହେଲେ ରାସାୟନିକ ପଦ୍ଧତିରେ ବିଶୋଧିତ ହୋଇ ନଥିବା ବିହନ ସଂଗ୍ରହ କରି ଜୈବ ବିଶୋଧକ ଯଥା-ଦେଶୀ ଗୋମୂତ୍ର, ବୀଜାମୃତ, ଟ୍ରାଇକୋଡର୍ମା, ଭିରିଡେରେ ବିଶୋଧିତ କରନ୍ତୁ ।

**ତଳିଘେରା ପ୍ରସ୍ତୁତି:-** ଏକର ପ୍ରତି ୨୦୦ ରୁ ୨୫୦ ଗ୍ରାମ ବିହନ ଦରକାର ହୋଇଥାଏ । ଏକ ଏକର ପାଇଁ ୧ ମିଟର ଓସାର । ୬ ଇଞ୍ଚ ଓ ୩୫ ରୁ ୪୦ ବର୍ଗ ମିଟର ସ୍ଥାନ ଦରକାର ହୋଇଥାଏ । ସୁବିଧା ଅନୁସାରେ ତଳି ପଟିର ଲମ୍ବ ପ୍ରସ୍ତୁତ କରିବା ଉଚିତ୍ । ପ୍ରତି ବର୍ଗମିଟର ତଳି ପଟିରେ ୩ କି.ଗ୍ରା ଜିଆଖତ, କିମ୍ବା ୫ କି.ଗ୍ରା ସଢା ଗୋବର ଖତ ଓ ୨୫୦ ଗ୍ରାମ ନିମ୍ବ ପିଡିଆ ମିଶାଯାଏ । ୧୦ ଗ୍ରାମ ଟ୍ରାଇକୋଡର୍ମା ଭିରିଡେକୁ କମ୍ପୋଷ୍ଟ ସହିତ ପକାଇଲେ ମୂଳସଢା ରୋଗ ହୋଇନଥାଏ ।

**ମୁଖ୍ୟ ଜମି ପ୍ରସ୍ତୁତ ଓ ଖାଦ୍ୟସାର ପ୍ରୟୋଗ:-** ଚାରା ଲଗାଇବା ପୂର୍ବରୁ ମୁଖ୍ୟ ଜମିକୁ ଭଲ ଭାବରେ ମାଟି ହଳ କରି ଗୁଣ୍ଡ କରାଯାଏ । ଏହାପରେ ମାଟିକୁ ସମତୁଲ କରାଯାଏ ।

**ଜଳ ପରିଚାଳନା:-** ଗଛ ଲଗାଇବାର ୧୫ରୁ ୨୦ ଦିନ ଓ ୨୫ ରୁ ୩୦ ଦିନରେ କୋଡାଖୁସା କରି ଘାସ ବାଛି ହୁଡା ଟେକ ଯାଏ । ଛାଦିକରଣ, ଅଦଳ ବଦଳ, (Alternative Channel Irrigation) ହୁଡା ଜଳସେଚନ ଓ ବୁନ୍ଦା ଜଳ ସେଚନ କଲେ ଜଳ କମ୍ ଲାଗିବା ସହିତ ଅମଳ ବଢିଥାଏ । ମାଟିର ବତର ଦେଖି ଜଳସେଚନ କରିବା ଦରକାର ।

**ରୋଗପୋକ ପରିଚାଳନା:-** ବନ୍ଧାକୋବି ଫସଲରେ ଠିକିରିଆ ପୋକ, କରତିଆ ପୋକ, ଯଉପୋକ, ଧୂଆଁ ପତ୍ର, ଗୋଟି ପୋକ, ପତ୍ର, ସୁଡଙ୍ଗିପୋକ । ୨୪ ଧାଡି କୋବି ଫସଲ ମଧରେ ୨ ଧାଡି ସୋରିଷ ଜମିର ଆରମ୍ଭ ଓ ଶେଷରେ ସୋରିଷ ଲଗାଇବା ଦରକାର । ଚାରା ଲଗାଇବାର ୧୦ ଦିନ ପରେ ୭ ଦିନ ଅନନ୍ତରେ ହାଣ୍ଡି ଔଷଧ, ନିମ୍ବ ଆଧାରିତ ଔଷଧ ପ୍ରୟୋଗ କରନ୍ତୁ ।

**ମୂଳ ସଢା ରୋଗ:-** ବିହନ ଓ ତଳି ଘେରାକୁ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରନ୍ତୁ । ତଳିଘେରେ ମାଟିକୁ ପ୍ରତି ବର୍ଷ ବଦଳାନ୍ତୁ ।

**କଳାପଟା ଦାଗ: -** ଦହିଦ୍ରବଣ ବ୍ୟବହାର କରନ୍ତୁ, ତଳିଟିକୁ ସୂର୍ଯ୍ୟକିରଣରେ କଳା ପଲିଥିନ ଘୋଡାଇ ବିଶୋଧନ କରନ୍ତୁ ।

**ଅମଳ:-** ପୂର୍ଣ୍ଣ ଆକାରରେ ଟାଣ ହେଲେ ଅମଳ କରାଯାଏ । କୋବି କାଟିଲା ବେଳେ ତଳି ପତ୍ର ୩/୪ ଟି ରଖି କାଟିଲେ ପରିବହନ କରିବାରେ ସାହାଯ୍ୟ କରେ । ଅମଳ ସମୟରେ ଜଳସେଚନ କମ୍ କରିବା ଦରକାର କାରଣ ଫଳ ଫାଟିଯିବାର ସମ୍ଭାବନା ଥାଏ । ସାଧାରଣ କିସମ ଏକର ପ୍ରତି ୧୦୦ କ୍ୱିଣ୍ଟାଲ୍ ଅମଳ ହୋଇଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |


**ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ଫୁଲକୋବି ଚାଷ



ଶୀତ ଦିନେ ଚାଷ କରାଯାଇଥିବା ପରିବା ମଧ୍ୟରେ ଫୁଲକୋବି ଆମ ରାଜ୍ୟର ଆଦରଣୀୟ ଫସଲ । ଏଥିରେ ପୁଷ୍ଟିସାର, କ୍ୟାଲ୍‌ସିୟମ, ଭିଟାମିନ୍ -ଏ, ଭିଟାମିନ୍- ସି, ଓ ଅନ୍ୟାନ୍ୟ ଖାଦ୍ୟସାର ପ୍ରଚୁର ପରିମାଣରେ ଥାଏ ।

**ଜଳବାୟୁ ଓ ମୃତ୍ତିକା:-** ଥଣ୍ଡା, ଶୁଷ୍କ ଜଳବାୟୁ ଓ ନିରପେକ୍ଷ ଅମ୍ଳ(୫.୫ ରୁ ୬.୫) ଉର୍ବର, ନିଗିଡା, ଦୋରସା ମାଟି ଫୁଲକୋବି ଚାଷ ପାଇଁ ଉପଯୁକ୍ତ ବାୟୁ ମଣ୍ଡଳର ଉତ୍ତାପ ଦ୍ୱାରା ଏହି ଫସଲ ଅନେକାଂଶରେ ପ୍ରଭାବିତ ହୋଇଥାଏ ।

**କିସମ:-** ଆମ ରାଜ୍ୟରେ ସାଧାରଣତଃ ଫୁଲକୋବି ଶୀତ ଦିନରେ ଚାଷ କରାଯାଏ । ଏହାର ଅମଳ ଓ ରୋପଣ ସମୟକୁ ନେଇ ୪ ଭାଗରେ ବିଭକ୍ତ କରାଯାଇଛି, ଯଥା-(୧) ଅତି ସହଳ କିସମ (୨) ସହଳ କିସମ (୩) ମଧ୍ୟମ କିସମ (୪) ବିଳମ୍ବ କିସମ ।

**ଅତି ସହଳ କିସମ:-** ଅନୁରାଧା, ତ୍ରିଶା, ଫୁଜିୟାମା, ହ୍ୱାଇଟସଟ, ହ୍ୱାଇଟ୍ କରୋନା, ହ୍ୱାଇଟ୍ କଣ୍ଟେସା, ହ୍ୱାଇଟ୍ ବଲ୍, ବୁଲେଟ୍, ସମର କିଙ୍ଗ ଇତ୍ୟାଦି ।

**ସହଳ କିସମ:-** ଶୁଭ, ସ୍ନୋଗେସ୍, ହ୍ୱାଇଟ୍ ମ୍ୟାପିକ୍, କାଶ୍ମୀରି, ଆଦିତି, ଶ୍ୱାଶ୍ୱତି, ଗୁଡ୍ ମ୍ୟାନ୍, ମେଘା, ଶ୍ୱେତା, ଶୁଭ୍ରା, ବରଖା, ଇତ୍ୟାଦି ।

**ମଧ୍ୟମ କିସମ ଓ ବିଳମ୍ବ କିସମ:-** ସୁପର ମାୟା, ଲେଟ୍ ମ୍ୟାନ୍, ହଂସା, ସ୍ନୋବଲ୍, ରୀମା ଇତ୍ୟାଦି ।

**ବିହନ ଓ ବିଶୋଧନ:-** ଏକର ପ୍ରତି ୨୦୦ ଗ୍ରାମ୍ ବିହନ ଦରକାର । ଏହି ବିହନକୁ ଦେଶୀ ଗୋମୂତ୍ର, କିମ୍ବା ବୀଜାମୃତ ବା ଟ୍ରାଇକୋଡର୍ମା ଭିରିଡେରେ ବିହନ ବିଶୋଧନ କରନ୍ତୁ ।

**ଚାରା ପ୍ରସ୍ତୁତି:-** ଏକର ଜମି ଚାଷ ପାଇଁ ୪୦ ବର୍ଗମିଟର ୩ ଫୁଟ ଚଉଡା ୬ରୁ ୮ ଇଞ୍ଚ ଉଚ୍ଚତାର ତଳିପଟି ଆବଶ୍ୟକ ଲମ୍ବ ସୁବିଧା ଅନୁସାରେ ତିଆରି କରିବା ଉଚିତ୍ । ବର୍ଗମିଟର ପ୍ରତି ୧୦ ଗ୍ରାମ୍ ଟ୍ରାଇକୋର୍ଡମା ଭିରିଡେ ଓ ୪ କେ.ଜି ଜିଆଖତ କିମ୍ବା ୬ କି.ଗ୍ରା ସଢା କମ୍ପୋଷ୍ଟ ମିଶାଇ ଧାଡି ଧାଡି କରି ତଳି ପକାଇବା ଉଚିତ୍ । ତଳି ୩ରୁ ୪ ସପ୍ତାହ ହୋଇଗଲେ ହୃଷ୍ଟପୃଷ୍ଟ ତଳିକୁ ମୁଖ୍ୟ ଜମିରେ ଉପରବେଳା ରୋପଣ କରିବା ଉଚିତ୍ । ଚାରା ରୋପଣ ପୂର୍ବରୁ ଟ୍ରାଇକୋର୍ଡମା ଭିରିଡେ ଦ୍ରବଣରେ ଚେରକୁ ବୁଡାଇ ୨୦/୨୫ ମିନିଟ୍ ବିଶୋଧିତ କରାଯାଏ ।

**ମୁଖ୍ୟ ଜମି ପ୍ରସ୍ତୁତ ଓ ଖାଦ୍ୟସାର ପ୍ରୟୋଗ:-** ମାଟିକୁ ଭଲ ଭାବେ ଚାଷ କରି ମାଟି ଗୁଣ୍ଡ କରି ସମତୁଲ କରିଦେବା ଉଚିତ୍ । ଶେଷ ଓଡଚାଷ ସମୟରେ ଏକର ପ୍ରତି କମ୍ପୋଷ୍ଟ ଖତ ୩ ରୁ ୪ ଟନ୍ କିମ୍ବା ୧ ରୁ ୨ ଟନ୍ ଜିଆଖତ ସହିତ ଓ ୨ କି.ଗ୍ରା ଟ୍ରାଇକୋଡର୍ମା ଭିରିଡେକୁ ମିଶାଇ ଦେବା ଦରକାର । ଏହା ସହିତ ୨ କି.ଗ୍ରା P.S.B ଜୀବାଣୁ ସାର, ପଟାସ୍ ଜୀବାଣୁ ସାର ଓ ଆଜୋଟୋବ୍ୟାକ୍ଟର ଜୀବାଣୁ ସାର ୨ କି.ଗ୍ରାକୁ ୫୦ କି.ଗ୍ରା ସଢାଖତ ବା ଜିଆଖତ ସହିତ ମିଶାଇ ମାଟି ଆଦ୍ରତା ସମୟରେ ସକାଳେ ବା ସନ୍ଧ୍ୟାରେ ପ୍ରୟୋଗ କରିଦେବା ଉଚିତ୍ । ଚାରା ରୋପଣ ୧୫ ରୁ ୨୦ ଦିନ ପରେ ମାଟିକୁ କୋଡାଖୁସା କରି ଏକର ପ୍ରତି ୨୦୦ ଲିଟର ଜୀବାମୃତ ଏବଂ ୩୦ -୪୦ ଦିନ ପରେ ୨ୟ ବାର କୋଡାଖୁସା କରି ହୁଡା ଟେକି ଦେବା ଦରକାର । ଏହାପରେ ପ୍ରତ୍ୟେକ ୧୦ ରୁ ୧୫ ଦିନ ପରେ ୨୦୦ ଲିଟର ଜୀବାମୃତ /ବାୟୋଡାଇଜେଷ୍ଟର କରିବା ଦରକାର । ଏହା ସହିତ ଜିଆ ଜଳସାର ପ୍ରୟୋଗ କଲେ ମଧ ଫସଲରେ ଅମଳ ବୃଦ୍ଧି ହୋଇଥାଏ ।

**ରୋଗପୋକ ପରିଚାଳନା:-** ଫୁଲକୋବିରେ ଠିକିରିପିଠିଆ ପୋକ, ପତ୍ରସୁଡଙ୍ଗୀ ପୋକ , ଜଉପୋକ, କରତିଆ ମାଛି, ଧୂଆଁପତ୍ର, ଗୋଟିପୋକ ଓ କାଳିମୁଣ୍ଡି ପୋକ ପ୍ରଧାନ ପ୍ରତି ୨୫ ଧାଡି ମଧ୍ୟରେ ୨ ଧାଡି ସୋରିଷ ଲଗାଇବା, ଆରମ୍ଭରୁ ନିମ୍ବଜାତ ଔଷଧ, ହାଣ୍ଡି ଔଷଧ ପ୍ରତି ୫/୭ ଦିନ ମଧ୍ୟରେ ପ୍ରୟୋଗ କରିବା ଦରକାର । ଏହା ସହିତ ପୋକ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୫୦ଟି କିଣିଥିବା ବାଉଁଶ ପୋତିବା, NPV, ପ୍ରୟୋଗ କରିବା, ପ୍ରତି ୫/୭ ଦିନ ମଧ୍ୟରେ ଏକର ପ୍ରତି ୫୦୦୦୦ ରୁ ୬୦୦୦୦ଟ୍ରାଇକୋଗାମା ଚିଲୋସିନ କୋଷା ୪ରୁ ୬ ଥର ଛାଡିବା, ଚାରା ଲଗାଇବାର ୧୫ ଦିନ ଓ ୩୦ ଦିନରେ ୨ ଥର ୫୦୦ ଗ୍ରା.ମ ବି.ଟି ଜୀବାଣୁ ପ୍ରୟୋଗ କରିବା ଦରକାର । ୫ ଶତକଡା ଲେମ୍ବୁ ପାଣି ପତ୍ର ସିଂଚନ କଲେ ଠିକିରିଆ ପୋକ ନିୟନ୍ତ୍ରଣ ହୋଇଥାଏ । ମାଟିରେ ଟ୍ରାଇକୋଡର୍ମା ଭିରିଡେ ପ୍ରୟୋଗ ଦ୍ୱାରା ଫସଲରେ ରୋଗ କମ୍ ହୋଇଥାଏ ।

**ଅମଳ:-** ଚାରା ଲଗାଇବାର ୫୦ ରୁ ୬୦ ଦିନ ସହଳ କିସମ , ୭୦ ରୁ ୮୦ ଦିନ ମଧ୍ୟମ କିସମ, ୯୦ ରୁ ୧୦୦ ଦିନ ବିଳମ୍ବ କିସମ ଅମଳ ହୋଇଥାଏ । କିସମ ଅନୁସାରେ ୫୦ ରୁ ୬୦ କ୍ୱିଣ୍ଟାଲ୍ ଅମଳ ମିଳେ । ଜୈବିକ ପଦ୍ଧତିରେ ହୋଇଥିବାରୁ ବଜାରରେ ଅଧିକ ଦାମ୍ ମିଳିଥାଏ ।

(ବି.ଦ୍ର:- **N.P** ନ୍ୟୁକ୍ଲିଅର ପଲିହେଡ୍ରୋସିସ୍ ଭାଇରସ୍, ଟ୍ରାଇକୋଗାମା ବିଟି ଜୀବାଣୁ ବିଭିନ୍ନ ସରକାରୀ (କୃଷି ବିଭାଗ, କୃଷି ବିଶ୍ୱ ବିଦ୍ୟାଳୟ ଓ ବେସରକାରୀ ସଂସ୍ଥା

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |


**ଆଇ-କନ୍‌ସେପ୍ଟ ଇନିସିଏଟିଭ୍ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ଓଲକୋବି ଚାଷ



ଓଲକୋବି ଏକ ଶୀତଦିନିଆ ଫସଲ, ଏହାକୁ ଗଣ୍ଠିକୋବି ମଧ କୁହାଯାଏ । ଏହା ୨ ପ୍ରକାରର ଯଥା- ଶାଗୁଆ ଓ ବାଇଗଣି ରଙ୍ଗର । ଏଥିରେ ପ୍ରୋଟିନ୍, ସ୍ନେହସାର, ଶ୍ୱେତସାର, ଭିଟାମିନ୍ ଏ,ବି,ସି ଥାଏ ।

**ଜଳବାୟୁ ଓ ମୃର୍ତ୍ତିକା:-** ଥଣ୍ଡା, ଆଦ୍ର ଜଳବାୟୁ ଏହି ଚାଷ ପାଇଁ ସର୍ବୋକୃଷ୍ଟ । ଏହା ସବୁ ପ୍ରକାର ମାଟିରେ ଚାଷ କରାଯାଇପାରେ । ବାଲିଆ ଦୋରସା ମାଟିରେ ସହଳ କିସମ ଓ ଦୋରସା ମଟାଳ ମାଟିରେ ବିଳମ୍ବ କିସମ ଭଲ ହୁଏ । P.H ୫.୫ ରୁ ୬.୫ ରହିବା ଭଲ ।

**କିସମ:-** ଲୋକପ୍ରିୟ କିସମ ମଧରେ ପର୍ପଲ ଭିଏନା, କିଙ୍ଗ୍ ଅଫ୍ ନର୍ଥ, ପୁଷାବିରାଟ, କୋସାକ, ପାନ, ୩୧୦୨ ଇତ୍ୟାଦି ।

**ବିହନ ଓ ବିଶୋଧନ:-** ଏକର ପ୍ରତି ୩୦୦ ରୁ ୪୦୦ ଗ୍ରାମ୍ ବିହନ ଦରକାର । ଏହି ବିହନକୁ ଜୈବିକ ପଦ୍ଧତିରେ ଯଥା- ଗୋମୂତ୍ର ବା ବୀଜାମୃତ, ଟ୍ରାଇକୋଡର୍ମା ଭିରିଡେରେ ବିଶୋଧିତ କରିବା ଦରକର ।

**ଲଗାଇବା ସମୟ:-** ଅକ୍ଟୋବର ଓ ନଭେମ୍ବର ମାସ ଉପଯୁକ୍ତ ସମୟ ଅଟେ ।

**ଚାରା ପ୍ରସ୍ତୁତ:-** ଏକ ଏକର ଓଲକୋବି ଚାଷ ପାଇଁ ୪୦ ବର୍ଗମିଟର ତଳଘର ଦରକାର । ପ୍ରସ୍ଥ ୧ ମିଟର, ଉଚ୍ଚତା ୬ ରୁ ୮ ଇଞ୍ଚ ଓ ଲମ୍ବ ସୁବିଧା ଅନୁସାରେ ଟଳିପଟି ପ୍ରସ୍ତୁତ କରିବା ଦରକାର । ଚାରା ପକାଇବା ପୂର୍ବରୁ ମାଟିକୁ ଗୁଣ୍ଡ କରି ବର୍ଗମିଟର ପ୍ରତି ୧୦ ଗ୍ରାମ ଟ୍ରାଇକୋଡର୍ମା ଭିରିଡେ, ୪ କେଜି ଜିଆଖତ ବା ୬ କେ.ଜି ସଢା କମ୍ପୋଷ୍ଟ ମିଶାଇ ଧାଡି କରି ମଞ୍ଜି ବୁଣାଯାଏ । ୧୦ ରୁ ୧୫ ଦିନ ମଧରେ ଟ୍ରାଇକୋଡର୍ମା ଭିରିଡେ ଦ୍ରବଣ ଲିଟର ପ୍ରତି ୫ ଗ୍ରାମ ସିଞ୍ଚନ କଲେ ଚାରାରେ ମୂଳସଢା ଲାଗେ ନାହିଁ ।

**ମୁଖ୍ୟ ଜମି ପ୍ରସ୍ତୁତ ଓ ଖାଦ୍ୟସାର ପ୍ରୟୋଗ:-** ମୁଖ୍ୟଜମି ୪/୫ ଓଡ ଚାଷ କରି ମାଟିକୁ ଗୁଣ୍ଡ ଚାଷ କରି ମହି ଦେଇ ସମତୁଲ କରିଦେବା ଉଚିତ୍ । ଏହି ସମୟରେ ଏକର ପ୍ରତି ୧୦୦ କେଜି ନିମ୍ବ ପିଡିଆ ପ୍ରୟୋଗ କରିବା ଦରକାର । ଏହା ସହିତ ୨ କି.ଗ୍ରା P.S.B କଲଚର , ୨ କି.ଗ୍ରା ୩ କେଜି ଆଜୋଟୋବ୍ୟାକ୍ଟରକୁ ମାଟିରେ ବତର ଥିବା ସମୟରେ ଦିଆଯିବା ଦରକାର ।

**ଲଗାଇବା ପ୍ରଣାଳୀ:-** ଓଲକୋବିକୁ ଧାଡିକୁ ଧାଡି ୪୫ ସେ.ମି. ଓ ଗଛକୁ ଗଛ ୨୫ ସେ.ମି ବ୍ୟବଧାନରେ ଲଗାଇବା ଦରକାର ।

**ଜଳ ପରିଚାଳନା:-** ଚାରା ଲଗାଇବା ପରେ ଜମିରେ ହାଲକା ଜଳସେଚନ କରାଯାଏ । ଚାରା ଲଗାଇବାର ୧୫/୨୦ ଦିନ ଓ ୩୦/୩୫ ଦିନରେ କୋଡାଖୁସା କରି ଛାଦିକରଣ କରିଦେଲେ ଜଳ କମ୍ ଲାଗିବା ସହିତ ଅମଳ ବଢିଥାଏ । ମାଟିର ବତରକୁ ଦେଖି ଜଳସେଚନ କରିବା ଉଚିତ୍ ।

**ରୋଗପୋକ ପରିଚାଳନା:-** ଓଲକୋବ ଫସଲରେ ମୁଖ୍ୟ ରୋଗ ମଧରେ ମୂଳସଢା ରୋଗ, କାଣ୍ଡପଚା, ଘାରିକଟା ରୋଗ ଓ ଚେର ଗଣ୍ଠି ସୂତୀଜୀବ ଲାଗିଥାଏ । ଏହା ସହିତ ମୁଖ୍ୟ କ୍ଷତିକାରକ ପୋକ ମଧରେ ଠିକିରିପିଠିଆ ପୋକ, ଜଉପୋକ, କରତିଆଁ ମାଛି, ଧୂଆଁପତ୍ର ଗୋଟିପୋକ ଲାଗିଥାଏ ।

**ଏହାର ନିରାକରଣ ପାଇଁ**

୧. ସମନ୍ୱିତ ରୋଗପୋକ ପରିଚାଳନା
୨. ଖରାଦିନେ ଖରାଟିଆ ଚାଷ କରିବା ଦରକାର
୩. ଅନୁମୋଦିତ ଦୂରତାରେ ଚାରା ରୋପଣ
୪. ଅନୁମୋଦିତ ଖାଦ୍ୟସାର ପ୍ରୟୋଗ
୫. ଠିକ୍ ସମୟରେ ଜଳସେଚନ
୬. ନିର୍ଦ୍ଦିଷ୍ଟ ଜମିରେ ଲଗାତାର ଏକ ପନିପରିବା ଚାଷ ନକରିବା
୭. ଜମିକୁ ସର୍ବଦା ପରିଷ୍କାର ରଖିବା
୮. ତଳିପଟିକୁ ଜୈବିକ ବିଶୋଧନ କରିବା

**ଯାନ୍ତ୍ରିକ ପ୍ରଣାଳୀ**

୧. ଅଣ୍ଡା ପୁଞ୍ଜ, ଲାର୍ଭା ଓ ପୂର୍ଣ୍ଣାଙ୍ଗ କୀଟକୁ ସଂଗ୍ରହ କରି ମାରିଦେବା ।
୨. ରୋଗ ଓ ପୋକ ଫସଲକୁ ପୋତିଦେବା ବା ପୋଡିଦେବା

**ଜୈବିକ ପ୍ରଣାଳୀ**

୧. ଉପକାରୀ ପୋମାନଙ୍କୁ ସଂରକ୍ଷଣ କରିବା
୨. ପକ୍ଷୀ ବସିବା ପାଇଁ ଜମିରେ ବାଉଁଶ କାଠି ପୋତନ୍ତୁ ।
୩. ପରଜୀବି ଓ ପରଭୋଜୀ କୀଟ ଛାଡନ୍ତୁ ।
୪. ଜୈବିକ ବିଶୋଧକରେ ବିହନ ବିଶୋଧନ କରନ୍ତୁ ।
୫. ନିମ୍ବ ପ୍ରସ୍ତୁତ ଔଷଧ ପ୍ରୟୋଗ କରନ୍ତୁ ।
୬. ୫ ଶତକଡା ଲେମ୍ବୁପାଣି ପତ୍ର ସିଞ୍ଚନ କରନ୍ତୁ ।
୭. ହାଣ୍ଡି ଔଷଧ ବ୍ୟବାହାର କରନ୍ତୁ ।
୮. ବଜାରରେ ମିଳୁଥିବା ଜୈବିକ କୀଟନାଶକ ବ୍ୟବହାର କରନ୍ତୁ ।

ଅମଳ:- ଏକର ପ୍ରତି ୪୦/୫୦ କ୍ୱିଣ୍ଟାଲ୍ ଓଲକୋବି ଅମଳ ହୋଇଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |

**ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍**
E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ଲେଟ୍ୟୁସ ଚାଷ



ଲେଟ୍ୟୁସ ଏକ ସାଲାଡ୍ ଫସଲ, ଏହାର କଞ୍ଚା ପତ୍ରକୁ ସିଧା ଖିଅ ।ଯାଏ । ଏଥିରେ ପ୍ରଚୁର ପରିମାଣରେ ଧାତବ ଲବଣ ଭିଟାମିନ୍ କ, ଖ ଥାଏ । ଏହା ଏବେ ଆମ ରାଜ୍ୟରେ, ସହର ମାନଙ୍କର ଚାହିଦା ବଢିଲାଣି ।

**ଜଳବାୟୁ ଓ ମୃତ୍ତିକା:-** ଏହା ଏକ ଶୀତ ଦିନିଆ ଫସଲ, ଏହା ୧୩ ଡିଗ୍ରୀରୁ ୧୬ ଡିଗ୍ରୀ ସେଲ୍‌ସିଅସ୍ ଉତ୍ତାପରେ ଚାଷ ହୋଇଥାଏ । ଉତ୍ତାପ ବଢିଗଲେ ଅମଳରେ ବାଧାପ୍ରାପ୍ତ ହୁଏ । ଏହି ଫସଲ ନିଗିଡା, ଦୋରସା ଓ ବଳି ମାଟିରେ ଭଲ ହୋଇଥାଏ । ମାଟିର ଅ ମ୍ଳତା ୬.୦ ରୁ ୬.୫ ମଧ୍ୟରେ ରହିବା ଭଲ ।

**ଚାରା ପ୍ରସ୍ତୁତ:-** ଏକର ପ୍ରତି ୨୦୦ ରୁ ୨୦୦ ଗ୍ରାମ୍ ମଞ୍ଜି ଅ ।ବଶ୍ୟକ । ଏକର ଜମି ଚାଷ ପାଇଁ ୪୦ ରୁ ୫୦ ବର୍ଗମିଟର ତଳିପଟି ଦରକାର । ପ୍ରସ୍ଥ ୧ ମିଟର, ଉଚ୍ଚତା ୬ରୁ ୮ ଇଞ୍ଚ, ଲମ୍ବ ୩ ମିଟର ହେବା ଆବଶ୍ୟକ । ଏହି ବିହନକୁ ୨/୩ ଦିନ ପାଣିରେ ବତୁରାଇ ରଖିଲେ ଶୀଘ୍ର ଗଜା ହୋଇଥାଏ । ଅ କ୍ଟୋବର ଓ ନଭେମ୍ବର ମାସ ଲେଟ୍ୟୁସ୍ ଚାଷ ପାଇଁ ଉପଯୁକ୍ତ । ବର୍ତ୍ତମାନ ପାଣି ପାଗକୁ ନେଇ ପରିବର୍ତ୍ତନ କରାଯାଇପାରେ ।

**ଜମି ପ୍ରସ୍ତୁତ ଓ ଚାରାରୋପଣ:-** ମାଟିକୁ ୩/୪ ଓଡ ଚାଷ କରି ମାଟିକୁ ଗୁଣ୍ଡ କରି ପଟାଳି କରାଯାଏ । ପଟାଳି ୧.୫ ରୁ ୨ ମିଟର ହେବା ଦରକାର । ପଟାଳିରେ ଧାଡିକୁ ଧାଡି ୪୫ ସେ.ମି ଓ ଗଛକୁ ଗଛ ୪୫ ସେ.ମି ଦୂରତାରେ ଲଗାଯାଏ ।

**ଅନ୍ତଚାଷଃ ଓ ଜଳ ପରିଚାଳନା-** ଚାରା ରୋପଣ ପରେ ଜଳସେଚନ କରିବା ଦରକାର ଓ ୩/୪ ଦିନ ପରେ ହାଲୁକା ଜଳସେଚନ କରିବା ବିଧେୟ । ଏହା ପରେ ମାଟିର ବତରକୁ ଚାହିଁ ଜଳସେଚନ କରିବା ଦରକାର । ଘାସ ନିୟନ୍ତ୍ରଣ ପାଇଁ କୋଡାଖୁସା କରି ଘାସ ବାଛିଦେଲେ ଅମଳ ଭଲ ହୋଇଥାଏ ।

**ରୋଗପୋକ ପରିଚାଳନା:-** ସାଧାରଣତଃ ଲେଟ୍ୟୁସ ଫସଲରେ ବେଶୀ ରୋଗ ଦେଖାଯାଏ ନାହିଁ । କେତେକ ସ୍ଥାନରେ ଜଉପୋକ ଲାଗିଥାଏ । ଏହାର ନିରାକରଣ ପାଇଁ ହାଣ୍ଡି ଔଷଧ, ନିମ୍ବ ପାଚନ ପାଣି କିମ୍ବା ନିମ୍ବ ପ୍ରସ୍ତୁତ ଔଷଧ ପ୍ରୟୋଗ କଲେ ଭଲ ଫଳ ମିଳିଥାଏ ।

**ଅମଳ:-** ଏହା ଏକର ପ୍ରତି ହାରାହାରି ୨୦ ରୁ ୩୦ କ୍ୱିଣ୍ଟାଲ୍ ଅ ମଳ ମିଳିଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |


ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍
E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ କ୍ୟାପ୍ସିକମ୍ ଚାଷ



କ୍ୟାପ୍ସିକମ୍ ଗତ କେତେ ବର୍ଷ ହେଲାଣି ଆମ ରାଜ୍ୟରେ ଏହାର ଚାହିଦା ବଢ଼ିବାରେ ଲାଗିଛି । ଏହାକୁ ବହୁତ ଲୋକ ସିମିଲା ଲଙ୍କା କୁହନ୍ତି । ଏଥିରେ ଆଚାର, ସାଲାଡ୍, ଅନେକ ପ୍ରକାର ଫାଷ୍ଟଫୁଡ୍ ତିଆରିରେ ବ୍ୟବହୃତ ହୁଏ । ଏଥିରେ ପ୍ରଚୁର ପରିମାଣର ପୁଷ୍ଟିସାର ରହିଛି । ନିୟମିତ ଏହି ପରିବା ଖାଇଲେ କର୍କଟ ରୋଗ ପ୍ରାୟତଃ ହୁଏ ନାହିଁ ।

**କିସମ:-** ଏବେ ଅନେକ ପ୍ରକାର ଉନ୍ନତ କିସମ ବାହାରିଲାଣି । ସେ ସବୁ ମଧରେ କାଲିଫର୍ଣ୍ଣିଆ ୱାଣ୍ଡର, ଆର୍କା ମୋହିନୀ, ଆର୍କା ଗୌରବ, ଆର୍କା ବସନ୍ତ, ଶଙ୍କର, ଇନ୍ଦ୍ର ପୁଷ୍ପାଦିପ୍ତୀ, ମହାଭାରତ, ଭାରତ, ବମ୍ବେ, ଶବନମ୍ ଓ ତାରା ଇତ୍ୟାଦି ।

**ଜଳବାୟୁ ଓ ମୃର୍ତ୍ତିକା:-** କ୍ୟାପ୍ସିକମ୍ ଚାଷ ସାଧାରଣତଃ ଶୀତଦିନେ କରାଯାଏ । ଖରାଦିନେ ଏହା ପଲି ହାଉସ୍ ମଧରେ କମ୍ ତାପମାତ୍ରା କରାଯାଇ ଚାଷ କରାଯାଇ ପାରିବ । ନିଗିଡା, ଦୋରସା, ଉର୍ବର, ମାଟିରେ ଏହାର ଚାଷ ବିଶେଷ ଲାଭଜନକ । ମାଟିର ଅମ୍ଳତା ୫.୫ ରୁ ୬.୮ ମଧରେ ରହିବା ଅ ।ବଶ୍ୟକ ।

**ଚାରା ପ୍ରସ୍ତୁତ:-** ଏକ ଏକର ଜମି ପାଇଁ ପ୍ରାୟ ୧୫୦ ରୁ ୨୦୦ ଗ୍ରାମ ମଞ୍ଜି ଦରକାର । ଶଙ୍କର ମଞ୍ଜି ହେଲେ ୮୦ ରୁ ୧୦୦ ଗ୍ରାମ୍ ଆବଶ୍ୟକ ହୋଇଥାଏ । ଚାରା ପଟାଳି ନିଗିଡା, ଉର୍ବର , ଦୋରସା ଓ ସୂର୍ଯ୍ୟକିରଣ ପ ଡୁଥିବା ଦରକାର । ୧ ମିଟର ଓସାର, ୬ ଇଞ୍ଚ ଉଚ୍ଚତା ଓ ସୁବିଧା ଅନୁଯାୟୀ ପଟାଳିର ଲମ୍ବ ପ୍ରସ୍ତୁତ କରାଯାଏ । ପ୍ରତି ବର୍ଗମିଟର ୨/୩ କି.ଗ୍ରା ଜିଆଖତ ବା ୪/୫ କି.ଗ୍ରା ସଢ଼ାଖତକୁ ଚାରା ପକାଇବାର ୧୦/୧୫ ଦିନ ଟ୍ରାଇକୋଡର୍ମା ଭିରିଡେ କୁ ମିଶାଇ ବା ଦରକାରକାରଣ ତଳିପଟିରେ ମୂଳସଢ଼ା ଲାଗେ ନାହିଁ । ମଞ୍ଜିକୁ ମଧ ଟ୍ରାଇକୋଡର୍ମା ଭିରିଡେ ବା ଦେଶୀ ଗୋମୂତ୍ର ବା ଜୀବାମୃତରେ ବିଶୋଧିତ କରି ଧାଡିରେ ମଞ୍ଜି ବୁଣିବା ଦରକାର । ଗଛ ଉଠିବାର ୩୦ ରୁ ୩୫ ଦିନ ମଧରେ ଚାରା ଲଗାଇବା ପାଇଁ ଉପଯୁକ୍ତ ।

**ଜମି ପ୍ରସ୍ତୁତ ଓ ଚାରା ରୋପଣ:-** ଚାରା ରୋପଣ ପୂର୍ବରୁ ୪/୫ ଓଡ ଚାଷ କରି ମାଟିକୁ ଗୁଣ୍ଡ କରି ମଇ ଦେଇ ସମାନ କରିବା ଦରକାର । ଏହି ସମୟରେ ଜମିରେ ଏକର ପିଛା ୧୦୦କେ.ଜି ନିମ୍ବ ବା କରଞ୍ଜ ପିଡିଆ ଓ ୨ କି.ଗ୍ରା ଟ୍ରାଇକୋଡର୍ମା ଭିରିଡେ ଖତ ସହିତ ମିଶାଇ ମାଟିରେ ପ୍ରୟୋଗ କଲେ ସୃତକୃମି ଜନିତ ରୋଗ ହୁଏ ନାହିଁ । ଏହା ପରେ ଧାଡିକୁ ଧାଡି ୬୦ ସେ.ମି ଓ ଗଛକୁ ଗଛ ୪୫ ସେ.ମି ବ୍ୟବଧାନରେ ଚାରାକୁ ଜୀବାମୃତ ବା ଟ୍ରାଇକୋଡର୍ମା ଭିରିଡେ ସହିତ ଜୀବାଣୁ ସାର ଉପଚାର କରି ଲଗାଯାଏ ।

**ଜଳ ପରିଚାଳନା:-** ଚାରା ରୋପଣରେ ସିଞ୍ଚା ପାଣି ଦିଆଯାଏ । ଏହାପରେ ମାଟିର ବତର ଦେଖି ଜଳସେଚନ କରାଯାଏ । କୌଣସି ପରିସ୍ଥିତିରେ ମାଟି ଶୁଖାଯିବା ଉଚିତ୍ ନୁହେଁ । ୧୫/୨୦ ଦିନରେ ମାଟି କୋଡାଖୁସା କରି ଘାସ ବଛା ଓ ୩୦ ରୁ ୩୫ ଦିନ ଦ୍ୱିତୀୟ ଥର କୋଡାଖୁସା କରି ଘାସ ବାଛି ହୁଡା ଟେକିଦେଲେ ଭଲ । ଏହାପରେ ହୁଡା ମାଧମରେ ମାଟିର ବତରକୁ ଦେଖି Alternative Chanel Irrigation (ହୁଡା ଛାଡି ହୁଡା) କଲେ କମ୍ ଜଳ ଆବଶ୍ୟକ କରେ । ମାଟିରେ ଶୁଖିଲା ପତ୍ର, ନଡା କିମ୍ବା ପଲିଥିନ୍ ଛାଦିକରଣ ଦ୍ୱାରା ଜଳସେଚନ ପରିମାଣ କମିଯିବା ସଂଗେ ସଂଗେ ଘାସର ପରିମାଣ ମଧ କମ୍ କରାଯାଇପାରେ ।

**ରୋଗପୋକ ପରିଚାଳନା:-** କ୍ୟାପ୍ସିକମ୍ ମୁଖ୍ୟତଃ ଘାରିକଟା ରୋଗ, ଫଳପଚା ରୋଗ, ପାଉଁଶିଆ ରୋଗ ଲାଗିଥାଏ । ଏହା ପ୍ରତିକାର ପାଇଁ ଚାରାକୁ ବିଶୋଧନ କରି ଲଗାଯାଏ । ଜମି ବିଶୋଧନ ପାଇଁ ଟ୍ରାଇକୋଡର୍ମା ଭିରିଡେ ପ୍ରୟୋଗ କରନ୍ତୁ । ଏହି ଫସଲରେ ମୁଖ୍ୟତଃ ଉଙ୍କୁଣିଆ ପୋକ, ଜଉପୋକ, ହଳଦିଆ ପୋକ ଓ ଅଷ୍ଟପଦୀ ପୋକ ଲାଗିଲେ ଜୈବିକ କୀଟ ନିୟନ୍ତ୍ରକ ଯଥା:- ହାଣ୍ଡି ଔଷଧ, ନିମ୍ବ ପାଚନ ପାଣି, ନିମ୍ବ ପ୍ରସ୍ତୁତ ଔଷଧ ବ୍ୟବହାର କରାଯାଇପାରିବ । ପରଶ୍ରୟୀ କୀଟ ଯଥା- ଟ୍ରାଇକୋଡର୍ମା ଭିରିଡେ ଚିଲୋନିସ୍ , ଘଟଠ ଏକର ପ୍ରତି ୨୦୦୦୦ (କୀଟ ଦ୍ୱାରା କୀଟ ଦମନ) ୭ରୁ ୧୦ ଦିନ ଅନ୍ତରରେ ବ୍ୟବହାର କରାଯିବା ଓ ୪ ରୁ ୫ ଥର ପ୍ରୟୋଗ କରାଯିବା ଦରକାର । ଜଉପୋକ ଓ ଶୋଷକ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦ ରୁ ୫୦ ଟି ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରାଯିବା ଉଚିତ୍ ଓ ପରଭୋଜୀ କୀଟ ଯଥା ବ୍ରାକନ୍ କାରାବିଡ ଭୃଙ୍ଗ, ବୁଢ଼ିଆଣୀ ବାଘୁଆ କଙ୍କି, ସରୁ କଙ୍କି ଓ ଇନ୍ଦ୍ରଗୋପୀ ଭୃଙ୍ଗ ମାନଙ୍କର ସଂରକ୍ଷଣ କରନ୍ତୁ । ଏକର ପ୍ରତି ପକ୍ଷୀ ବସିବା ପାଇଁ ୪୦/୫୦ ଟି ବାଉଁଶ କଣି ପୋତନ୍ତୁ ।

**ଅମଳ:-** ପ୍ରଥମ ଅମଳ ଚାରା ଲଗାଇବାର ୫୫ ରୁ ୬୦ଦିନରେ ଅମଳ ମିଳିଥାଏ । ଏକରରୁ ୬୦ ରୁ ୭୦ କ୍ୱିଣ୍ଟାଲ୍ ଅମଳ ମିଳିଥାଏ ।

(ବିଦ୍ର:- N.P.V ନ୍ୟୁକ୍ଲିଅର ପଲିହେଡ୍ରୋସିସ୍ ଭାଇରସ୍, ଟ୍ରାଇକୋଗାମା ବିଟି ଜୀବାଣୁ ବିଭିନ୍ନ ସରକାରୀ (କୃଷି ବିଭାଗ, କୃଷି ବିଶ୍ୱ ବିଦ୍ୟାଳୟ) ଓ ବେସରକାରୀ ସଂସ୍ଥା ମାନଙ୍କରେ ଉପଲବ୍ଧ ।)

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢ଼ା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |


**ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ କାକୁଡି ଚାଷ



କାକୁଡି ସମସ୍ତଙ୍କର ପ୍ରିୟ ପରିବା । ଏହାକୁ କଞ୍ଚା ଖାଉଥିବାରୁ ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର ହୋଇଥାଏ । ଏହା କୋଷ୍ଠ କାଷ୍ଠି. ବଦ ହଜମି ନିମନ୍ତେ ବ୍ୟବହାର କରାଯାଏ । ଏଥିରେ ଯଥେଷ୍ଟ ପରିମାଣରେ ଧାତବ ଲବଣ ୦.୪ ଭାଗ ପୁଷ୍ଟିସାର, ୨.୫ ଭାଗ ଶ୍ୱେତସାର ରହିଥାଏ ।

**ଜଳବାୟୁ ଓ ମୃତ୍ତିକା:-** ସାଧାରଣତଃ କାକୁଡି ଏକ ଉଷ୍ଣମଣ୍ଡଳୀୟ ଫସଲ । ଏହାର ତାପମାତ୍ରା ୧୮ ରୁ ୩୦ ଡିଗ୍ରୀ ରହିଲେ ଭଲ । ଅଧିକ ଉତ୍ତାପ ହେଲେ କାକୁଡି ଫସଲରେ ଅଧିକ ଅଣ୍ଡିରା ଫୁଲ ଆସେ । ମାଟିର ଅମ୍ଳତା ୫.୫ ରୁ ୬.୭ ମଧ୍ୟରେ ରହିଲେ ଭଲ । ବାଲିଆ ତଥା ଦୋରସା ମାଟିରେ ଫସଲ ଭଲ ହୋଇଥାଏ । ମଟାଳ ମାଟିରେ ମଧ୍ୟ ଏହି ଚାଷ ହୋଇପାରିବ ତେବେ ପାଣି ଜମି ରହିବା ଉଚିତ୍ ନୁହେଁ । ଆମ ରାଜ୍ୟର ଉଷ୍ମ ଓ ଆଦ୍ର ଜଳବାୟୁରେ ଏହାର ଚାଷ ଭଲ ହୋଇଥାଏ । କାକୁଡିରେ ଅନେକ ପ୍ରକାର ଉନ୍ନତ କିସମ ରହିଛି, ଯଥା - ସୁପ୍ରିୟା, ଚଇତାଳି ବାରପତ୍ରୀ, ହିମାଙ୍ଗୀ, ଫୁଲେ, ଶୁଭାଙ୍ଗୀ, ଜାପାନିକ ଲଙ୍ଗ ଗ୍ରୀନ୍, ପୁଷ ସଂଯୋଗ, ପୋଏନସେଟ୍ ଇତ୍ୟାଦି । ଶଙ୍କର କିସମ ଯଥା - ପ୍ରିୟା, ରିଗାଲ, ଲକି, ଆଲିଶାନ୍, ଟେଷ୍ଟି, ସିମରନ, ମାଳିନୀ ଇତ୍ୟାଦି । ଜୈବିକ ପଦ୍ଧତିରେ ଚାଷ କରୁଥିଲେ ଶଙ୍କର ବିହନ ନ କରିବା ଭଲ । ଏକର ପ୍ରତି ୧ ରୁ ୧.୫ କି.ଗ୍ରା ବିହନ ଦରକାର ହୋଇଥାଏ ।

**ଜମି ପ୍ରସ୍ତୁତି ଓ ବିହନ ଲଗାଇବା ପ୍ରଣାଳୀ:-** ମଞ୍ଜିକୁ ଜୈବିକ ବିଶୋଧନରେ ଯଥା ଦେଶୀ ଗୋମୂତ୍ର, ବୀଜାମୃତ ବା ଟ୍ରାଇକୋଡର୍ମା ଭିରିଡେରେ ବିଶୋଧିତ କରିବା ପରେ ଲଗାଯାଏ । ଲଗାଇବା ପୂର୍ବରୁ ବିହନକୁ ୫ରୁ ୧୦ ଘଣ୍ଟା ପାଣିରେ ଭିଜାଇ ଲାଗାଇଲେ ଶୀଘ୍ର ଗଜା ହୋଇଥାଏ । ଏହା ଜୁନ୍-ଜୁଲାଇ, ଜାନୁୟାରୀରୁ ମାର୍ଚ୍ଚ ମାସରେ ଲଗାଯାଏ, କିନ୍ତୁ ଆଜିକାଲି ଅକ୍ଟୋବର-ଡିସେମ୍ବର ମାସରେ ଲଗାଯାଇପାରୁଛି । ଧାଡିକୁ ଧାଡି ୧.୫ ମିଟର ଓ ମନ୍ଦାକୁ ମନ୍ଦା ୧.୫ ମିଟରରେ ଖୋଳି ଖତସାର ମିଶାଇ ମଞ୍ଜି ଲଗାଇବାର ୧-୨ ଦିନ ପୂର୍ବରୁ ଜଳସେଚନ କରି ମନ୍ଦା ପ୍ରତି ୪-୫ ମଞ୍ଜି ଲଗାଇ ହାଲୁକା ଜଳସେଚନ ଦିଆଯାଏ ।

**ଖାଦ୍ୟସାର ପ୍ରୟୋଗ:-** କାକୁଡି ଫସଲରେ ଏକର ପିଛା ୩ ଟନ୍ ସଢ଼ା ଗୋବର ଖତ ଓ ୧୦ ଟନ୍ ଜିଆଖତ ମନ୍ଦାରେ ଦେଲେ ଭଲ । ଏହା ସହିତ ୫୦/୬୦ କି.ଗ୍ରା ସଢ଼ାଖତ ବା ଜିଆଖତ ସହିତ ୩ କେ.ଜି ଟ୍ରାଇକୋଡର୍ମା ଭିରିଡେ ମିଶାଇ ପ୍ରତି ମନ୍ଦାରେ ଦେଲେ ଝାଉଁଳା ରୋଗ ଲାଗିନଥାଏ । ଆଜି କାଲି ଅନେକ କମ୍ପାନୀ ବିଭିନ୍ନ ପ୍ରକାର ଜୈବିକ ସାର ବାହାର କଲେଣି । ଏହାର ପ୍ରୟୋଗରେ ମଧ୍ୟ ଭଲ ଫସଲ ହୋଇପାରୁଛି । ଏହା ସହିତ PSB କଲଚର, ପଟାସ୍ ଓ ଅଜୋଟବ୍ୟାକ୍ଟର ଜୀବାଣୁ ସାର ଖତ ସହିତ ମିଶାଇ ପ୍ରୟୋଗ କରାଯିବା ଦରକାର । ଗଛ ଉଠିବାର ୧୫ ଦିନ ପରେ ପ୍ରତି ମନ୍ଦାରେ ଯଥେଷ୍ଟ ବତରଥିବା ସମୟରେ ଏକର ପ୍ରତି ୨୦୦ ଲିଟର ଜୀବାମୃତ ପ୍ରୟୋଗ କରିବା ଦରକାର ଓ ଏହାପରେ ପ୍ରତି ୧୫ ଦିନ ଅନ୍ତରରେ ଜୀବାମୃତ ୩ରୁ ୪ ଥର ପ୍ରୟୋଗ କରାଯାଏ । ଏହା ସହିତ ଜିଆଜଳସାର ମଧ୍ୟ ପ୍ରୟୋଗ କରାଯାଇପାରେ ।

**ଘାସ ଓ ଜଳ ପରିଚାଳନା:-** ୨୦ ଓ ୩୫ ଦିନ ବେଳକୁ କୋଡାଖୁସା କରି ଘାସ ବାଛି ମୂଳକୁ ହୁଡା ଟେକିଦେବା ଦରକାର । ବର ଦେଖି ଜଳସେଚନ କରାଯାଏ । କୌଣସି ଅବସ୍ଥାରେ ଜମିରେ ପାଣି ନ ରହିବା ଦରକାର ।

**ହରମୋନ୍ ପ୍ରୟୋଗ:-** ସାଧାରଣତଃ କହିବାକୁ ଗଲେ କାକୁଡି ଫସଲରେ ମାଛି ଓ ଅଣ୍ଡିରା ଫୁଲ ଗୋଟିଏ ଗଛରେ ହୋଇଥାଏ । ଏକ ଭଲ କିସମ ଅଧିକ ଅମଳ ପାଇବା ପାଇଁ ମାଈ ଫୁଲର ପରିମାଣ ଅଣ୍ଡିରା ଫୁଲ ଠାରୁ ଅଧିକ ରହିବା ଦରକାର । ଏଥିପାଇଁ କେତେକ ହରମୋନ ପ୍ରୟୋଗ କରାଯାଏ । ଏଥିପାଇଁ ଜୈବିକ ହରମୋହନ ଯଥା:- ଅଣ୍ଡାଟନିକ୍ ବା ମାଛ ଅଟିକ୍ ପ୍ରତି ୧ ଲିଟର ପାଣିରେ ୨ରୁ ୪ ମି.ଲି ଗ୍ରାମ ସକାଳ ବା ସନ୍ଧ୍ୟା ସମୟରେ ପ୍ରୟୋଗ କରିବା ଦରକାର ।

**ରୋଗପୋକ ପରିଚାଳନା:-** କାକଡୁ ଫସଲରେ ମୁଖ୍ୟତଃ ପାଉଁଶିଆ ରୋଗ, ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିଥାଏ । ଏଥିପାଇଁ ଦହିଦ୍ରବଣ ଠିକ୍ ପରିମାଣରେ ପ୍ରୟୋଗ କଲେ ଏହାର ସୁଫଳ ମିଳେ । ଏହାସହିତ କାକୁଡି ଫସଲରେ ନାଲି କଖାରୁ ପୋକ, କାଙ୍କେଡିଆ ଫଳ ମାଛି ଲାଗିଥାଏ । ଏହାର ପ୍ରତିକାର ପାଇଁ ହାଣ୍ଡିଔଷଧ, ନିମ୍ବ ପାଚନ ପାଣି, ନିମ ପ୍ରସ୍ତୁତ ଔଷଧ ଓ ବଜାରରେ ମିଳୁଥିବା ଅନେକ ପ୍ରକାରର ଜୈବିକ ଔଷଧ ପ୍ରୟୋଗ କରାଯାଇପାରିବ । ଏହା ସଂଗେ ସଂଗେ ସମନ୍ୱିତ ରୋଗପୋକ ପରିଚାଳନା କଲେ ସୁଫଳ ମିଳିଥାଏ ।

୧. ଜମିକୁ ଖରାଦିନେ ଖରାଟିଆ ଗଭୀର ଚାଷ ୨.ଫସଲ ପର୍ଯ୍ୟାୟ ପରିଚାଳନା ୩. ରୋଗୀ ଓ ପୋକା ଗଛ ଉପାଡି ନଷ୍ଟ କରିବା (ପୋତି ଦେବା ବା ପୋଡି ନଷ୍ଟ କରିବା) ୪. ଫସଲ ଅମଳ ବେଳେ ଗଛ କ୍ଷତି ନକରିବା ୫. ହାତରେ ବିଭିନ୍ନ ପ୍ରକାର କ୍ଷତିକାରକ ଭୃଙ୍ଗଙ୍କୁ ନଷ୍ଟ କରିବା

**ଉପକାରୀ କୀଟ ଯଥା:-** ଇନ୍ଦ୍ରଗୋପି ଭୃଙ୍ଗ, ବୁଢ଼ିଆଣୀ, କରାବିଡି ଭୃଙ୍ଗ, କଙ୍କି ଆଦି ଉପକାରୀ ପୋକକୁ ସଂରକ୍ଷଣ କରିବା ।

ଏକର ପ୍ରତି ୪୦ ରୁ ୫୦ ଟି ପକ୍ଷୀ ଆଶ୍ରୟ ସ୍ଥଳ ସୃଷ୍ଟି କରିବା ।

ମାଟି ଓ ବିହନକୁ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରିବା ।

**ଅମଳ:-** କାକୁଡିକୁ ସାଧାରଣତଃ ସବୁଜ କଅଁଳ ଅବସ୍ଥାରେ ତୋଳିଲେ ଅଧିକ ଫଳ ମିଳିଥାଏ । ପ୍ରତି ୨ଅନ୍ତରରେ ତୋଳି ବଜାରକୁ ପଠାଇବା ଫଳକୁ ଧୋଇ ପଠାଇଲେ ବଜାର ଦର ଅଧିକ ମିଳିଥାଏ । ଭଲ ଚାଷରୁ ୩୫ ରୁ ୪୦ କ୍ୱିଣ୍ଟାଲ ଅମଳ ମିଳିଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢ଼ା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |

**ଆଇ-କନ୍‌ସେପ୍ଟ ଇନିସିଏଟିଭ୍ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ କଲରା ଚାଷ



କଲରାର ଔଷଧ ଗୁଣ ପାଇଁ ପରିବା ମଧ୍ୟରେ ଏହାର ସ୍ଥାନ ସ୍ୱତନ୍ତ୍ର । ତେଣୁ କଥାରେ ଅଛି " ରୁଚୁ ନ ରୁଚୁ ଖା ପିତା, ବୁଝ ନା ବୁଝ ପଢ ଗୀତା" ଏଥିରୁ ବୁଝାପଡେ ଏହା ଏକ ପିତା ପରିବା ହୋଇଥିବାରୁ ଏଥିରେ ଅନେକ ଔଷଧୀୟ ଗୁଣ ରହିଛି । ନିୟମିତ କଲରା ଖାଇଲେ ମଧୁମେହ ରୋଗ ହୁଏ ନାହିଁ ।

**ଜଳବାୟୁ ଓ ମୃତ୍ତିକା:-** ଆମ ରାଜ୍ୟର ସବୁ ଅଞ୍ଚଳରେ କଲରା ଚାଷ ପାଇଁ ଉପଯୋଗୀ । ମାତ୍ର ମାଟି ନିଗିଡା, ଦୋରସା, ମଟାଳ ଦୋରସା ହେଲେ ଭଲ । ବାୟୁ ମଣ୍ଡଳର ଉତ୍ତାପ ୨୫ ରୁ ୩୦ ଡିଗ୍ରୀ ରହିବା ଦରକାର । ଉତ୍ତାପ କମିଲେ ବା ବଢିଲେ କଲରା ଚାଷରୁ ଠିକ୍ ଅମଳ ମିଳେ ନାହିଁ । ଏହି ଚାଷ ପାଇଁ ମାଟିର ଅମ୍ଳତା ୬.୫ ରୁ ୭ ମଧ୍ୟରେ ରହିବା ଭଲ ।

**କିସମ:-** କଲରାର ଅନେକ ଉତ୍ତମ କିସମ ରହିଛି ଯଥା:- ପୁଷା ଦୋ ମୌସମୀ, ଆର୍କା ହରିତ, ପ୍ରିୟା, ପ୍ରିତୀ, ପ୍ରିୟଙ୍କା, ନଖରା ଇମ୍ ପ୍ରାଉଡ୍, ଗ୍ରୀନ୍ ଲଙ୍କା ଇତ୍ୟାଦି । ଏହା ଛଡା ଅନେକ ଶଙ୍କର କିସମ ମଧ୍ୟ ରହିଛି । କିନ୍ତୁ ଜୈବିକ ଚାଷ କରୁଥିଲେ ଶଙ୍କର କିସମ ନ କରିବା ଭଲ । କଲରା ଚାଷ ପାଇଁ ଏକର ପ୍ରତି ୨କି.ଗ୍ରା ବିହନ ଦରକାର ।

**ଜମି ପ୍ରସ୍ତୁତ ଓ ବିହନ ବୁଣିବା ପ୍ରଣାଳୀ:-** ଜମିକୁ ୩/୪ ଓଡ ଭଲଭାବରେ ଚାଷ କରିବା ଉଚିତ୍ । ଏହାପରେ ଧାଡିକୁ ଧାଡି ୫ ଫୁଟ ବ୍ୟବଧାନରେ ୩୦ ସେ.ମି ବ୍ୟାସ ବିଶିଷ୍ଟ ଉଚ୍ଚା ଥିବା ମନ୍ଦାରେ ୨ ସେ.ମି ଗଭୀରରେ ପୋତାଯାଏ । ମଞ୍ଜି ପୋତିବା ପୂର୍ବରୁ ମଞ୍ଜିକୁ ୧୨ ରୁ ୨୪ ଘଣ୍ଟା ପାଣିରେ ଭିଜାଇ ଲଗାଇଲେ ଶୀଘ୍ର ଗଜା ହୋଇଥାଏ । ମଞ୍ଜି ଲଗାଇବା ପୂର୍ବରୁ ଗୋମୂତ୍ର ବା ଜୀବାମୃତ ବା ଟ୍ରାଇକୋଡର୍ମା ଭିରିଡେରେ ମଞ୍ଜି ବିଶୋଧନ କରିବା ଦରକାର ।

**ଘାସ ଓ ଜଳପରିଚାଳନା:-** ୨୦-୩୦ ଓ ୪୦-୫୦ ଦିନରେ ୨ ଥର କୋଡାଖୁସା କରି ବାଛି ଦେଇ ମୂଳକୁ ମାଟି ଟେକି ଦେଲେ ଖରା ଓ ଶୀତ ଦିନେ ଜଳସେଚନ ଓ ବର୍ଷାଦିନେ ଜଳ ନିଷ୍କାସନ ସୁବିଧାରେ ହୋଇଥାଏ । ଖରାଦିନେ ମାଟିର ବତରକୁ ଚାହିଁ ୪ରୁ ୫ ଦିନ ମଧ୍ୟରେ ଓ ଶୀତ ଦିନରେ ୭ରୁ ୮ ଦିନରେ ଜଳସେଚନ କରାଯାଏ, ଏହା ସହିତ ରଞ୍ଜା(ଟ୍ରେଲିସ୍) ବା ଟନେଲ ପଦ୍ଧତିରେ ଚାଷ କଲେ ରୋଗପୋକ କମ୍, ଅନ୍ତଚାଷ ସହଜ ଓ ଅମଳ ଅଧିକ ହୋଇଥାଏ । ପୁଣି ଯଦି ଛାଦିକରଣ କରାଯାଏ ତେବେ ଘାସ କମ୍ ହେବା ସହିତ ଅମଳ ଅଧିକ ହୋଇଥାଏ । ଛାଦିକରଣ ପ୍ଲାଷ୍ଟିକ୍, ନଡା ବା ଶୁଖିଲା ଘାସ ଲଟାରେ ହୋଇପାରେ ।

ହରମୋନ୍ ପରିଚାଳନା:- କଲରା ଫସଲରେ ହରମୋନ୍ ପ୍ରୟୋଗ କଲେ ଅଧିକ ମାଈଫୁଲ ଆସିଥାଏ । ଏଥିପାଇଁ ଅଣ୍ଡାଟନିକ୍ ବା ମାଛଟନିକ୍ ପ୍ରତି ଲିଟର ପାଣିରେ ୨ରୁ ୪ ଗ୍ରାମ୍ ମିଶାଇ ପ୍ରୟୋଗ କରାଯାଇପାରେ ।

ରୋଗପୋକ ପରିଚାଳନା:- କଲରା ଫସଲରେ ମୁଖ୍ୟତଃ ନିମ୍ନମୁଖୀ ପାଉଁଶିଆ ରୋଗ ଓ ପତ୍ରପୋଡା ରୋଗ ହୋଇଥାଏ । ଏଥିପାଇଁ ଦହିଦ୍ରବଣ ପ୍ରୟୋଗ କଲେ ଭଲ ଫଳ ମିଳେ । ଏହା ସହିତ କଲରାରେ କାଙ୍କେଡିଆ ପୋକ, ଫଳମାଛି, ପତ୍ରସୁଡଙ୍ଗ ପୋକ ଦେଖାଦେଲେ ହାଣ୍ଡି ଔଷଧ ବା ନିମଜାତ ଔଷଧ ନିୟମିତ ପ୍ରୟୋଗ କଲେ ସୁଫଳ ମିଳିଥାଏ । ଆଜିକାଲି ବଜାରରେ ଅନେକ ପ୍ରକାର ଜୈବିକ ଔଷଧ ବାହାରିଲାଣି ଏହା ମଧ୍ୟ ପ୍ରୟୋଗ କରାଯାଇପାରେ । କିନ୍ତୁ ଯଦି ସମନ୍ୱିତ ରୋଗପୋକ ପରିଚାଳନା କରାଯାଏ ତେବେ ଅଧିକ ସୁଫଳ ମିଳେ ।

୧. ଜମିକୁ ଖରାଦିନେ ଖରାଟିଆ ଗଭୀର ଚାଷ

୨. ଫସଲ ପର୍ଯ୍ୟାୟ ପରିଚାଳନା

୩. ରୋଗା ଓ ପୋକା ଗଛ ଉପାଡି ନଷ୍ଟ କରିବା (ପୋତି ଦେବା ବା ପୋଡି ନଷ୍ଟ କରିବା)

୪. ଫସଲ ଅମଳ ବେଳେ ଗଛ କ୍ଷତି ନକରିବା

୫. ହାତରେ ବିଭିନ୍ନ ପ୍ରକାର କ୍ଷତିକାରକ ଭୃଙ୍ଗକୁ ନଷ୍ଟ କରିବା

**ଉପକାରୀ କୀଟ ଯଥା:-** ଇନ୍ଦ୍ରଗୋପି ଭୃଙ୍ଗ, ବୁଢିଆଣୀ, କରାବିଡି ଭୃଙ୍ଗ, କଙ୍କି ଆଦି ଉପକାରୀ ପୋକକୁ ସଂରକ୍ଷଣ କରିବା ।

ଏକର ପ୍ରତି ୪୦ ରୁ ୫୦ ଟି ପକ୍ଷୀ ଆଶ୍ରୟ ସ୍ଥଳ ସୃଷ୍ଟି କରିବା ।

ମାଟି ଓ ବିହନକୁ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରିବା ।

**ଅମଳ:-** କଅଁଳ ଅବସ୍ଥାରେ କଲରା ତୋଳାଗଲେ ଅଧିକ ଅମଳ ଓ ଭଲ ଦାମ୍ ମିଳିଥାଏ । ଫୁଲ ଫୁଟିବାର ୫୦ ରୁ ୫୫ ଦିନରେ ପ୍ରଥମ ଅମଳ ମିଳିଥାଏ ଓ ଏକର ପ୍ରତି ୩୦ ରୁ ୪୦ କ୍ୱିଣ୍ଟାଲ୍ ଅମଳ ମିଳିଥାଏ ।

### ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |


**ଆଇ-କନ୍ସେପ୍ଟ ଇନିସିଏଟିଭ୍ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ଜହ୍ନି ଚାଷ



ଆମ ରାଜ୍ୟରେ ଚାଷ ହେଉଥିବା ପନିପରିବା ଫସଲ ମଧ୍ୟରେ ଜହ୍ନି ଏକ ପ୍ରମୁଖ ଓ ଲାଭଦାୟକ ଫସଲ । ଏହା ଭାରତର ପୂର୍ବ ଓ ଦକ୍ଷିଣ ଭାଗରେ ବହୁଳ ଭାବରେ ଚାଷ କରାଯାଏ । ଜହ୍ନି ବର୍ଷା ଓ ଖରାଦିନେ ଚାଷ କରାଯାଏ । ଏହାର ଆଦର ସମସ୍ତଙ୍କୁ ବେଶ୍ ଜଣା । ଏହା ଭଜା ଓ ତରକାରୀ ହିସାବରେ ବ୍ୟବହୃତ ହୋଇଥାଏ । ଏଥିରେ ଶତକଡା ୩.୪ ଭାଗ ଶ୍ୱେତସାର, ୦.୫ ଭାଗ ପୁଷ୍ଟିସାର, ଓ ଯଥେଷ୍ଟ ପରିମାଣରେ ଲବଣ ଓ ଜୀବନୀକା ଥାଏ ।

**ଜଳବାୟୁ ଓ ମୃତ୍ତିକା କିସମ:-** ଆମ ରାଜ୍ୟର ଜଳବାୟୁରେ ଜହ୍ନ ଚାଷ ଭଲ ହୋଇଥାଏ । ୨୫ ରୁ ୩୦ ଡିଗ୍ରୀ ତାପମାତ୍ରା ମଧ୍ୟରେ ଭଲ ଫସଲ ବଢେ । ଫୁଲ ଓ ଫଳ ସମୟରେ ଅଧିକ ବର୍ଷା ହେଲେ ଉତ୍ପାଦନରେ ବାଧାପ୍ରାପ୍ତ ହୁଏ ଓ ଉତ୍ତାପ ଅଧିକ ରହିଲେ ଅଣ୍ଡିରା ଫୁଲ ଅଧିକା ହୋଇଥାଏ । ଉର୍ବର ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ । ଏହାର ଉନ୍ନତ କିସମଗୁଡିକ ହେଲା:- ଧାରା, କନ୍ୟାକୁମାରୀ, ସାତପତ୍ରୀ, ପୁଷାନସଦାର, ସିଓ ୧,୨, ପିକେ ଏମ୍ - ୧, ଜୟପୁର ଲଙ୍ଗ ଇତ୍ୟାଦି । ଏହାର ଶଙ୍କର କିସମ ମଧ୍ୟ ଅଛି ଯଥା - ଲତା, ନମ୍ରତା, ରବିନା, ରାଧିକା, ରୋହିନୀ ଇତ୍ୟାଦି । ଏହା ଏକର ପ୍ରତି ୧.୫ ରୁ ୨ କି.ଗ୍ରା ମଞ୍ଜି ଲାଗିଥାଏ ।

**ଜମି ପ୍ରସ୍ତୁତି ଓ ବିହନ ଲଗାଇବା ପ୍ରଣାଳୀ:-** ଏହାର ଲଗାଇବା ସମୟ ଋତୁ, ସ୍ଥାନ, ଓ ଚାହିଦା ଉପରେ ନିର୍ଭର କରେ । ଏହି ଫସଲ ଖରା ଓ ବର୍ଷା ଋତୁରେ ଚାଷ କରାଯାଇପାରେ । ଖରାଦିନେ ଜାନୁୟାରୀରୁ ଫେବୃୟାରୀ ଓ ବର୍ଷା ଦିନେ ଜୁନ୍ ଓ ଜୁଲାଇ ମାସରେ ଚାଷ କରାଯାଏ । ଯେଉଁଠାରେ ଥଣ୍ଡା କମ୍ ସେଠାରେ ଅକ୍ଟୋବର ମାସରେ ମଧ୍ୟ ଚାଷ କରାଯାଇପାରିବ । ନଦୀ ପଠା ମାନଙ୍କରେ ନଭେମ୍ବର ଠାରୁ ଜାନୁୟାରୀ ମାସ ଯାଏ ଲଗାଯାଇପାରିବ । ୩/୪ ଓଡ ଗୁଣ୍ଡା ଚାଷ ହୋଇଥିବା ଜମିରେ ୧୫ରୁ ୨୦ ସେ.ମି ଉଚ୍ଚା ମନ୍ଦା (କେବଳ ବର୍ଷା ଦିନେ) କରି ଧାଡିକୁ ଧାଡି ୪ ଫୁଟ ଓ ମନ୍ଦାକୁ ୩ ଫୁଟ ଦୂରତାରେ ପ୍ରତି ମନ୍ଦାରେ ୪ରୁ ୫ଟି କରି ମଞ୍ଜି ଲଗାଯାଏ । ମଞ୍ଜି ଲଗାଇବା ପୂର୍ବରୁ ମଞ୍ଜିକୁ ଦେଶୀ ଗୋମୂତ୍ର ବା ବୀଜାମୃତ ବା ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରିବା ଉଚିତ୍ । ଗଛ ଉଠିଲା ପରେ ପ୍ରତି ମନ୍ଦାରେ ୨/୩ ଗଛ ରଖାଯାଏ । ମଞ୍ଜିକୁ ୧୨ ଘଣ୍ଟା ପାଣିରେ ଭିଜାଇ ଲଗାଇଲେ ଶୀଘ୍ର ଗଛ ଉଠିଥାଏ ।

**ଘାସ ଓ ଜଳପରିଚାଳନା:-** ଜହ୍ନିକୁ ଟ୍ରେଲିସ୍ ଓ ଟନେଲ ପଦ୍ଧତିରେ ଚାଷ କଲେ ପରିଚାଳନା ସୁବିଧା ହୋଇଥାଏ । ଏହା ସହିତ ଛାଦିକରଣ, (ନଡା, ଶୁଖିଲା ଘାସ ବା ପ୍ଲାଷ୍ଟିକ୍) କଲେ ଘାସ ନିୟନ୍ତ୍ରଣ ହୋଇଥାଏ । ଗଛ ଉଠିବାର ୧୫ ଦନ ଓ ୩୦ ଦିନ ପରେ ଘାସ ବଛା କରିଦେଲେ ଭଲ । ଛାଦିକରଣ ହୋଇଥିଲେ ଫସଲରେ କମ୍ ଖର୍ଚ୍ଚ କମ୍ ଜଳ ଆବଶ୍ୟକ ହଏ । ମାଟିର ବତର ଚାହିଁ ଖରାଦିନେ ଜଳସେଚନ ଓ ବର୍ଷାଦିନେ ଜଳ ନିଷ୍କାସନ କରାଯାଏ ।

**ହରମୋନ୍ ପ୍ରୟୋଗ:-** ଅଧିକାଂଶ କିସମର ମାଇଫୁଲ ଓ ଅଣ୍ଡିରାଫୁଲ ଭିନ୍ନ ଥିବାର ଦେଖାଯାଏ । ତେଣୁ ଅଧିକ ମାଇଫୁଲ ତଥା ଅଧିକ ଅମଳ ପାଇଁ ହରମୋନର ପ୍ରୟୋଗ ଦରକାର ହୋଇଥାଏ । ଏଥିପାଇଁ ଅଣ୍ଡାଟନିକ୍ ବା ମାଛଟନିକ୍ ୨ରୁ ୪ ମି.ଲି ଗ୍ରାମ୍ ଲିଟର ପାଣିରେ ଭୋର ବା ସନ୍ଧ୍ୟା ସମୟରେ ପ୍ରୟୋଗ କଲେ ଅଧିକ ଅମଳ ମିଳେ ।

ସମନ୍ୱିତ ପୋକ ପରିଚାଳନା:-

୧. ଖରାଦିନେ ଖରାଟିଆ ଚାଷ କଲେ କ୍ଷତିକାରକ ପୋକର ଅଣ୍ଡା ଓ ଲାର୍ଭା ଖରାରେ ଶୁଖି ମରିଯାଆନ୍ତି । ପକ୍ଷୀମାନେ ମଧ୍ୟ ଖାଇଦେଇଥାନ୍ତି ।

୨. ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ଯଥା :- ଜହ୍ନି ଫସଲ ପରେ ଧାନ ଚାଷ କରିବା ।

୩. ସଠିକ୍ ଦୂରତାରେ ଫସଲ ଲଗାଇବା

୪. ହିଡ, କଡି ସଫା କରିବା

୫. ରୋଗାକ୍ରାନ୍ତ ଗଛକୁ ଉପାଡି ନଷ୍ଟ କରିଦେବା

୬. ଫଳ ତୋଳିବା ବେଳେ ଗଛର କ୍ଷତି ନକରିବା

୭. ହାତରେ ବିଭିନ୍ନ ପ୍ରକାର କ୍ଷତିକାରକ ଭୃଙ୍ଗକୁ ବା ପୋକକୁ ସଂଗ୍ରହ କରି ମାରିଦେବା ।

୮. ଉପକାରୀ କୀଟ ପତଙ୍ଗ ଯଥା- ଇନ୍ଦ୍ରଗୋପୀ ଭୃଙ୍ଗ, ସିରିପିଡମାଛି । ବୁଢିଆଣୀ, କରାବିଡ, ଭୃଙ୍ଗ, ବାଘୁଆକଙ୍କି, ସରୁକଙ୍କି, ହତ୍ୟାକାରୀ ବଗ, ଆଦି କୀଟଙ୍କ ସଂରକ୍ଷଣ କରିବା ।

୯. ଏକର ପ୍ରତି ୪୦ରୁ ୫୦ ଟି ପକ୍ଷୀ ଆଶ୍ରୟ ସ୍ଥଳ ସୃଷ୍ଟି କରିବା ଯେ ଅପକାରୀ ପୋକକୁ ଖାଇଯିବେ ।

୧୦. ଏକର ପ୍ରତି ୪୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାଇବା । ଏହା ସହିତ ନିମ୍ନମୁଖୀ ପାଉଁଶିଆ ରୋଗ ହେଲେ ଦହିଦ୍ରବଣ ବା ମହୁଲାସ୍ୱ ପ୍ରୟୋଗ ଦ୍ୱାରା ନିୟନ୍ତ୍ରଣ କରିବା । ପୋକ ଲାଗିଲେ ହାଣ୍ଡି ଔଷଧ, ନିମ୍ବ ପ୍ରସ୍ତୁତି ଔଷଧ ପ୍ରୟୋଗ କରି କୀଟ ନିୟନ୍ତ୍ରଣ କରାଯାଇପାରିବ । ଏବେ କିନ୍ତୁ ବଜାରରେ ଅନେକ ପ୍ରକାରର ଜୈବକ କୀଟ ନିୟନ୍ତ୍ରକ ବାହାରିଲାଣି, ତାହାକୁ ମଧ୍ୟ ପ୍ରୟୋଗ କରାଯାଇ କୀଟ ନିୟନ୍ତ୍ରଣ କରାଯାଇପାରୁଛି ।

**ଅମଳ:-** ଫସଲ କିସମ ଅନୁସାରେ ଗଛ ଉଠିବାର ୫୦ ରୁ ୬୦ଦିନ ମଧ୍ୟରେ ପ୍ରଥମ ଅମଳ ମିଳିଥାଏ । ପ୍ରତି ୨/୩ ଦିନ ଅନ୍ତରରେ ଫଳ ତୋଳାଯାଇ ବଜାରକୁ ପଠାଯାଏ । ଏକର ପ୍ରତି ହାରାହାରି ୪୦ରୁ ୫୦ କ୍ୱିଣ୍ଟାଲ୍ ଅମଳ ମିଳିଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |

**ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ କଖାରୁ ଚାଷ



ପନିପରିବା ଚାଷ ମଧରେ କଖାରୁର ଏକ ସ୍ଵତନ୍ତ୍ର ସ୍ଥାନ ରହିଛି । ଏହି ଫସଲର ଚାଷ ପ୍ରଣାଳୀ ଅପେକ୍ଷକୃତ ସହଜ ହୋଇଥିବାରୁ ଓ ଫଳ ସ୍ଵାଦଯୁକ୍ତ ଓ ପୁଷ୍ଟିକର ହୋଇଥିବାରୁ ଏହା ଲୋକମାନଙ୍କ ମଧରେ ଖୁବ୍ ଆଦର ଲାଭ କରିଛି । ଏହାକୁ କେହି କେହି ବୋଇତାଳୁ ମଧ କୁହନ୍ତି । ଏହାର ଫଳକୁ ପରିବା ପତ୍ରକୁ ଶାଗ ଓ ଫୁଲକୁ ପିଠଉ କରି ଖିଆଯାଏ । ଏହାର ଫଳ ଉଭୟ କଞ୍ଚା ଓ ପାଚିଲା ଆକାରରେ ତରକାରୀ, ଭଜା ଓ ସନ୍ତୁଳା କରି ଖିଆଯାଏ ।

**ଜଳବାୟୁ ଓ ମୃତ୍ତିକା କିସମ:-** ଓଡିଶାର ସମସ୍ତ ଜିଲ୍ଲାରେ ଏହାର ଚାଷ ହୋଇଥାଏ । ଫସଲ ପାଇଁ ଅନୁକୂଳ ତାପମାତ୍ରା ୨୦ରୁ ୩୦ ଡିଗ୍ରୀ ସେଲସିଅସ୍ ୧୫ ଡିଗ୍ରୀରୁ କମ୍ ଓ ୪୦ ଡିଗ୍ରୀରୁ ଅଧିକ ହେଲେ ଅମଳ ବାଧା ପ୍ରାପ୍ତ ହୋଇଥାଏ । ଭଲ ଭାବେ ଜଳ ନିଷ୍କାସନ ହୋଇପାରୁଥିବା ଗଭୀର ଦୋରସା, ବାଲିଆ ଦୋରସା ଓ ମଟାଳ ଦୋରସା ମାଟିରେ ଭଲ ଭାବରେ ଚାଷ କରାଯାଇପାରୁଛି । କଖାରୁ ଚାଷ ପାଇଁ ୬ରୁ ୭ p.h ଉପଯୁକ୍ତ ଓ ମାଟିରେ ଆବଶ୍ୟକ ପରିମାଣରେ ଜୈବିକ ଅଂଶ ରହିବା ଭଲ । ଏହାର ଉନ୍ନତ କିସମ ହେଲା- ଆର୍କା ଚନ୍ଦନ, ପୁଷ୍ପାବିଶ୍ଵାସ, ଆର୍କା, ସୂର୍ଯ୍ୟମୁଖୀ, ଗୁଆମାଳ ଇତ୍ୟାଦି । ଏହାଛଡା ଶଙ୍କର କିସମଗୁଡିକ ହେଲା-ରାଣୀ, ନିଧି, VNR-୧୧ , ୧୪, ପୁଷ୍ପା ହାଇବ୍ରିଡ୍, -୧ ଇତ୍ୟାଦି । ଏକର ପ୍ରତି ୨ କି.ଗ୍ରା ବିହନ ଦରକାର ହୋଇଥାଏ ।

**ଜମି ପ୍ରସ୍ତୁତ ଓ ବିହନ ଲଗାଇବା ପ୍ରଣାଳୀ:-** ଜମିକୁ ୩/୪ ଓଡ ଭଲଭାବରେ ଚାଷ କରି ସେଥିରେ ୧.୫ ମି * ୧.୫ ମି ଦୂରତାରେ ୪୫ ସେ.ମି* ୪୫ ସେ.ମି ଗଭୀରରେ ମନ୍ଦା ପ୍ରଣାଳୀରେ କଖାରୁ ଲଗାଯାଏ । ଲଗାଇବା ସମୟ ଜୁନ୍-ଜୁଲାଇ, ଅକ୍ଟୋବର-ନଭେମ୍ବର, ଫେବୃଆରୀ-ମାର୍ଚ୍ଚ । ମଞ୍ଜିକୁ ୧୦ ରୁ ୧୨ ଘଣ୍ଟା ପାଣିରେ ଭିଜାଇ ଗୋମୂତ୍ର, ବୀଜାମୃତ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରି ୨ ରୁ ୩ ସେ.ମି ଗଭୀରରେ ୪ଟି ମଞ୍ଜି ପ୍ରତି ମନ୍ଦାରେ ଲଗାଯାଏ । ଗଛ ଉଠିବା ପରେ ପ୍ରତି ମନ୍ଦାରେ ୨ଟି କରି ଗଛ ରଖାଯାଏ । ଗଛ ଉଠିବା ପାଇଁ ମଞ୍ଜି ଲଗାଇବା ପରେ ଜଳସେଚନ ପ୍ରୟୋଗ କରିବା ଦରକାର ।

**ଅନ୍ତଃ ଚାଷ ଓ ଜଳପରିଚାଳନା:-** ଗଛ ଉଠିବାର ୧୫ ଦିନ ଓ ୩୦ ଦିନରେ ମାଟିକୁ କୋଡାଖୁସା କରି ଘାସ ବାଛି ମୂଳକୁ ହୁଡା ଟେକି ଦେବା ଦରକାର । କାରଣ ସୁବିଧାରେ ଜଳସେଚନ ହୋଇପାରିବ । ବୁନ୍ଦା ଜଳସେଚନ କଲେ କମ୍ ଜଳ ଦ ରକାର କରେ ଓ ଘାସ କମ୍ ହୋଇଥାଏ ଏବଂ ଅମଳ ମଧ ବଢିଥାଏ । ଫସଲର ପ୍ରଥମ ଅବସ୍ଥାରେ ପ୍ରତି ୩/୪ ଦିନ ମଧରେ ହାଲୁକା ଜଳସେଚନ ଆବଶ୍ୟକ । ମାତ୍ର ଫୁଲ ଫଳ ଆସିବା ସମୟରେ ମାଟିର ବତରକୁ ଦେଖି ଶୀଘ୍ର ଜଳସେଚନ କରିବା ଦରକାର । ତେବେ ପରବର୍ତ୍ତୀ ଅବସ୍ଥାରେ ଜଳସେଚନ ବ୍ୟବଧାନ ୬/୭ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ ।

**ହରମୋନ୍ ପ୍ରୟୋଗ:-** ଫସଲରେ ମାଇଫୁଲ ସଂଖ୍ୟା ବୃଦ୍ଧି ପାଇଁ ନିର୍ଦ୍ଧିଷ୍ଟ ସମୟରେ ହରମୋନ ପ୍ରୟୋଗ କରିବାର ଆବଶ୍ୟକତା ଅଛି । ସେଥିପାଇଁ ମାଛଟନିକ୍ ବା ଅଣ୍ଡାଟନିକ୍ ଲିଟର ପାଣିରେ ୨ରୁ ୪ ମି.ଲି ଗ୍ରାମ୍ ମିଶାଇ ଭୋର ବା ସନ୍ଧ୍ୟା ସମୟରେ ପ୍ରୟୋଗ କରାଯିବା ଦରକାର ।

**ଚାଷ ପ୍ରଣାଳୀ:-**

୧. ଜମିକୁ ଖରାଦିନେ ଗଭୀର ଖରାଟିଆ ଚାଷ କରିବା ଦରକାର ୨. ଫସଲ ପର୍ଯ୍ୟାୟ ଅବଲମ୍ବନ କଖାରୁ ଜାତୀୟ ଫସଲ ପରେ ଧାନ ଚାଷ କରିବା ୩. ନିର୍ଦ୍ଧିଷ୍ଟ ଦୂରତାରେ ଗଛ ଲଗାଇବା ଦ୍ଵାରା ନିମ୍ନମୁଖୀ ପତ୍ରପୋଡା କମ୍ ହେବା ସମ୍ଭାବନା ଥାଏ । ୪. ହିଡ ଘାସ ମୁକ୍ତ କରିବା

**ଗଛର ଯତ୍ନ ନେବା:**

୧. ରୋଗାକ୍ରାନ୍ତ ଗଛକୁ ଓପାଡି ନଷ୍ଟ କରିଦେବା ୨. ଫଳ ତୋଳିବା ବେଳେ ଗଛରେ ଆଘାତ ନ କରିବା ୩. ହାତରେ ବିଭିନ୍ନ କ୍ଷତିକାରକ ଭୃଙ୍ଗକୁ ସଂଗ୍ରହ କରି ମାରିବା ୪. ଏକର ପ୍ରତି ୪୦ରୁ ୫୦ ଟି ଅଠାଳିଆ ଯନ୍ତ୍ର ବସାଇ ଶୋଷକ କୀଟ ନିୟନ୍ତ୍ରଣ କରିବା ।

**ଉପକାରୀ କୀଟ:**

୧. ଇନ୍ଦ୍ରଗୋପୀ ଭୃଙ୍ଗ, କଙ୍କି, କାରାବିଡି ଭୃଙ୍ଗ, ବୁଢିଆଣୀ ହତ୍ୟାକାରୀ ବଗ ଆଦି କୀଟଙ୍କୁ ଜମିକୁ ସଂରକ୍ଷଣ କରିବା ୨. ଏକର ପ୍ରତି ୨୫-୩୦ ଟି ପକ୍ଷୀ ଆଶ୍ରୟ ସ୍ଥଳ ସୃଷ୍ଟି କରିବା ୩. ବିହନକୁ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରିବା ୪. ନାଲି କଖାରୁ ପୋକ ପାଇଁ ପ୍ରତି ଲିଟର ପାଣିରେ ୫ ଗ୍ରାମ ବୃଭେରିଆ ବାସିଆନ ମିଶାଇ ସିଂଚନ କରିବା ଦରକାର ।

**ପ୍ରତିକାର:-**

୧. ହାଣ୍ଡିଔଷଧ ଲିଟର ପାଣିରେ ୧୫ ରୁ ୩୦ ମି.ଲି ଗ୍ରାମ୍ ହିସାବରେ ଏକର ପ୍ରତି ୨୦୦ ଲିଟର ପାଣି ପ୍ରୟୋଗ ୨. ନିମ୍ବଜାତ ଔଷଧ ପ୍ରୟୋଗ କରିବା ୩. ବଜାରରେ ମିଳୁଥିବା ଜୈବିକ ଔଷଧର ପ୍ରୟୋଗ କରି ରୋଗପୋକ ନିୟନ୍ତ୍ରଣ କରିବା

**ଅମଳ:-** ଫଳ ସାଇତି ରଖିବାର ଥିଲେ ସବୁଜ ରଙ୍ଗରୁ ବାଦାମୀ ରଙ୍ଗକୁ ପରିବର୍ତ୍ତନ ହେଲେ ଅମଳ କରିବା ଦରକର । କିନ୍ତୁ କଞ୍ଚା ଫଳ ତୋଳିଲେ ଅଧିକ ଅମଳ ଦେଇଥାଏ । ସାଧାରଣତଃ ଫସଲର ଅମଳ ସମୟ ୧୨୦ ରୁ ୧୫୦ ଦିନ ମଧ ରେ ହୋଇଥାଏ । ହାରାହାରି ଉତ୍ପାଦନ ୬୦ ରୁ ୮୦ କ୍ଵିଣ୍ଟାଲ୍ ହୋଇଥାଏ । ଏହା ଫସଲର କିସମ ଓ ଋତୁ ଅନୁସାରେ ନିର୍ଭର କରେ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |

ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍
E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ବୁଦାଶିମ୍ବ ଚାଷ



ଶିମ୍ବ ଓଡିଶାର ଏକ ପରିଚିତ ପରିବା । ସାଧାରଣତଃ ଏହାକୁ ବାଡି ପଛପଟ ଓ ଜମି ହୁଡାରେ ଲଗାଯାଏ । ବୈଜ୍ଞାନିକ ମତ ଅନୁସାରେ ଶିମ୍ବ ଭାରତରେ ଜନ୍ମ ହୋଇଛି, ବିଭିନ୍ନ ପ୍ରତିକୂଳ ଅବସ୍ଥାରେ ଶିମ୍ବ ବଞ୍ଚିଥାଏ ।

**ଜଳବାୟୁ, ମୃର୍ତ୍ତିକା, କିସମ:-** ଶିମ୍ବ ସବୁ ପ୍ରକାର ମାଟିରେ ଚାଷ ହୋଇଥାଏ । ଆମ ରାଜ୍ୟର ସମସ୍ତ ଅଞ୍ଚଳରେ ଏହି ଚାଷ ହୋଇଥାଏ । ଗଛ ବୃଦ୍ଧି ସମୟରେ ଅଧିକ ଆଦ୍ରତା ଏବଂ ଉତ୍ତାପ ଦରକାର କରିଥାଏ । କିନ୍ତୁ ଫଳ ସମୟରେ କମ୍ ଆଦ୍ରତା ଓ ଉତ୍ତାପ ଅନୁଭୂତ ଅଞ୍ଚଳରେ ଅଧିକ ଉତ୍ପାଦନ ହୋଇଥାଏ । ନିଗିଡା, ଉର୍ବର, ଦୋରସା ଏବଂ ୫.୦ ରୁ ୮.୦ ଅମ୍ଳତା ଥିବା ମାଟିରେ ଏହା ଏକ ଭଲ ଚାଷ ହୁଏ । ଏହାର ଅନେକ ଉତ୍ତମ କିସମ ବାହାରିଲାଣି । ଯଥା -ଆର୍କା ବିଜୟା, କୋଙ୍କଣ ଭୂଷଣ, VNR ପ୍ୟାରୀ, ସିଓ -୧୨୭୮୯୧୦ ଇତ୍ୟାଦି । ଏକର ପ୍ରତି ୧୦ ରୁ ୧୨ କେ.ଜି ବିହନ ଦରକାର କରିଥାଏ । ବିହନ ଲଗାଇବା ପୂର୍ବରୁ ବିହନକୁ ଦେଶୀ ଗୋମୂତ୍ର, ବୀଜାମୃତ ଓ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରାଯାଇ ଲଗାଇବା ଉଚିତ୍ କାରଣ ବିହନ ଜନିତ ରୋଗରୁ ଫଲସକୁ ରକ୍ଷା ମିଳିଥାଏ ।

ଜମି ପ୍ରସ୍ତୁତ ବିହନ ବୁଣା:- ଜମିକୁ ଭଲଭାବେ ଚାଷ କରି ଶିମ୍ବ ଲଗାଯାଏ । ଏଥିପାଇଁ ଧାଡକୁ ଧାଡି ୬୦ ସେ.ମି ଓ ଗଛକୁ ଗଛ ୧୦ ସେ.ମି ବ୍ୟବଧାନରେ ହୁଡା କରି ଶିମ୍ବ ଲଗାଯାଏ । ଆମ ରାଜ୍ୟରେ ଜୁନ୍ -ଜୁଲାଇ ମାସରେ ଶିମ୍ବ ଲଗାଯାଏ କିନ୍ତୁ ଏବେ ଅକ୍ଟୋବର ମାସରେ ଶିମ୍ବ ଲଗାଯାଇ ପାରୁଛି ।

ଖାଦ୍ୟସାର ପ୍ରୟୋଗ:- ଏକର ପ୍ରତି ୪ ଟନ୍ ସଢାଗୋବର ବା କମ୍ପୋଷ୍ଟ ଖତ ବା ୨ କେ.ଜି ଚ.ଫ.ଛ କଲଚର୍ ଓ ୨ କେ.ଜି ରାଇଜୋବିୟମ୍ କଲଚର୍‌କୁ ମିଶାଇ ମାଟିରେ ପ୍ରୟୋଗ କରାଯାଏ ଏହା ସହିତ ଟ୍ରାଇକୋଡର୍ମା ଭିରିଡେ ୩ କେ.ଜି ମାଟିରେ ପ୍ରୟୋଗ କଲେ ମୃର୍ତ୍ତିକାଜନିତ ଝାଉଁଳା ରୋଗ ଓ ଅନ୍ୟାନ୍ୟ ମୂଳସଢା ରୋଗ ହୋଇ ନଥାଏ, ଏହାପରେ ମଞ୍ଜି ଲଗାଯାଇଥାଏ । ଗଛ ଉଠିବାର ୨୦ ଦିନ ପରେ ପ୍ରତି ଏକରରେ ୨୦୦ ଲିଟର ଜୀବାମୃତ ପ୍ରୟୋଗ କରାଯାଏ ଓ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ ଜୀବାମୃତ ଓ ବାୟୋଡାଇଜେଷ୍ଟର ପ୍ରୟୋଗ କରିବା ଦରକାର ।

ଘାସ ଓ ଜଳ ପରିଚାଳନା:- ଗଛ ଉଠିବାର ୨୦ ଦିନ ପରେ ମାଟିକୁ କୋଡାଖୁସା କରି ଘାସ ବାଛି ହୁଡା ଟେକି ଦେବା ଦରକାର । ଆବଶ୍ୟକ ଅନୁଯାୟୀ ଜଳସେଚନ ଓ ବର୍ଷା ଦିନେ ଜଳ ନିଷ୍କାସନ କରିବା ଦରକାର ।

**ପ୍ରୟୋଗ:-** ଫୁଲ ଆସିବା ସମୟରେ ପ୍ରତି ଲିଟର ପାଣିରେ ଅଣ୍ଡାଟନିକ୍ ବା ମାଛଟନିକ୍ ୨ ମି.ଲି ରୁ ୪ ମି.ଲି ପ୍ରତି ଲିଟର ପାଣିରେ ମିଶାଇ ପ୍ରୟୋଗ କଲେ ଅଧିକ ଫଳ ଆସେ ।

**ସମନ୍ୱିତ ରୋଗପୋକ ପରିଚାଳନା:-** ଶିମ୍ବ ଫସଲରେ ମୁଖ୍ୟ କ୍ଷତିକାରକ ରୋଗ ମଧ୍ୟରେ ଅଙ୍ଗାରୀ ସଢାରୋଗ, ଜୀବାଣୁଜନିତ ପତ୍ରପୋଡା ରୋଗ ପାଉଁଶିଆ ରୋଗ ଓ କଳଙ୍କି ରୋଗ ପ୍ରଧାନ । ଏହା ସହିତ ଚେର ଗଣ୍ଠି ସୃଷ୍ଟିକାରୀ ସୂତ୍ରଜୀବ ମଧ ଲାଗିଥାଏ । ପୋକ ମଧରେ ଜଉପୋକ, ପତ୍ର ସୁଡଙ୍ଗୀ ପୋକ ଛୁଇଁ ବିନ୍ଧା ପୋକ, କର୍ତ୍ତକକୀର ଇତ୍ୟାଦି ଲାଗିଥାଏ । ଏହାର ନିରାକରଣ ପାଇଁ ସମ୍ମନିତ ରୋଗ ପୋକ ପରିଚାଳନା କରିବା ଉଚିତ୍ ।

ଚାଷ ପ୍ରଣାଳୀ:-

୧. ଖରାଦିନେ ଜମିକୁ ଖରାଟିଆ ଗଭୀର ଚାଷ କରିବା ଦରକାର କାରଣ ଚାଷ ଦ୍ୱାରା କ୍ଷତିକାରକ ପୋକ, ସୂତ୍ରଜୀବା ଓ ପ୍ୟୁପା ଇତ୍ୟାଦି ବାହାରକୁ ବାହାରି ଆସିଥାନ୍ତି । ଖରା ଓ ପକ୍ଷୀମାନଙ୍କ ଦ୍ୱାରା ଏହା ନଷ୍ଟ ହୋଇଥାଏ ।

୨. ଅଧିକ ଆକ୍ରାନ୍ତ ସମୟକୁ ଏଡାଇ ଫସଲ ଚାଷ କରିବା ଦରକାର ।

୩. ଠିକ୍ ସମୟରେ ଠିକ୍ ପରିମାଣରେ ଜଳସେଚନ କରିବା ଦରକାର ।

୪. ସୂତ୍ରଜୀବ ଓ ଚେର ସଢା ରୋଗରୁ ରକ୍ଷା କରିବା ପାଇଁ ଶେଷ ଚାଷ ସମୟରେ ଏକର ପ୍ରତି ୨୦୦ କେ.ଜି ନିମ୍ବ ପିଡିଆ ପ୍ରୟୋଗ କରିବା ଦରକାର ।

୫. ଫସଲରୁ ଘାସ ଓ ଆକ୍ରାନ୍ତ ଗଛକୁ ଜମିରୁ ସଫା ରଖିବା ଦରକାର ।

୬. ଭୂତାଣୁ ଆକ୍ରାନ୍ତ ଗଛକୁ ଉପାଡି ଦେବା ଦରକାର ।

୭. କ୍ଷତିକାରକ କୀଟର ଅଣ୍ଡା ଓ ଲାର୍ଭାକୁ ନଷ୍ଟ କରିବା ।

୮. ଏକର ପ୍ରତି ୨୦ଟି ସଙ୍ଗ ଆକର୍ଷିକ ଜନ୍ତ୍ର ବସାଇ କୀଟ ନିୟନ୍ତ୍ରଣ କରିବା ଦରକାର ।

୯. ଉପକାରୀ କୀଟ ସଂରକ୍ଷଣ କରିବା ଦରକାର ।

୧୦. କୀଟ ଭକ୍ଷୀ ପକ୍ଷୀମାନଙ୍କ ପାଇଁ ଏକର ପ୍ରତି ୨୦ଟି ବାଉଁଶ କନି ପୋତି ପକ୍ଷୀ ଆଶ୍ରୟ ସ୍ଥଳ ପ୍ରସ୍ତୁତ କରନ୍ତୁ ।

୧୧. ବିହନକୁ କେ.ଜି ପ୍ରତି ୫ ଗ୍ରାମ୍ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରିବା ।

୧୨. କଳଙ୍କି ରୋଗ ପାଇଁ ଫସଲରେ ସି.ଓ ସି ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମିଶାଇ ବ୍ୟବହାର କରନ୍ତୁ ।

୧୩. ଯଉପୋକ ନିୟନ୍ତ୍ରଣ ପାଇଁ ୭ ଦିନ ଅନ୍ତରରେ କ୍ରାଇସୋପା କାର୍ନିଆ ପ୍ରୟୋଗ କରନ୍ତୁ ।

୧୪. ଆବଶ୍ୟକ ସ୍ଥଳେ ନିୟମିତ ଜୈବିକ ଔଷଧ ଯଥା ହାଣ୍ଡି ଔଷଦ, ନିମ ଜାତୀୟ ଔଷଧ ଓ ବଜାରରେ ମିଳୁଥିବା ଜୈବିକ ଔଷଧ ପ୍ରୟୋଗ କରନ୍ତୁ ।

ଅମଳ:- ଶିମ୍ବ ଅମଳ ହେବାକୁ ୭୫ ରୁ ୮୦ ଦିନ ଲାଗିଥାଏ । ବୁଢ କିସମ ଶିମ୍ବରୁ ଏକର ପ୍ରତି ୫ କ୍ୱିଣ୍ଟାଲ୍ ଅମଳ ମିଳିଥାଏ । ଶିମ୍ବକୁ କଅଁଳ ଅବସ୍ଥାରେ ତୋଳିଲେ ବଜାରରେ ଏହାର ଭଲ ଚାହିଦା ରହିଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |


**ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ଝୁଡଙ୍ଗ ଚାଷ



ଡାଲି ଜାତୀୟ ପରିବା ମଧ୍ୟରେ ଝୁଡଙ୍ଗ ସ୍ଥାନ ସ୍ୱତନ୍ତ୍ର । ଏହାକୁ କଞ୍ଚା ଓ ଅଧା ପାଚିଲା ଫଳ ରୂପେ ବ୍ୟବହାର କରାଯାଏ । ଏହାକୁ ମଧ୍ୟ ଡାଲି ହିସାବରେ ବ୍ୟବହାର କରାଯାଏ । ବିଭିନ୍ନ ଅଞ୍ଚଳରେ ଏହାର ଆକାର ଅନୁଯାୟୀ ଏହାର ନାମ ଅଲଗା ଯଥା- ଝୁଡଙ୍ଗ, ବୋଧି, ରୋମା ଛୁଇଁ ବା ବରଗୁଡି ବୋଲି କହିଥାନ୍ତି । ଏହା ମଧ୍ୟ ଏକ ଉତ୍ତମ ଗୋ ଖାଦ୍ୟ ଓ ସବୁଜ ସାର ଆକାରରେ ବ୍ୟବହାର କରାଯାଏ ।

**ମୃତ୍ତିକା, ଜଳବାୟୁ ଓ କିସମ:-** ଝୁଡଙ୍ଗ ଏକ ମରୁଡି ସହଣୀ ଶକ୍ତି ଥିବା ଫସଲ । ଭଲ ଜଳ ନିଷ୍କାସନ ହୋଇପାରୁଥିବା ଯେ କୌଣସି ମୃର୍ତ୍ତିକାରେ ଚାଷ କରାଯାଇପାରେ । ସାଧାରଣତଃ ଆମ ରାଜ୍ୟରେ ଏହାକୁ ବର୍ଷସାରା ଚାଷ କରାଯାଏ । ଏହାର ଅନେକ ଉନତ କିସମ ଅଛି ଯଥା -ବୁଦା ଜାତୀୟ - ପୁଷାଦୋ ଫସଲି, ପୁଷା ରତ୍ନରାଜ, ପୁଷା କୋମଳ, ଉତ୍କଳ ମାଣିକ, କଷି କାଞ୍ଚନ, ସ୍ୱର୍ଣ୍ଣ ସିଲେକ୍ସନ୍-୧-୬-୩ , ପୁଷା ସୁକୋମଳ, VNR ବାରମାସୀ ଇତ୍ୟାଦି, -ଲତା ଜାତୀୟ -ମହାରାଣୀ, ଆମେରୀକାନ୍ ଲଂଗ, ବନାରସୀ ଲଂଗ, ଗ୍ରୀନ୍ ସାଗର ଇତ୍ୟାଦି । ଏହାର ମଧ୍ୟ ଅନେକ ଶଙ୍କର କିସମ ଅଛି । ଝୁଡଙ୍ଗ ଏକର ପ୍ରତି ୧୦ କେ.ଜି ବିହନ ଦରକାର ।

**ଜମି ପ୍ରସ୍ତୁତ ଓ ବିହନ ବୁଣା ବିଶୋଧନ:-** ପ୍ରଥମେ ଜମିକୁ ଭଲ ଭାବରେ ଗୁଣ୍ଡ କରିବା ଦରକାର । ଏକର ପ୍ରତି ଆବଶ୍ୟକ ବିହନକୁ ଜୈବିକ ବିଶୋଧକ ଯଥା- ଦେଶୀ ଗୋମୂତ୍ର ବା ଜୀବାମୃତ ବା ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରି ଏହା ସହିତ ରାଇଜୋବିୟମ ଜୀବାଣୁ ସାରରେ ଉପଚାର କରି ମଞ୍ଜି ବୁଣିବା ଦରକାର । ଏହା ବାୟୁମଣ୍ଡଳୀୟ ଯବକ୍ଷାରଜାନ ସାର ସଂଗୃହୀତ କରି ଗଛକୁ ଯୋଗାଇଥାଏ । ଧାଡିକୁ ଧାଡି ୪୫ ସେ.ମି ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି ବ୍ୟବଧାନରେ ବୁଣାଯାଏ । ଏହାର ଲଟା କିସମକୁ ଧାଡିକୁ ଧାଡି ୭୦ ରୁ ୭୫ ସେ.ମି ଓ ଗଛକୁ ଗଛ ୩୦ ସେ.ମି ବ୍ୟବଧାନରେ ଲଗାଇ ଟ୍ରେଲିସ୍ ପଦ୍ଧତିରେ ଚାଷ କଲେ ଅଧିକ ଅମଳ ମିଳିଥାଏ ।

**ଖାଦ୍ୟସାର ପ୍ରୟୋଗ:-** ଏହି ଫସଲରେ ଏକର ପ୍ରତି ୪/୫ ଟନ୍ ସଢା କମ୍ପୋଷ୍ଟ ବା ସଢା ଗୋବର ଖତ ବା ୨/୩ ଟନ୍ ଜିଆଖତ ସହିତ ୨ କେ.ଜି ଟ୍ରାଇକୋଡର୍ମା ଭିରିଡେ ମିଶାଇ ଶେଷ ଓଦା ଚାଷ ସମୟରେ ପ୍ରୟୋଗ କଲେ ପରବର୍ତ୍ତୀ ସମୟ ଅନେକ ରୋଗପୋକ ହୋଇନଥାଏ । ଗଛ ଉଠିବାର ୧୫ ଦିନ ପରେ ୨୦୦ ଲିଟର ଜୀବାମୃତ / ବାୟୋଡାଇଜେଷ୍ଟର ୨/୩ ଥର ପ୍ରୟୋଗ କରାଯାଏ ।

**ଅନ୍ତଚାଷ ଜଳପରିଚାଳନା ପ୍ରୟୋଗ:-** ବର୍ଷା ଉପରେ ନିର୍ଭର କରି ଚାଷ କରୁଥିଲେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଦରକାର । ଫୁଲଫଳ ସମୟରେ ମାଟି ବତରକୁ ଦେଖି ଜଳସେଚନ କରିବା ଦରକାର । କିନ୍ତୁ ଶୀତ ବା ଖରାଦିନେ ମାଟିର ବତରକୁ ଦେଖି ଜଳସେଚନ କରିବାକୁ ପଡିଥାଏ । ଗଛ ଉଠିବାର ୧୫ ଦିନ ପରେ ମାଟିକୁ ହାଲୁକା ଭାବରେ କୋଡାଖୁସା କରି ଘାସ ବାଛିବା ଦରକାର । ଏହାପରେ ୩୦ ଦିନ ବେଳକୁ ଜମିରୁ ହାତରେ ଘାସ ବାଛିଦେବା ଦରକାର ହୋଇଥାଏ ।

**ସମନ୍ୱିତ ରୋଗପୋକ ନିୟନ୍ତ୍ରଣ:-** ଝୁଡଙ୍ଗ ଫସଲରେ ମୁଖ୍ୟତଃ ଜଉପୋକ, ପତ୍ର ସୁଡଙ୍ଗୀ ପୋକ, ଛୁଇଁବିନ୍ଧା ପୋକ, ପତ୍ର ଡିଆଁ ପୋକ,ଜଉକ କୀଟ, ଘୋଡା ପୋକ ଓ ରୋଗ ମଧ୍ୟରେ କଳଙ୍କି ରୋଗ, ପାଉଁଶିଆ ରୋଗ, ଜୀବାଣୁଜନିତ ପତ୍ରପୋଡା ଓ ଅଙ୍ଗରୀ ଓ ସଢା ରୋଗ ଇତ୍ୟାଦି ଲାଗିଥାଏ । ଏହାର ନିରାକରଣ ପାଇଁ ସମନ୍ୱିତ ପୋକ ପରିଚାଳନା କରିବା ଦରକାର ।

**ଚାଷ ପ୍ରଣାଳୀ**

୧. ଖରାଦିନେ ଜମିକୁ ଖରାଟିଆ ଚାଷ କରିଦେଲେ ଅନିଷ୍ଟକାରୀ ପୋକ ଓ ସୂତ୍ରଜୀବମାନେ ବାହାରକୁ ଆସିବା ଦ୍ୱାରା ମରିଯାଇଥାନ୍ତି ।

୨. ଠିକ୍ ସମୟରେ ଓ ସଠିକ୍ ପରିମାଣରେ ଜଳସେଚନ କରିବା

୩. ସୂତ୍ରଜୀବି ଓ ଚେରେ ସଢା ରୋଗରୁ ରକ୍ଷା କରିବା ପାଇଁ ଶେଷ ଓଡ ଚାଷ ସମୟରେ ଏକର ପିଛା ୧୦୦ କି.ଗ୍ରା ନିମ୍ବ ବା କରଞ୍ଜ ପିଡିଆ ପ୍ରୟୋଗ କରିବା

୪. ଫସଲ କିଆରୀରୁ ଅନାବନା ଘାସ ଓ ଆକ୍ରାନ୍ତ ଫସଲର ଗଛକୁ ଜମିରୁ ପରିଷ୍କାର କରିବା ଦରକାର ।

୫. ଯାନ୍ତ୍ରିକ ପ୍ରଣାଳୀ:- ଭୂତାଣୁ ଦ୍ୱାରା ଆକ୍ରାନ୍ତ ଗଛ ଗୁଡିକୁ ଉପାଡି ଦେବା ।

୬. କ୍ଷତିକାରକ କୀଟର ଅଣ୍ଡାପୂଜ ଓ ଲାର୍ଭାକୁ ସଂଗ୍ରହ କରି ନଷ୍ଟ କରିବା ।

୭. ଏକର ପ୍ରତି ୨୦ ଟି ସଙ୍ଗ ଆକର୍ଷକ ଜନ୍ତୁ ବସାଇବା

୮. ଏକର ପ୍ରତି ୩୦ ରୁ ୪୦ ଟି ଅଠାଳିଆ ହଳଦିଆ ଜନ୍ତ୍ର ବ୍ୟବହାରକାରୀ ଜଉପୋକ ଓ ଅନ୍ୟାନ୍ୟ ଶୋଷକ କୀଟ ନିୟନ୍ତ୍ରଣ କରିବା ।

୯. ଜୈବିକ ପ୍ରଣାଳୀ:- ଜମିରେ ଥିବା ଉପକାରୀ ପରଜୀବି ଓ ପରଭୋଜୀ କୀଟ ସଂରକ୍ଷଣ କରିବା

୧୦.କୀଟ ଭକ୍ଷୀପକ୍ଷୀମାନଙ୍କ ପାଇଁ ଏକର ପ୍ରତି ୩୦ ରୁ ୪୦ ଟି ବାଉଁଶ କଣୀ ପୋତି ପକ୍ଷୀ ଆଶ୍ରୟସ୍ଥଳ ପ୍ରସ୍ତୁତ କରିବା ।

୧୧.ବିହନକୁ ଟ୍ରାଇକୋଡର୍ମା ଭିରିଡିରେ ବିଶୋଧନ କରିବା ।

**ଜୈବିକ ଔଷଧ ପ୍ରୟୋଗ:-** ରୋଗପୋକ ନିରାକରଣ ପାଇଁ ହାଣ୍ଡି ଔଷଧ ୧୫-୩୦ ମି.ଲି ପ୍ରତି ଲିଟର ପାଣିରେ ମିଶାଇ ଏକର ପ୍ରତି ୨୦୦ ଲିଟର ପାଣି ପ୍ରୟୋଗ ଓ ଏହା ସହିତ ନିମଜାତ ଔଷଧ ପ୍ରୟୋଗ କରିବା । ଏବେ କିନ୍ତୁ ବଜାରରେ ଅନେକ ପ୍ରକାରର ଜୈବିକ ଔଷଧ ମିଳୁଛି । ଏହା ମଧ୍ୟ ନିର୍ଦ୍ଦିଷ୍ଟ ମାତ୍ର ପ୍ରୟୋଗ କରିବା ଦରକାର ।

**ଅମଳ:-** ବଜାରରେ ବିକ୍ରୀ ପାଇଁ କଅଁଳିଆ ଛୁଇଁଗୁଡିକ ଅମଳ କରିବା ଦରକାର । ଫସଲର ହାରାହାରି ଅମଳ କିସମ ବିଶେଷରେ ଏକର ପ୍ରତି ୧୫ ରୁ ୧୮ କ୍ୱିଣ୍ଟାଲ୍ ଅମଳ ମିଳିଥାଏ ବୁଣିବାର ୪୫ ଦିନ ପରେ ଅମଳ ଆରମ୍ଭ ହୋଇ ୯୦ ଦିନ ପର୍ଯ୍ୟନ୍ତ ଅମଳ ମିଳେ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |


ଆଇ-କନ୍‌ସେପ୍ଟ ଇନିସିଏଟିଭ୍ସ୍

E-mail-iinitiative@yahoo.com

Aqua Alimenta

# ଜୈବିକ ପ୍ରଣାଳୀରେ ବ୍ରୋକଲି ଚାଷ



ଆମ ରାଜ୍ୟରେ ଆଜିକାଲି ବ୍ରୋକଲି ବହୁତ ପରିମାଣରେ ଚାଷ କରାଯାଉଛି । ଏହା ଏକ କୋବିଜାତୀୟ ଫସଲ । ଏହି ଗଛରେ ଗୋଟିଏ ଲମ୍ବା କାଣ୍ଡ ଉପରେ ମୁଖ କଢଟି ରହିଥାଏ । ସାଧାରଣତଃ ଏହାର ରଙ୍ଗ ସବୁଜ ।

**ଜଳବାୟୁ ଓ ମୃତ୍ତିକା:-** ଆମ ଦେଶରେ ତଥା ଆମର ରାଜ୍ୟରେ ବ୍ରୋକଲି ଶୀତ ଋତୁରେ ଚାଷ କରାଯାଏ । ବ୍ରୋକଲିର ଉତ୍ତମ ଗଠନ ପାଇଁ ୧୫ ରୁ ୨୦ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ଚାଷ ହେବା ଦରକାର । ଅଧିକ ତାପମାତ୍ରା ବା କମ୍ ତାପମାତ୍ରାରେ ଚାଷ କଲେ ଭଲ ଅମଳ ମିଳିନଥାଏ ।

**କିସମ:-** ସଧାରଣତଃ ଆମ ରାଜ୍ୟରେ ଚାଷ ହେଉଥିବାରୁ କମ୍ ଶାଖା ଥିବା କିସମ-ଗୁଡିକ ପସନ୍ଦ ଯୋଗ୍ୟ ହୋଇଥାଏ । ଆମ ରାଜ୍ୟରେ ଚାଷ ହେଉଥିବା କେତେକ ଉନ୍ନତମାନର ବିହନ ଯଥା- ପାଲାମ ସମୃଦ୍ଧି, ପୁଷ୍ପାବ୍ରୋକଲି, ପଞ୍ଜାବ ବ୍ରୋକଲି ଅନ୍ୟତମ । ଏହା ବ୍ୟତୀତ ଅନେକ ଶଙ୍କର କିସମ ମଧ ବାହାରିଛି । ଏକର ପ୍ରତି ୧୫୦-୧୮୦ ଗ୍ରାମ୍ ବିହନ ଦରକାର ହୋଇଥାଏ ।

**ବିଶୋଧନ ଓ ତାରା ପ୍ରସ୍ତୁତି:-** ଏକ ଏକର ଜମିରେ ବ୍ରୋକଲି ଚାଷ ପାଇଁ ୧ମି ଓସାର ସୁବିଧା ଅନୁସାରେ ଲମ୍ବ ଓ ୬ରୁ ୮ ଇଞ୍ଚ ଉଚ୍ଚତାର ତଳିପଟି ପ୍ରସ୍ତୁତ କରାଯାଏ । ମାଟିକୁ ଚାଷ କରି ପ୍ରତି ବର୍ଗମିଟର ୫ କି.ଗ୍ରା ଜିଆଖତ ସହିତ ୧୦ ଗ୍ରାମ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧକ କରି ତଳି ପକାଯାଏ । ତାରା ବୁଣିବାର ୩୦ ରୁ ୪୦ ଦିନ ମଧରେ ତାରାରୋପଣ ଉପଯୋଗୀ ହୋଇଥାଏ ।

**ଜମି ପ୍ରସ୍ତୁତ ଓ ତାରାରୋପଣ:-** ମୁଖ୍ୟ ଜମିକୁ ଭଲଭାବେ ୨/୩ ଓଡ ଗୁଣ୍ଡ ଚାଷ କରି ମହିଦେଇ ଜମି ସମତୁଲ କରିଦେବା ଦରକାର । ବ୍ରୋକଲି ଧାଡିକୁ ଧାଡି ୬୦ ରୁ ୭୫ ସେ.ମି ଓ ଗଛକୁ ଗଛ ୪୫ ରୁ ୫୦ ସେ.ମି ରେ ତାରା ଜୈବିକ ଉପାୟରେ ଯଥା:- ବୀଜାମୃତ ବା ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରି ଲଗାଯାଇଥାଏ ।

ଖାଦ୍ୟସାର  ପରିଚାଳନା:- ଶେହ ଓଡ ଚାଷ ସମୟରେ ଏକର ପ୍ରତି ସଢ଼ା କମ୍ପୋଷ୍ଟ କ୍ଷତ ବା ସଢ଼ା ଗୋବର ଖତ ୮/୧୦ ଟନ୍ ବା ଜିଆଖତ ୨/୩ ଟନ୍ ସହିତ ୨ କି.ଗ୍ରା ଟ୍ରାଇକୋଡର୍ମା ଭିରିଡେକୁ ମାଟିରେ ମିଶାଇ ଦିଆଯାଏ । ଏହା ସହିତ ଯଦି ନିର୍ଦ୍ଧିଷ୍ଟ ଜୀବାଣୁ କଲଚର୍ ଦିଆଯାଏ ୨୫% ଖାଦ୍ୟସାର କମ୍ ଲାଗିଥାଏ । ତାରା ରୋପଣର ୨୦ ଦିନ ପରେ ମାଟିକୁ କୋଡାଖୁସା କରି ଏକର ପ୍ରତି ୨୦୦ ଲିଟର ଜୀବାମୃତ /ବାୟୋଡାଇଜେଷ୍ଟର ପ୍ରୟୋଗ କରାଯିବା ଦରକାର । ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ  ୨/୪ ଥର ପ୍ରୟୋଗ କରାଯିବା ଦରକାର । ଜିଆ ଜଳସାର ପ୍ରୟୋଗ କଲେ ଅଧିକ ଫଳପ୍ରଦ ହେବ । ଏବେ ବଜାରରେ ଅନେକ ପ୍ରକାର ଜୈବିକ ଖାଦ ୟସାର ମିଳିଲାଣି ଏହାକୁ ମଧ ପ୍ରୟୋଗ କରାଯାଇପାରେ ।

ଅନ୍ତ ଚାଷ ଓ ଜଳପରିଚାଳନା:- ୧୫ ରୁ ୨୦ ଦିନ ପରେ ମାଟିକୁ କୋଡାଖୁସା କରି ଘାସ ବାଛି ଗଛ ମୂଳକୁ ହୁଡା ଟେକି ଦେବା ଦରକାର । ୩୦ ରୁ ୩୫ ଦିନ ମଧରେ ୨ୟ ଥର ଘାସ ବଛା କରି ଦେବା ଦରକାର । ଆଦ୍ର ପରିବେଶରେ ଗଛର ବୃଦ୍ଧି ଭଲ ହୁଏ । ମୃତ୍ତିକାରେ ଜଳ ସଂରକ୍ଷଣ ଶକ୍ତି ଅଧିକ ଥିଲେ ସେଥିରେ ଅମଳ ଭଲ ମିଳେ । ପ୍ରଥମ ଅବସ୍ଥାରେ ଗଛର ବୃଦ୍ଧି ସମୟରେ ଓ କୋବି ଗଠନ ସମୟରେ ଶୁଖିଲା ଅବସ୍ଥା ରହିଲେ ତାହା ଅମଳକୁ ପ୍ରଭାବିତ କରେ । ମାଟିର ବତରକୁ ଦେଖି ଜମିରେ ପ୍ରତି ୭/୮ ଦିନ ଅନ୍ତରରେ ଜଳସେଚନ କରିବା ଦରକାର । କୋଡାଖୁସା ସମୟରେ ଗଭୀର ଚାଷ କରିବା ଉଚିତ୍ ନୁହେଁ । ତେବେ ଗଛ ବୃଦ୍ଧି ସମୟରେ ଫସଲ ଘାସ ମୁକ୍ତ ରହିବା ନିତ୍ୟାନ୍ତ ଆବଶ୍ୟକ । ଏଥିପାଇଁ ଯଦି ଛାଦିକରଣ କରାଯାଏ ତେବେ ଅଧିକ ଲାଭଦାୟକ ହୋଇଥାଏ । ଛାଦିକରଣ ଶୁଖିଲା ଘାସ, ଲଟା, ନଡା ବା ପ୍ଲାଷ୍ଟିକ୍‌ରେ ହୋଇପାରେ ।

**ସମନ୍ବିତ ରୋଗପୋକ ପରିଚାଳନା:-** ବ୍ରୋକଲି ଫସଲରେ ମୁଖ୍ୟତଃ କଢ-ସଢ଼ା ରୋଗ ଓ ଘରକଟା ରୋଗ ଲାଗିଥାଏ ଓ ଅନିଷ୍ଟକାରୀ ଚେରଗଣ୍ଠି ସୂତ୍ରଜୀବ ଲାଗିଥାଏ । ଏହା ସହିତ ପୋକ ମଧରେ ଠିକିରିଆ ପୋକ, ମୁଣ୍ଡକଣାକାରୀ ପୋକ, ଧୂଆଁପତ୍ର ଗୋଟି ପୋକ ଓ ପତ୍ର ସୁଡଙ୍ଗୀ ପୋକ ଲାଗିଥାଏ । ଏଥିପାଇଁ ସମନ୍ବିତ ରୋଗପୋକ ପରିଚାଳନା ପଦ୍ଧତି ଗ୍ରହଣ କରିବା ବିଧେୟ ।

**ଚାଷ ପ୍ରଣାଳୀ**

୧.ଖରାଦିନେ ଚାଷକୁ, ଖରାଟିଆ ଗହୀର ଚାଷ କରିବା ୨.ଅନୁମୋଦିତ ଦୂରତାରେ ତାରା ରୋପଣ କରିବା ୩. ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ବା ଏକପ୍ରକାର ଚାଷ ବାରମ୍ବାର ନ କରିବା ୪.ଠିକ୍ ସମୟରେ ଜଳସେଚନ କରିବା

ଜମିକୁ ସଫା ରଖିବା ୫. ତଳ ପଟିକୁ ବିଶୋଧନ କରିବା

**ଯାନ୍ତ୍ରିକ ପ୍ରଣାଳୀ**

୧. ଅନିଷ୍ଟକାରୀ ପୋକର ଅଣ୍ଡା, ଲାର୍ଭା ଓ କିଟକୁ ଧରି ନଷ୍ଟ କରିବା୨. ଆକ୍ରାନ୍ତ ଗଛକୁ ଓପାଡି ପୋଡିଦେବା ବା ପୋତିଦେବା ୩. ଠିକିରିଆ ପୋକ ନିୟନ୍ତ୍ରଣ ପାଇଁ ପ୍ରତି ୨୫ ଧାଡି ମଧରେ ୨ ଧାଡି ସୋରିଷ ୧୫ ଦିନ ପୂର୍ବରୁ ଲଗାଇବା ୪. ଏକର ପ୍ରତି ୨/୩ ଟି ଆଲୋକ ଯନ୍ତ୍ର ବସାଇବା

**ଜୈବିକ ପ୍ରଣାଳୀ:-**

୧. ଉପକାରୀ କୀଟ ସଂରକ୍ଷଣ କରିବା ୨. N.P.V ଭୂତାଣୁ ପ୍ରୟୋଗ କରିବା

ଏକର ପ୍ରତି ୫୦ଟି ବାଉଁଶକଣୀ ପୋତିବା ୩. ବିହନକୁ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରିବା ୪. ୫-୭ ଦିନ ଅନ୍ତରରେ ୫୦୦୦୦ ଟ୍ରାଇକୋଡର୍ମା ଚିଲୋନିସ୍ କୋସା ୪ ରୁ ୫ ଥର ଛାଡିବା ୫. ତାରା ଲଗାଇବାର ୧୫ ଦିନ ଓ ୩୦ ଦିନରେ ୫ ସମତୁଲ B.T ଜୀବାଣୁ ପ୍ରୟୋଗ କରିବା

**ଉଦ୍ଭିଦଜାତ କୀଟ ନିୟନ୍ତ୍ରକ ପ୍ରୟୋଗ**

୧. ନିମ୍ବ ପ୍ରସ୍ତୁତ ଔଷଧ ପ୍ୟୟୋଗ କରିବା ୨. ହାଣ୍ଡି ଔଷଧ ପ୍ରୟୋଗ କରିବା  ୩. ୫ % ଲେମ୍ବୁ ପାଣି ସିଞ୍ଚନ କରିବା

ଅମଳ:- କିସମ ଅନୁସାର ଏକର ପ୍ରତି ହାରାହାରି ୩୦ ରୁ ୩୫ କ୍ୱିଣ୍ଟାଲ୍ ଅମଳ ମିଳିଥାଏ ।

(ଟ୍ରାଇକୋଡର୍ମା ଚିଲୋନିସ୍ B.T ଜୀବାଣୁ ବିଭିନ୍ନ ସରକାରୀ କୃଷି ବିଭାଗ ଓ କୃଷି ବୈଜ୍ଞାନିକ ବିଶ୍ୱବିଦ୍ୟାଳୟ ଓ ବେସରକାରୀ ସଂସ୍ଥା ମାନଙ୍କରେ ଉପଲବ୍ଧ)

## ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢ଼ା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍  ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |

**ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ବିନ୍ସ ଚାଷ



ଏହା ଏକ ଛୁଇଁଜାତୀୟ ପରିବା । ଏହାକୁ ଫରାସୀ ଶିମ୍ବ ମଧ୍ଯ କୁହାଯାଏ । ଏହାକୁ ପରିବା ଓ ମଞ୍ଜି ପାଇଁ ଚାଷ କରାଯାଏ । ଏଥିରେ ପୁଷ୍ଟିସାର ସହିତ ଯଥେଷ୍ଟ ପରିମାଣରେ ଖଣିଜ ଲବଣ ଓ ଭିଟାମିନ୍ ରହିଥାଏ ।

ଜଳବାୟୁ ମୃର୍ତ୍ତିକା ଓ କିସମ:- ଆମ ରାଜ୍ୟରେ ଏହା ଶୀତ ଦିନରେ ଚାଷ କରାଯାଏ । ତେବେ ଏହାକୁ ୧୫ ରୁ ୨୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଓ ଅମଳତା ୫.୫ ରୁ ୬.୮ ମଧ୍ୟରେ ରହିଲେ ଭଲ ଅମଳ ହୋଇଥାଏ । ଉର୍ବର ଦୋରସା ମାଟିଠାରୁ ବାଲିଆ ଦୋରସା ଓ ମଟାଳ ମାଟି ସବୁଥିରେ ବିନ୍ସ ଚାଷ କରାଯାଇପାରିବ । ଜଳ ଜମି ରହୁଥିବା ମାଟିରେ ଏହା ଚାଷ ପାଇଁ ଅନୁପଯୁକ୍ତ । ଛୁଇଁରେ ଥିବା ତନ୍ତୁର ପରିମାଣ ଉପରେ ନିର୍ଭର କରି ବିନ୍ସକୁ ତନ୍ତୁଜାତୀୟ ଓ ତନ୍ତୁବିହନ ଏପରି ୨ ଭାଗରେ ବିଭକ୍ତ କରାଯାଇଛି । ସେହିପରି ଗଛର ବୃଦ୍ଧିକୁ ନେଇ ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି । ସେହିପରି ଗଛର ବୃଦ୍ଧିକୁ ନେଇ ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି ଯଥା:- ବୁଦା ଓ ଲଟା ଜାତୀୟ । କେତେକ ଉନ୍ନତ କିସମ ଯଥା:ଅର୍କା କୋମଳ, କଣ୍ଟେଣ୍ଟର, ପୁଷ୍ପା ପାବର୍ତୀ, ପୁଷା ଉଦିତ, ପନ୍ ଅନୁପମା, ସ୍ୱର୍ଣ୍ଣପ୍ରିୟ ଇତ୍ୟାଦି ଏହା ସବୁ ବୁଦା କିସମ । ଏହାଛଡା ଲଟା କିସମ ମଧ୍ୟରେ ପୁଷା ହିମଲତା, ସ୍ୱର୍ଣ୍ଣଲତା, ଈ.ଳ-୪ ରାଇକିଆ ଲୋକାଲ ପ୍ରଧାନ । ଏହାଛଡା ଅନେକ ପ୍ରକାର ଶଙ୍କର କିସମ ବାହାରିଛି ଯଥା:- ବୁଦା ରାଣୀ, ଅନୁପମା, ସୋନାଲି, ଆର୍କା ସାରଦା ଇତ୍ୟାଦି ଲଟା କିସମ ଯଥା:- ଆଶା, କୋମଳ ଇତ୍ୟାଦି ।

ବିଶୋଧନ ଓ ପରିମାଣ:- ଏକର ପ୍ରତି ବୁଦା ବିନ୍ସ ୨୦-୨୫ କେ.ଜି ଓ ଲଟା କିସମ ୧୦-୧୨ କି.ଗ୍ରା ଦରକାର କରିଥାଏ । ବିହନ ବୁଣିବା ପୂର୍ବରୁ ବିହନକୁ ଦେଶୀ ଗୋମୂତ୍ର ବା ବୀଜାମୃତ ବା ଟ୍ରାଇକୋଡର୍ମା ଭିରିଡିରେ ବିଶୋଧନ କରାଯାଇ ମଞ୍ଜି ବୁଣାଯାଏ । ବିଶୋଧନ କରି ମଞ୍ଜି ବୁଣିଲେ ବିହନ ଜନିତ ରୋଗ ହୋଇ ନଥାଏ ।

ଜମି ପ୍ରସ୍ତୁତ ଓ ମଞ୍ଜି ବୁଣା:- ମଞ୍ଜିକୁ ପ୍ରଥମେ ଗଭୀର ଚାଷ କରିବା ପରେ ଆଉ ଥରେ ହାଲୁକା ଭାବରେ ଚାଷ କରି ମାଟି ଗୁଣ୍ଡ କରିଦେବା ଦରକାର । ଏହାପରେ ବୁଦା କିସମ ଧାଡିକୁ ଧାଡି ୪୫ ସେ.ମି ଓ ଗଛକୁ ଗଛ ୧୫ ସେ.ମି ବ୍ୟବଧାନରେ ଓ ଲଟା କିସମ ଧାଡିକୁ ଧାଡି ୬୦ ସେ.ମି ଓ ଗଛକୁ ଗଛ ୨୦ ସେ.ମି ରେ ଲଗାଯାଏ । ଲଟା କିସମକୁ ଟ୍ରେଲିସ୍ ପଦ୍ଧତିରେ ଚାଷ କଲେ ଯଥେଷ୍ଟ ଅମଳ ମିଳିଥାଏ । ରଞ୍ଜା ବା ଭାଡି ପଦ୍ଧତିରେ ମଧ ଲଟା ବିନ୍ସ କରାଯାଏ ।

ଖାଦ୍ୟସାର ପ୍ରୟୋଗ:- ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୪/୬ ଟନ୍ ସଢା କମ୍ପୋଷ୍ଟ ଖତ ବା ସଢା ଗୋବର ଖତ ବା ୧ରୁ ୧.୧.୫ ଟନ୍ ଜିଆଖତ ସହିତ ୨ କି.ଗ୍ରା ଟ.ଝ.ଈ କଲଚର୍ ଓ ୨ କି.ଗ୍ରା ରାଇଜୋବିୟମ କଲଚର୍ ମିଶାଇ ପ୍ରୟୋଗ କଲେ ମାଟିରେ ବାନ୍ଧି ହୋଇ ରହିଥିବା ଫସ୍‌ଫରସ୍ ଖାଦ୍ୟସାର ଗଛକୁ ସହଜ ଉପଲବ୍ଧ ହୋଇଥାଏ ଓ ବାୟୁମଣ୍ଡଳରେ ଥିବା ଯବକ୍ଷାରଜାନ ଖାଦ୍ୟସାର ଗଛକୁ ମିଳିଥାଏ ।

ଅନ୍ତଚାଷ ଓ ଜଳପରିଚାଳନା:- ଫସଲର ପ୍ରାରମ୍ଭରେ ଅବସ୍ଥାରେ ହାଲୁକା କୋଡାଖୁସା କରି ଘାସ ନିୟନ୍ତ୍ରଣ କରିବା ଦରକାର । ବିନ୍ସ ଚେର ମାଟିର ଉପର ଭାଗରେ ରହିଥାଏ । ତେଣୁ ଜଳାଭାଗ ଫସଲର ଅମଳ ତଥା ଗୁଣବତ୍ତାକୁ ପ୍ରଭାବିତ କରେ । ନିୟମିତ ବ୍ୟବଧାନରେ ମାଟିର ଆର୍ଦ୍ରତାକୁ ଦେଖି ଫସଲ ଅବଧି ମଧ୍ୟରେ ୭/୮ ଥର ଜଳସେଚନ ଆବଶ୍ୟକ କରିଥାଏ ।

ରୋଗପୋକ ପରିଚାଳନା:- ବିନ୍ସ ଫସଲରେ ମୁଖ୍ୟତଃ ଜଉପୋକ, ପତ୍ରସୁଡ-ଙ୍ଗୀ ପୋକ, ଛୁଇଁବିନ୍ଧା ପୋକ, ପତ୍ରଡିଆଁ ପୋକ ଓ ଘୋଡା ପୋକ ଲାଗିଥାଏ । କ୍ଷତିକାରକ ରୋଗ ମଧ୍ୟରେ ପାଉଁଶିଆ ରୋଗ, ଅଙ୍ଗାରୀ ସଢାରୋଗ, ଜୀବାଣୁଜନିତ ପତ୍ରପୋଡା ରୋଗ, କଳଙ୍କ ରୋଗ ଆନ୍ଥ୍ରାକସ୍ ଆଦି ପ୍ରଧାନ । ଏହା ସହ ଚେର ଗଣ୍ଠି ସୃଷ୍ଟିକାରୀ ସୂତ୍ରଜୀବ ଲାଗିଥାଏ । ଏଥିପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା କରିବା ଦରକାର ।

**ଚାଷ ପ୍ରଣାଳୀ:-** ୧. ଖରାଦିନେ ଜମିକୁ ଗଭୀର ଖରାଟିଆ ଚାଷ କରିବା ଦରକାର ୨. ଠିକ୍ ସମୟରେ ଜଳସେଚନ କରିବା ୩. ବିନ୍ସରେ ଫଳବିନ୍ଧା ପୋକ ନ ହେବା ପାଇଁ ଗେଣ୍ଡୁ ଫୁଲ ଚାଷ କରିବା ଓ ମକ୍କା ଫସଲକୁ ଫସଲ ପର୍ଯ୍ୟାୟରେ ଅବଲମ୍ବନ କରିବା ୪. ସୂତ୍ରକୃମି ଜନିତ ରୋଗରୁ ମୁକ୍ତି ପାଇଁ ଶେଷ ଓଡଚାଷ ସମୟରେ ୧୦୦ କି.ଗ୍ରା ନିମ୍ବ ପିଡିଆ ପ୍ରୟୋଗ କରିବା ୫. ଫସଲ କିଆରିକୁ ଘାସ ଓ ଅନାବନା ରୋଗାକ୍ରାନ୍ତ ଗଛରୁ ମୁକ୍ତ ରଖିବା ୬. କ୍ଷତିକାରକ କୀଟର ଅଣ୍ଡାପୁଜ ଓ ଲାର୍ଭାକୁ ସଂଗ୍ରହ କରି ହାତରେ ମାରିଦେବା । ୭. ଏକର ପ୍ରତି ୨୦ ଟି ଫେରୋମନ ଯନ୍ତ୍ର ଓ ୨୦ଟି ଅଠାଳିଆ ହଳଦିଆ ଯନ୍ତା ବସାଇବା ୮. ଜମିକୁ ପ୍ରାଥମିକ ଅବସ୍ଥା ଯଥା ୫/୭ ସପ୍ତାହ ଘାସ ମୁକ୍ତ ରଖିବା ୯. ଜମିରେ ଉପକାରୀ କୀଟ ସଂରକ୍ଷଣ କରିବା ୧୦. କୀଟ ଭକ୍ଷୀ ପକ୍ଷୀମାନଙ୍କ ପାଇଁ ଏକର ପ୍ରତି ୨୦ଟି ବାଉଁଶ କଣି ପୋତି ପକ୍ଷୀ ଆଶ୍ରୟସ୍ଥଳ ତିଆରି କରିବା ୧୧. ବିହନକୁ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରିବା ୧୨. ଜଉପୋକ ନିୟନ୍ତ୍ରଣ ପାଇଁ ଫସଲରେ କ୍ରାଇସୋପା କାର୍ନିଆ ଛାଡିବା ୧୩. ୭ ଦିନ ଅନ୍ତରରେ ୫ ଥର, ଥରକୁ ୨୦ ରୁ ୨୫ ହଜାର ଟ୍ରାଇକୋଗୋମ ଚିଲୋନିସ୍ ଛାଡିବା । ୧୪. ପୋକ ନିୟନ୍ତ୍ରଣ ପାଇଁ ହାଣ୍ଡି ଔଷଧ, ନିମ୍ବଜାତ ଔଷଧ ବ୍ୟବହାର କରିବା ୧୫. ବଜାରରେ ମିଳୁଥିବା ଜୈବିକ ଔଷଧ ପ୍ରୟୋଗ କରିବା ଦରକାର ।

**ହରମୋନ ପ୍ରୟୋଗ:-** ଗଛରେ ଅଣ୍ଡା ଟନିକ୍ ବା ମାଛ ଟନିକ୍ ଲିଟର ପ୍ରତି ୨ରୁ ୪ ମି.ଲି ମିଶାଇ ପ୍ରୟୋଗ କଲେ, ଗଛର ବୃଦ୍ଧି, ଫୁଲ ତଥା ଫଳ ଧାରଣ କ୍ଷମତା ତଥା ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ ।

**ଅମଳ:-** କିସମ ଅନୁସାରେ ମଞ୍ଜି ବୁଣିବାର ୫୦ ରୁ ୬୦ ଦିନ ମଧ୍ୟରେ ଫଳ ଅମଳ ଯୋଗ୍ୟ ହୋଇଥାଏ । ଲଟା ଜାତୀୟ କିସମ ୫ରୁ ୬ଥର ତୋଳିବା ଦରକାର ପଡେ । ବୁଦା କିସମ ୨/୩ ଥର ତୋଳିବା ଆବଶ୍ୟକ । ବୃଦ୍ଧିପ୍ରାପ୍ତ ଛୁଇଁଗୁଡିକ କୋମଳ ଅବସ୍ଥାରେ ତୋଳିବା ଭଲ । ଏକର ପିଛା ବୁଦା କିସମ ୨୫ -୨୮ କ୍ୱିଣ୍ଟାଲ୍ ଓ ଲଟା କିସମ ୪୦ ରୁ ୪୫ କ୍ୱିଣ୍ଟାଲ୍ ଅମଳ ହୋଇଥାଏ ।

(ବି.ଦ୍ର:- ଟ୍ରାଇକୋଡର୍ମା ଚିଲୋନିସ୍ B.T ଜୀବାଣୁ ବିଭିନ୍ନ ସରକାରୀ କୃଷି ବିଭାଗ ଓ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଓ ବେସରକାରୀ ସଂସ୍ଥା ମାନଙ୍କରେ ଉପଲବ୍ଧ)

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |

**ଆଇ-କନ୍‌ସେପ୍ଟ ଇନିସିଏଟିଭ୍ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ବାଇଗଣ ଚାଷ



ବାଇଗଣ ସାରା ଭାରତରେ ଏକ ଲୋକପ୍ରିୟ ପରିବା । ପାହାଡ଼ିଆ ଅଞ୍ଚଳକୁ ଛାଡିଦେଲେ ଏହା ପ୍ରାୟ ସବୁ ଅଞ୍ଚଳରେ ଚାଷ ହୁଏ । ଏହା ଏକ ବହୁ ବର୍ଷୀୟ ଫସଲ ମାତ୍ର ଏହା ବର୍ଷିକିଆ ଫସଲ ଭାବରେ ଚାଷ ହୁଏ । ଏହାର କ୍ୟାଲୋରୀ ପରିମାଣ କମ୍ । ତେଣୁ ଏହା ମଧୁମେହ ରୋଗୀଙ୍କ ପାଇଁ ଉପକାରୀ । ଆମ ଦେଶରେ ଅନେକ ପ୍ରକାର ଓ ଅନେକ ରଙ୍ଗର ବାଇଗଣ ଚାଷ ହୁଏ ।

**ଜଳବାୟୁ ଓ ମୃର୍ତ୍ତିକା:-** ଆମ ଦେଶ ତଥା ରାଜ୍ୟରେ ଏହା ବିଭିନ୍ନ ଜଳବାୟୁରେ ଚାଷ କରାଯାଉଛି । ପ୍ରାୟ ସବୁ ଋତୁରେ ଏହା ଚାଷ ହୁଏ । କିନ୍ତୁ ବର୍ଷାଦିନେ ଫସଲରେ ବିଶେଷ କରି ଜଳ ନିଷ୍କାସନର ସୁବିଧା ନଥିଲେ ବିଭିନ୍ନ ରୋଗ ପୋକ ଲାଗିଥାଏ । ବାଇଗଣ ଫସଲ ଖରାପାଗ ଉର୍ବର ମାଟି ଦରକାର କରିଥାଏ । ଏହାର ମରୁଡ଼ି ସହଣିଶକ୍ତି ମଧ୍ୟମ ଧରଣର । ଖରାଟିଆ ଫସଲ ଅଧିକ ଜଳ ଦରକାର କରେ । ୨୦ ରୁ ୩୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଫସଲ ଭଲ ହୁଏ । ଏହା ନିଗିଡା ଉର୍ବର ବାଲିଆ ଦୋରସା ମାଟିରେ ଭଲ ହୋଇଥାଏ । ମାଟିର ଜୈବିକ ଅଂଶ ଅଧିକ ଥିବା ଦରକାର । ଏହା ସମାନ୍ୟ ଅମ୍ଳଯୁକ୍ତ ୫.୫ ରୁ ୬.୫ ମଧ୍ୟରେ ରହିଲେ ଭଲ । ଲୁଣି ମାଟିରେ ବାଇଗଣ ଚାଷ ଭଲ ହୁଏ ନାହିଁ ।

**ବିହନ ଓ ବିଶୋଧନ:-** ଏକ ଏକର ପାଇଁ ସାଧାରଣତଃ ୧୦୦.୨୦୦ ଗ୍ରାମ୍ ବିହନ ଦରକାର ହୋଇଥାଏ । ଏହା ଗଛର ଆକୃତି ଉପରେ ନିର୍ଭର କରେ । ତଳିମପକାଇବା ପୂର୍ବରୁ ମଞ୍ଜିକୁ ଭଲ ଭାବରେ ବିଶୋଧନ କରିବା ଦରକାର ।

**ତଳିପଟି ପ୍ରସ୍ତୁତ:-** ଏକ ଏକର ବାଇଗଣ ଚାଷ ପାଇଁ ପ୍ରାୟ ୧୦୦ ବର୍ଗମିଟର ତଳି ଘେରେ ପ୍ରସ୍ତୁତ କରିବା ଦରକାର ହୋଇଥାଏ । ତଳିପଟିକୁ ୧ ମିଟର ଓସାର ସୁବିଧା ଅନୁସାରେ ଲମ୍ବ ଓ ୮ ଇଞ୍ଚ ଉଚ୍ଚତା କରିବା ଦରକାର । ପ୍ରତି ବର୍ଗମିଟର ତଳିପଟିରେ ୩ କି.ଗ୍ରା ଜିଆଖତ ବା ୫ କି.ଗ୍ରା ସଢ଼ା କମ୍ପୋଷ୍ଟ ଖତ ସହିତ ନିମ୍ବ ପିଡିଆ , ୫୦ ଗ୍ରାମ ଟ୍ରାଇକୋଡାର୍ମା ଭିରିଡେ ବର୍ଗମିଟର ପ୍ରତି ୫ ଗ୍ରାମ ହିସାବରେ ମାଟିରେ ଚାରା ପକାଇବାର ୧୦ ଦିନ ପୂର୍ବରୁ ମିଶାଇ ୨.୫ ଇଞ୍ଚ ଧାଡିରେ ମଞ୍ଜି ବୁଣିବା ଦରକାର । ତଳିପଟିର ବତର ଦେଖି ସିଞ୍ଚା ପାଣି ଦିଆଯାଏ । ତଳି ୩୦ ରୁ ୪୦ ଦିନର ହୋଇଗଲେ ଚାରା ରୋପଣ ପାଇଁ ଉପଯୁକ୍ତ ହୋଇଯାଏ । ତଳି ରୋଇବା ପୂର୍ବରୁ ତଳିକୁ ୧ କି.ଗ୍ରା ଟ.ଝ.ଇ ଓ ୧ କି.ଗ୍ରା ଆଜୋସ୍ପିରିଲୋମ୍‌କୁ ୫ ଲିଟର ପାଣିରେ ମିଶାଇ ଚାରାକୁ ୨୦ ରୁ ୩୦ ମିନିଟ୍ ବୁଡାଇ ଉପର ବେଳା ଲଗାଇବା ଉଚିତ୍ ।

**ମୁଖ୍ୟ ଜମି ପ୍ରସ୍ତୁତି ଓ ଚାରା ରୋପଣ:-** ତଳି ରୋଇବାର ୧୦ ରୁ ୧୫ ଦିନ ପୂର୍ବରୁ ଜମି ପ୍ରସ୍ତୁତ କରନ୍ତୁ । ଜମିକୁ ୩/୪ ଓଡ ଗଭୀର ଚାଷ କରି ମହିଦେଇ ସମ-ତୁଲ କରିଦେବା ପରେ ଗଛକୁ ଗଛ ୬୦ ସେ.ମି ଓ ଧାଡିକୁ ଧାଡି ୭୫ ସେ.ମିରେ ଚାରା ରୋପଣ କରିବା ଦରକାର ।

**ଅନ୍ତଚାଷ ଓ ଜଳପରିଚାଳନା:-** ବାଇଗଣ ଗଛ ଧିରେ ବଢୁଥିବାରୁ ଚାରା ରୋଇବାର ୩୦ ଦିନ ଠାରୁ ପ୍ରତି ୧୫ ଦିନରେ ୨ଥର କୋଡାଖୁସା କରି ଶେଷ କୋଡାଖୁସା ସମୟରେ ଗଛ ମୂଳକୁ ହୁଡା ଟେକିଦେଲେ ଜଳସେଚନ ସୁବିଧାରେ ହୋଇଥାଏ । ପ୍ରତି ୨୦-୨୫ ଦିନରେ ଘାସ ବାଛି ଜମିକୁ ଘାସ ମୁକ୍ତ ରଖନ୍ତୁ । ଏହା ସହିତ ବାଇଗଣ ଫସଲରେ ଛାଦିକରଣ କରିବା ଦ୍ୱାରା ଅଧିକ ଅମଳ, କମ୍ ଖର୍ଚ୍ଚ ହୋଇଥାଏ । ଛାଦିକରଣ ଶୁଖିଲା ଘାସ, ଲଟା ନଡା ବା ପଲିଥିନରେ ହୋଇପାରିବ । ଯଦି ବୁନ୍ଦା ଜଳସେଚନ କରାଯାଏ ତେବେ ବାଇଗଣ ଫସଲରେ କମ୍ ଜଳ ଓ ରୋଗପୋକ ମଧ କମ୍ ହୋଇଥାଏ । ଯଦି ତାହା ସମ୍ଭବ ନୁହେଁ ତେବେ ହୁଡା ଛାଡି ହୁଡା (Alternative Channel Irrigation) କରାଯାଇ ସେଥିରେ ମଧ କମ୍ ଜଳ ଲାଗିଥାଏ ।

**ସମନ୍ୱିତ ପୋକ ପରିଚାଳନା:-** ମଞ୍ଜି ବୁଣିବା ଠାରୁ ଫସଲ ବୃଦ୍ଧି ଓ ଫୁଲଫଳ ପ୍ରତ୍ୟେକ ଅବସ୍ଥାରେ ବିଭିନ୍ନ ପ୍ରକାର କୀଟ ଫସଲକୁ ଯଥେଷ୍ଟ କ୍ଷତି ପହଁଚାଇଥାନ୍ତି, ସେମାନଙ୍କ ମଧ୍ୟରୁ ମୁଖ୍ୟ କୀଟ ହେଲା ଫଳ ଓ ଅଗ କାଣ୍ଡ ବିନ୍ଧା ପୋକ , କାଣ୍ଡ ବିନ୍ଧା ପୋକ, ଧଳା ମାଛି, ପତ୍ରଖିଆ ଗୋଟିପୋକ ଓ ନାଲିଅଷ୍ଟପଦି ଓ ଦହିଆ ପୋକ ।

**କୀଟ ପରିଚାଳନା :-**

୧. ଫଳ ଓ କାଣ୍ଡବିନ୍ଧା ପୋକ ପାଇଁ ଏକର ପ୍ରତି ୪୦ ରୁ ୫୦ ଟି ଫେରମୋନ ବା ସଙ୍ଗ ଆକର୍ଷଣ ଯନ୍ତା ବସାଇବା ଦରକାର । ପ୍ରତି ୨୫ ରୁ ୩୦ ଦିନ ମଧ୍ୟରେ ଲିଓର ବଦଳାନ୍ତୁ । ଆକ୍ରାନ୍ତ ଡାଳକୁ ଗଛଠାରୁ ଅଲଗା କରି ମାଟିରେ ପୋତି ଦିଅନ୍ତୁ ଅଥବା ପୋଡି ଦିଅନ୍ତୁ ।

୨. ଆକ୍ରାନ୍ତ ଫଳଗୁଡିକୁ ତୋଳି ନଷ୍ଟ କରିଦିଅନ୍ତୁ ।

୩. ନିୟମିତ ହାଣ୍ଡି ଔଷଧ ବ୍ୟବହାର କରନ୍ତୁ ।

୪. ନିମ୍ବ ପ୍ରସ୍ତୁତି ଔଷଧ ବ୍ୟବହାର କରନ୍ତୁ ।

୫. ଆଗ୍ନେୟାସ୍ତ୍ର ପ୍ରତି ୧୦ ରୁ ୧୫ ଦିନରେ ପ୍ରୟୋଗ କରନ୍ତୁ ।

୬. ଫସଲକୁ ସନ୍ତୁଳିତ ଖାଦ୍ୟସାର ଯୋଗାଇ ଗଛର କିଟ ସହଣୀ ଶକ୍ତି ବଢ଼ାନ୍ତୁ ।

୭. ଏକର ପ୍ରତି ୫୦୦୦୦ ଟ୍ରାଇକୋଗାମା ଚିଲୋନିସ୍ କୋପା ଛାଡି କାଣ୍ଡବିନ୍ଧା ପୋକ ଦାଉରୁ ଫସଲକୁ ରକ୍ଷା କରନ୍ତୁ ।

୮. ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ ସଜଗୋବର ଘୋଳ ( ୧ ଲିଟର ପାଣିରେ ୧୦୦ ଗ୍ରାମ) ସିଞ୍ଚନ କରନ୍ତୁ ।

୯. ଶେଷ ଓଡ ଚାଷ ସମୟରେ ୧୦୦ କି.ଗ୍ରା ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ ।

୧୦. ରୋଗପୋକର ପ୍ରାକୃତିକ ଶତ୍ରୁ ଯଥା :-ବୁଢ଼ିଆଣୀ, ଇନ୍ଦ୍ରଗୋପୀ ଭୃଙ୍ଗ ଆଦି ପୋକମାନଙ୍କୁ ସୁରକ୍ଷା କରନ୍ତୁ ।

୧୧. ଧଳା ମାଛି ପାଇଁ ଏକର ପ୍ରତି ଗୋଟିଏ କ୍ରାଇସେପର୍ଲା କୀଟ ଛାଡନ୍ତୁ ।

୧୨. ପତ୍ରରେ ଦେଶୀ ଗୋମୂତ୍ର, ଜଳ ( ୧:୬) ଅନୁପାତରେ ସିଞ୍ଚନ କରନ୍ତୁ ।

୧୩. ଅନିଷ୍ଟକାରୀ କୀଟ ପତଙ୍ଗ, ଅଣ୍ଡାଫୁଜ, ଶୁକକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ ।

୧୪. ପାଉଁଶ ଓ କିରୋସିନି ମିଶାଇ ସିଞ୍ଚନ କରନ୍ତୁ ।

୧୫. କୀଟ ଦମନ ପାଇଁ ଫସଲର ୨ ଫୁଟ ଉଚ୍ଚରେ ପକ୍ଷୀ ବସିବା ପାଇଁ ବାଉଁଶ କଣୀ ପୋତନ୍ତୁ ।

ସମନ୍ୱିତ ରୋଗ ପରିଚାଳନା:-ରୋଗ ବିହନ, ମାଟି ବା ବାୟୁ ଜନିତ ହୋଇପାରେ । ଏହା ମଧ ଆକ୍ରାନ୍ତ ଗଛ ବା ଘାସ ଲତାରୁ ସୁସ୍ଥ ଗଛକୁ ବ୍ୟାପିପାରେ । ବାଇଗଣ ଫସଲର କବକ, ଭୂତାଣୁ, ମାଇକୋପ୍ଲାଜମା ଆଦି ପ୍ରଧାନ । ଏମାନେ ସାଧାରଣତଃ କବକଜନିତ ପତ୍ରପୋଡା , ଝାଉଁଳା, କାଣ୍ଡପଚା, ଛୋଟପତ୍ର ରୋଗ, ଚେର ସଢ଼ା, ସାହେଦୀ ରୋଗ, ଘରକଟା ଓ ପତ୍ରଦାଗ ଇତ୍ୟାଦି । ଅଧିକାଂଶ ଭୂତାଣୁ ବାଜୀବାଣୁଜନିତ ରୋଗ ହୋଇଥାଏ । ତେଣୁ ସୁସ୍ଥ ସବଳ ମଞ୍ଜି ବା ଚାରା ପାଇଁ

୧. ବିଶ୍ୱାସଯୋଗ୍ୟ ସଂସ୍ଥା ବା ବିକ୍ରେତାଙ୍କଠାରୁ ବିହନ କିଣନ୍ତୁ ।

୨. କୌଣସି ସ୍ଥିତିରେ ରାସାୟନିକ ସାର ବ୍ୟବହାର କରନ୍ତୁ ନାହିଁ ।

୩. ଭଲ ଭାବେ ସଢ଼ିଥିବା ଖତ ବ୍ୟବହାର କରନ୍ତୁ ।

୪. ଫସଲ ପର୍ଯ୍ୟାୟ ବା ଅନ୍ତଃଫସଲ ଭାବେ ତୁଳସୀ, ହଳଦିଆ ଗେଣ୍ଡୁ ଚାଷ କରନ୍ତୁ ।

୫. ସୂର୍ଯ୍ୟାସ୍ତ ସମୟକୁ ଫସଲରେ ଅଧିକ ଜଳ ଦିଅନ୍ତୁ ନାହିଁ କିମ୍ବା ପତ୍ରରେ ପାଣି ପଡିବାକୁ ଦିଅନ୍ତୁ ନାହିଁ ।

୬. ବିହନକୁ ଜୈବିକ ପ୍ରଣାଳୀରେ ବିଶୋଧନ କରନ୍ତୁ ।

୭. ଜିଆଖତ ବ୍ୟବହାର କରନ୍ତୁ ।

୮. କୃତ୍ରିମ ଉପାୟରେ ଜୈବ ଜୀବାଣୁ ନାଶକ ଓ ବୀଜାଣୁ ନାଶକ ବ୍ୟବହାର କରି ରୋଗ ନିୟନ୍ତ୍ରଣ କରନ୍ତୁ ।

ହରମୋନ ପ୍ରୟୋଗ:- ଗଛ, ଫୁଲ, ଫଳ ବୃଦ୍ଧି ପାଇଁ ଜେବିକ ହରମୋନ ଯଥା:]- ଅଣ୍ଡା ଟନିକ୍, ମାଛ ଟନିକ୍ ଲିଟର ପାଣି ପିଛା ୨ରୁ ୪ ମି.ଲି ଗ୍ରାମ୍ ବ୍ୟବହାର କରନ୍ତୁ ।

ଅମଳ:- ଚାରା ଲଗାଇବାର ୧୨ ରୁ ୧୪ ସପ୍ତାହ ପରେ (ଛୋଟ କିସମ) ୨୦-୨୨ ସପ୍ତାହରେ ବଡ କିସମ ଅମଳ ପାଇଁ ଉପଯୁକ୍ତ ହୋଇଥାଏ । ବାଇଗଣ ଫସଲର ଏକର ପ୍ରତି କର୍ସମ ଅନୁଯାୟୀ ୧୦୦ ରୁ ୧୫୦ କ୍ୱିଣ୍ଟାଲ୍ ମିଳିଥାଏ ।

ବି:ଦ୍ର - ଏକର ପ୍ରତି ୨୦୦୦୦ ଟ୍ରାଇକୋଗାମା ଚିଲୋନିସ୍ ପ୍ରତି ୧୫ରୁ ୨୦ ଦିନରେ ଛାଡି ଫଳ ବିଧା ପୋକ ନିୟନ୍ତ୍ରଣ କରାଯାଇପାରିବ । ଏହି ପରାଶ୍ରୀୟୀ କୀଟ କୃଷି ବିଭାଗ, ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟ ପରୀକ୍ଷାଗାର ମାନଙ୍କରେ ବଢାଯାଇ ଜୈବିକ ନିୟନ୍ତ୍ରକ ଭାବରେ ପ୍ରୟୋଗ କରାଯାଇପାରିବ । ଅମ୍ଳ ମାଟିର ଶୋଧନ ପାଇଁ ଚୂନ ବା କାଗଜ କଳ ମଇଳା ବ୍ୟବହାର କରାଯାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |

ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍
E-mail-iinitiative@yahoo.com

Aqua Alimenta

# ଜୈବିକ ପ୍ରଣାଳୀରେ ଲଙ୍କା ଚାଷ



ଲଙ୍କା ଏକ ଅର୍ଥକାରୀ ମସଲା ଫସଲ । ଏହାର ସ୍ୱାଦ, ରଙ୍ଗ, ଓ ରାଗ ଲାଗି ଖାଦ୍ୟ ପ୍ରସ୍ତୁତିରେ ଆବଶ୍ୟକ ଥାଏ । ଏଥିରେ ଭିଟାମିନ୍ ସି ଓ ଖଣିଜ ପଦାର୍ଥ ରହିଛି ।

ଜଳବାୟୁ ଓ ମୃତ୍ତିକା:- ଲଙ୍କା ଚାଷ ପାଇଁ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଓ ଅମଳ ସମୟରେ ଶୁଷ୍କ ଜଳବାୟୁ ଦରକାର ହୋଇଥାଏ । ଏଥିପାଇଁ ବାୟୁମଣ୍ଡଳର ଉତ୍ତାପ ୧୨ ରୁ ୩୫ ଡିଗ୍ରୀ ମଧ୍ୟରେ ରହିଲେ ଭଲ ମାଟିର କ୍ଷ.ଷ ୬ରୁ ୬.୫ ଡିଗ୍ରୀ ସେଲସିୟସ ମଧ୍ୟରେ ଭଲ ହୋଇଥାଏ । ରାସାୟନିକ କ୍ଷେତ୍ର ଠାରୁ ୨୫-୩୦ ଫୁଟ ଦୂରରେ ଜୈବିକ ଚାଷ କରାଯାଏ । ନିଗିଡା, ଦୋରସା, ଉର୍ବର ପଟୁ ପଡିଥିବା ମାଟିରେ ଲଙ୍କା ଚାଷ ଭଲ ହୋଇଥାଏ ।

କିସମ:-  ଆମ ରାଜ୍ୟରେ ଅନେକ ଦେଶୀ କିସମର ଲଙ୍କା ଅଛି । ଏହା ଛଡା ଭିନ୍ନ ଭିନ୍ନ କିସମ ବାହାର କରାଯାଇଛି  । କଞ୍ଚା ଲଙ୍କା ଅମଳ ପାଇଁ ୮୫ ରୁ ୯୦ ଦିନ ସମୟ ଲାଗେ ଓ ଶୁଖିଲା ଲଙ୍କା ଅମଳ ପାଇଁ ୧୨୫ ରୁ ୧୪୫ ଦିନ ସମୟ ଲାଗେ । କେତେକ ଉନ୍ନତ କିସମ ହେଲା -ଉତ୍କଳ ଆଭା, ଉତ୍କଳ ରଶ୍ମି, ଉତ୍କଳ ରାଗିଣୀ ଏହା ସହିତ ଅନେକ ଶଙ୍କର କିସମ ମଧ୍ୟ ବାହାରିଛି ଯଥା- ପୁଷାଜ୍ୱଳା, ସିନ୍ଦୁର, ପୁଷାସଦ ।ବାହାର, ପନ୍ତ ସି-୧,୨, ଆର୍କା ଲୋହିତ, ଆର୍କା ଅବିର, ଅଗ୍ନି, ସୂର୍ଯ୍ୟ , ସମର ଇତ୍ୟାଦି । ଜୈବିକ ଚାଷ ପାଇଁ ଶଙ୍କର ବିହନ ବ୍ୟବହାର ନକରିବା ଭଲ ।

**ତଳି ପ୍ରସ୍ତୁତ :-** ଏକର ପ୍ରତି ୨୦୦ ରୁ ୩୦୦ ଗ୍ରାମ ବିହନ ଆବଶ୍ୟକ ହୋଇଥାଏ । ବିହନକୁ ବୁଣିବା ପୂର୍ବରୁ  ଟ୍ରାଇକୋଡାର୍ମା ଭିରିଡେ କି.ଗ୍ରା ପ୍ରତି ୫ ହିସାବରେ ମଞ୍ଜି ବିଶୋଧନ କରିବା ଉଚିତ୍ । ଦେଶୀ ଗୋମୂତ୍ର ବା ଜୀବାମୃତ୍ରରେ ମଧ୍ୟ ବିହନ ବିଶୋଧନ ହୋଇପାରିବ । ଭଲ ଭାବରେ ଜଳ ନିଷ୍କାସନ ହୋଇପାରୁଥିବା ଜମିରେ ତଳି ପକାଇବା ଉଚିତ୍ । ତଳି ପଟାଳିରେ ଲମ୍ବା ସୁବିଧା ଅନୁଯାୟୀ ଓସାର ଓ ମିଟର ଓ ୧୫ ରୁ ୨୦ ସେ.ମି ହେବା ଦକାର । ଏକର ଜମି ପାଇଁ ୪୦ ବର୍ଗମିଟର ତଳି ତିଆରି କରି ମାଟିରେ ମିଶାଇ ଦେବା ଦରକାର । ଏହା ସହିତ ମାଟିରେ ବର୍ଗମିଟର ପିଛା ୧୦ ଗ୍ରାମ୍ ଟ୍ରାଇକୋର୍ଡମା ଓ ୫୦ ଗ୍ରାମ ହିସାବରେ ନିମ୍ବ ପିଡିଆ ମିଶାଇ ଦେଲେ ମୂଳ ସଢା ରୋଗ ହୋଇନଥାଏ । ୨ରୁ ୨.୫ ଇଞ୍ଚ ଧାଡିକୁ ଧାଡି ଓ ୧ ସେ.ମି ବ୍ୟବଧାନରେ ତଳି ପକାଇ ନଡା ଘୋଡାଇ ଦେବା ଦରକାର, ମଞ୍ଜି ଗଜା ହେବାପରେ ନଡା କାଢି ଦେବା ଉଚିତ୍ ।

**ଜମି ପ୍ରସ୍ତୁତି ଖତ ସାର ପ୍ରୟୋଗ ଓ ଲଗାଇବା ପ୍ରଣାଳୀ:-** ଜମିକୁ ୩/୪ ଓଡ ଭଲ ଭାବରେ ଗୁଣ୍ଡ ଚାଷ କରିବା ପରେ ମାଟିକୁ ମହି ଦେଇ ସମତୁଲ କରିଦେବା ଦରକାର ହୋଇଥାଏ । ଚାରା ରୋପଣର ୨ ରୁ ୩ ସପ୍ତାହ ପୂର୍ବରୁ ଏକର ପ୍ରତି ୧୦୦ କି.ଗ୍ରା ଚୂନ (ଅମ୍ଳୀୟ ମାଟିରେ), ୧୦୦ କି.ଗ୍ରା ନିମ୍ବ ପିଡିଆ ଏବଂ ଏକର ପ୍ରତି ୧୦୦ କି.ଗ୍ରା ରକଫସଫେଟ୍ ମିଶାଇ ଦେବା ଦରକାର ହୋଇଥାଏ ।  ଏହା ସହିତ ୩/୪ କମ୍ପୋଷ୍ଟ ବା ସଢା ଗୋବର ଖତ ବା ୨/୩ ଟନ୍ ଜିଆ ଖତ ଓ ୨ କି.ଗ୍ରା P.S.B  କଲଚର୍ ଓ ୨ କି.ଗ୍ରା ଅଜୋଟବ୍ୟାକ୍ଟର ଓ ୨ କି.ଗ୍ରା ଟ୍ରାଇକୋଡ୍ରାର୍ମା ଭିରିଡେ ମିଶାଇ ଦେବା ଦରକାର ହୋଇଥାଏ । ଚାରା ୪ରୁ ୫ ସପ୍ତାହ ହୋଇଗଲେ ଟ୍ରାଇକୋଡର୍ମା ଭିରିଡିରେ  ଚେର ବିଶୋଧନ କରି ଧାଡିକୁ ଧାଡି ବାଇଗଣ ଗଛ ୬୦ ସେ.ମି ଓ ଗଛକୁ ଗଛ ୪୫ ସେ.ମି  ଓ ଡେଙ୍ଗା ଗଛ ଧାଡିକୁ ଧାଡି ୭୫ ସେ.ମି ଓ ଗଛକୁ ଗଛ ୬୦ ସେ.ମି ବ୍ୟବଧାନରେ ଲଗାଯାଏ । ବର୍ଷାଦିନେ ଅଧିକ ବ୍ୟବଧାନରେ ଓ ଖରାଦିନେ କମ୍ ବ୍ୟବଧାନରେ ଚାରା ରୋପଣ କରାଯାଏ । ଚାରା ପଟିରେ ଯଥେଷ୍ଟ ପାଣି ଦେଇ ଚାରା ଉପାଡି ଉପରବେଳା ଲଗାଇବା ଦରକାର ।

ପରବର୍ତ୍ତୀ ଖାଦ୍ୟସାର ପ୍ରୟୋଗ ଓ ଅନ୍ତଚାଷ:- ଅନାବନା ଗଛ ଲଙ୍କା ଗଛ ସହ ତାଳଦେଇ ବଢିଥାଏ । ତେଣୁ ୨/୩ ଥର ଘାସ ବାଛିବା ଦରକାର କରିଥାଏ । ଚାରା ରୋପଣର ୨୦-୩୦ ଦିନ ଓ ୫୦-୬୦ଦିନରେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୧ କ୍ୱିଣ୍ଟାଲ୍ ଜିଆଖତ ବା କୁକୁଡା ମଳ ବା ଛେଳି ମେଣ୍ଢା ମଳ ପ୍ରୟୋଗ କରି ହୁଡା ଟେକିଦେବା ଦରକାର । ଖୁଖିଲା ଅନାବଛା  ଗଛ ବା ନଡା ବା ପ୍ଲାଷ୍ଟିକ୍ ଦ୍ୱାରା ଛାଦିକରଣ କରିଲେ କମ୍ ଘାସ ହୋଇଥାଏ ଓ କମ୍ ଜଳ ଆବଶ୍ୟକ କରିଥାଏ । ଲଙ୍କା ଗଛ ମଝିରେ ମଝିରେ ଗେଣ୍ଡୁ ବା ରାଶି ଗଛ ଲଗାଇଲେ ସୂତ୍ରକୃମି ଜନିତ ଝାଉଁଳା ରୋଗ ହୋଇନଥାଏ ।

ଜଳପରିଚାଳନା:- ଗ୍ରୀଷ୍ମ ଋତୁରେ ମାଟିର ବତରକୁ ଦେଖି ପ୍ରତ୍ୟେକ ୫/୬ ଦିନରେ ତଥା ଶୀତ ଦିନରେ ୭ରୁ ୧୦ ଦିନ ଅନ୍ତରରେ ଜଳସେଚନ କରିବା ଦରକାର ହୋଇଥାଏ । କିନ୍ତୁ ବର୍ଷାଦିନେ ଜମିରୁ ଜଳ ନିଷ୍କାସନ କରିବା ପାଇଁ ବନ୍ଦୋବସ୍ତ କରିବା ଓ ଆବଶ୍ୟକ ଅନୁସାରେ ଜଳସେଚନ କରିବା ଦରକାର । ଲଙ୍କା ଚାଷରେ ହୁଡା ମାଧମରେ ଜଳସେଚନ କରୁଥିଲେ ଗୋଟିଏ ହୁଡା ଛାଡି ଗୋଟିଏ ହୁଡାରେ (Alternative Channel Irrigation) ଜଳସେଚନ କଲେ ଲାଭ ମିଳିଥାଏ ବା ବୁନ୍ଦା ଜଳସେଚନ ମଧ୍ୟ କରାଯାଇପାରେ ।

ସମନ୍ୱିତ ରୋଗପୋକ ପରିଚାଳନା:- ଲଙ୍କା ଫସଲରେ ମୁଖ୍ୟତଃ ମୂଳସଢା ରୋଗ, ଝାଉଁଳା, ପତ୍ରମୋଚା, ମୋଜାଇକ ରୋଗ, ପତ୍ରମୋଡା ପାଉଁଶିଆ ଓ ପତ୍ର ଚିତା ପ୍ରଭୃତି ରୋଗ ଲାଗିଥାଏ ଓ ଏହା ସହିତ ମୁଖ୍ୟତଃ ଉଙ୍କୁଣିଆ ପୋକ, ଯଉପୋକ, ।ଷ୍ଟପଦୀ, ଧୂଆଁପତ୍ର, ଗୋଟିପୋକ ଓ ଫଳ ବିନ୍ଧା ପୋକ ପ୍ରଧାନ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା କରିବା ଦରକାର ପଡିଥାଏ ।

ଚାଷ ପ୍ରଣାଳୀ:-

୧. ପୂର୍ବ ଚାଷ ଫସଲର ଅଂଶବିଶେଷକୁ ସଫା କରିବା

୨. ଖରାଦିନେ ଜମିକୁ ଖରାଟିଆ ଗଭୀର ଚାଷ କରିବା

୩. ନିର୍ଭର ଯୋଗ୍ୟ ସଂସ୍ଥା ବା ବିକ୍ରେତାଠାରୁ ଭଲ ବିହନ ସଂଗ୍ରହ କରିବା

୪. ଜୀବାଣୁ ଜନିତ ଝାଉଁଳା ରୋଗରୁ ରକ୍ଷା ପାଇଁ ବିନ୍ସକୁ ଫସଲ ପର୍ଯ୍ୟାୟ ଭାବେ ଗ୍ରହଣ କରିବା । ଅନ୍ତ ଫସଲ ଭାବେ ଗେଣ୍ଡୁ, ରସୁଣ ଚାଷ କରିବା

୫. ଉଚ୍ଚ ତଳିପଟି ପ୍ରସ୍ତୁତ କରି  ଚାରା ପକାଇବା ।

୬.  ସମନ୍ୱିତ ଖାଦ୍ୟସାର ପ୍ରୟୋଗ କରିବା ଓ ରୋଗାକ୍ରାନ୍ତ ପତ୍ର, ଫଳ ଓ କାଣ୍ଡକୁ ସଫା କରିବା

୭. ସୁସ୍ଥ ନିରୋଗ ତଳିକୁ ଅନୁମୋଦିତ ଦୂରତାରେ ରୋପଣ କରିବା

ଯାନ୍ତ୍ରିକ ପ୍ରଣାଳୀ:

୧. ଅପକାରୀ କୀଟମାନଙ୍କର ଅଣ୍ଡାପୁଜ, ଲାର୍ଭା, ଶୁକ୍ଳ  ଓ ପୂର୍ଣ୍ଣାଙ୍ଗ ପୋକକୁ ଧରି ହାତରେ ନଷ୍ଟ କରିବା ।

୨. ଶୋଷକ କୀଟ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ୨୦ ରୁ ୨୫ ଟି ଅଠାଳିଆ ହଳଦିଆ ଯନ୍ତ୍ର ବସାଇବା ।

୩. ପ୍ରତି ଥର ଫଳ ତୋଳିବା ସମୟରେ ପୋକରା ସଢାଫଳ ସଂଗ୍ରହ କରି ଜମିର ବାହାରେ ନଷ୍ଟ କରିବା ।

୪. ଜମିକୁ ଘାସ ମୁକ୍ତ କରିବା

ଜୈବିକ ପ୍ରଣାଳୀ:-

୧. ଉପକାରୀ କୀଟ ଯଥା :- ବ୍ରାକନ୍, ସିରିପିଡ ମାଛି, କାରାବିଡ ଭୃଙ୍ଗ, ବୁଢିଆଣୀ, ବାଘୁଆ କଙ୍କି, ସରୁକଙ୍କି, ଶିକାରୀ, ଅଷ୍ଟପଦୀ ଓ ଇନ୍ଦ୍ରଗୋପୀ ଭୃଙ୍ଗମାନଙ୍କୁ ସଂରକ୍ଷଣ କରିବା ।

୨. ଉପକାରୀ କୀଟ ବୃଦ୍ଧି ପାଇଁ ହୁଡାରେ ଝୁଡଙ୍ଗ ବା ଡାଲିଜାତୀୟ ଫସଲ ଚଷ କରିବା । ଏକର ପ୍ରତି ୩୦ ଟି ପକ୍ଷୀ ଆଶ୍ରୟସ୍ଥଳ (କଣି ବାଉଁଶ) ପୋତିବା

୩. ଜଉପୋକ ଓ ଦହିଆ ପୋକ ଠାରୁ ଫସଲକୁ ରକ୍ଷା କରିବାକୁ ପୋକ ଦେଖାଦେଲେ ଗଛ ପ୍ରତି ୨ଟି କ୍ରାଇସୋପାକର୍ନିଆ ଗ୍ରବ ଛାଡିବା ।

୪. ମୃତ୍ତିକାଜନିତ ଫିମ୍ପି ରୋଗ ଦାଉରୁ ଫସଲକୁ ରକ୍ଷା କରିବାକୁ ମଞ୍ଜିକୁ ୧୦୦୦ ଗ୍ରାମ୍ ପ୍ରତି ୫ ଗ୍ରାମ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରିବା ଓ ମାଟି ବିଶୋଧନ କରିବା ।

ଉଦ୍ଭିଦଜାତ କୀଟ ନିୟନ୍ତ୍ରଣ:-

୧. ଶୋଷକ କୀଟରୁ ରକ୍ଷା କରିବା ପାଇଁ ନିମ୍ନ ପ୍ରସ୍ତୁତ ପ୍ରୟୋଗ କରିବା ।

୨. ହାଣ୍ଡି ଔଷଧ ଲିଟର ପାଣି ପିଛା ୧୫ରୁ ୩୦ ମିଲି ଗ୍ରାମ୍ ମିଶାଇ ପ୍ରୟୋଗ କରିବା ।

୩. ଚେର ଗଣ୍ଠି ସୂତ୍ର ଜୀବଙ୍କ ପାଇଁ ମାଟିରେ ନିମ୍ନ ପିଡିଆ ୧୦୦ କି.ଗ୍ରା ପ୍ରୟୋଗ କରିବା

୪. ବଜାରରେ ମିଳୁଥିବା ଜୈବିକ କୀଟନାଶକ ବ୍ୟବହାର କରିବା ।

ଅମଳ:- କିସମର ଅବଧି ଉପରେ ନିର୍ଭର କରି ବିହନ ବୁଣାଠାରୁ ୧୧୦ ରୁ ୧୪୫ ଦିନ ମଧରେ ପାଚିଲା ଲଙ୍କା ଅମଳ ଆରମ୍ଭ ହୁଏ । କଞ୍ଚା ଲଙ୍କା ଅମଳ ଚାରା ରୋପଣର ୬୦ ରୁ ୭୦ ଦିନରେ ତୋଳା ଆରମଭ ହୁଏ । କିସମ ୧ ଜଳବାୟୁ ଉପରେ ନିର୍ଭର କରି କଞ୍ଚା ଲଙ୍କା ଏକର ପ୍ରତି ୩୦ରୁ ୩୫ କ୍ୱିଣ୍ଟାଲ୍ ଓ ଶୁଖିଲା ଲଙ୍କା ୭ ରୁ ୯ କ୍ୱିଣ୍ଟାଲ୍ ଅମଳ ହୋଇଥାଏ । ୧୦% ଜଳୀୟ ଅଂଶରୁ କମ୍ ରଖି ବସ୍ତାରେ ସାଇତି ଯାଇପାରେ ।

## ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା ଗୋବର ଖତ କିମ୍ବା ଜିଆଖତ | ୨ରୁ ୩ ଟନ୍ ୧ ରୁ ୧.୫ ଟନ୍ | ଶେଷ ଓଡଚାଷ ସମୟରେ |
| ଫସ୍‌ଫରସ୍ + ପଟାସ୍ + ଆଜୋଟବ୍ୟାକ୍ଟର ଜୀବାଣୁସାର | ପ୍ରତ୍ୟେକ କଲଚରରୁ ୨ କେ.ଜି + ୫୦ କେ.ଜି ଖତ ସହିତ | ମାଟିରେ ଯଥେଷ୍ଟ ବତର ଥିବା ସମୟରେ ଫସଲରେ ପ୍ରୟୋଗ କରିବେ |
| ଟ୍ରାଇକୋଡର୍ମା ଭିରିଡେ | ୨ କେ.ଜି ଖତ ସହିତ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ | ୨୦୦ ଲିଟର (୧:୨୦ ଅନୁପାତ) | ଗଛ ଉଠିବାର ୧୫ ଦିନ ପରେ ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ |
| ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ୩୦ଦିନ ପରେ ଅତି କମରେ ଫସଲରେ ଦୁଇଥର |

ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍
E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ପିଆଜ ଚାଷ



ପିଆଜ ଏକ ମସଲା ଜାତୀୟ ଅର୍ଥକାରୀ ଫସଲ । ପିଆଜର ଚାହିଦା ଆମ ରାଜ୍ୟରେ ବର୍ଷସାରା ରହିଥାଏ । ଏହି ଫସଲ ଆମ ରାଜ୍ୟରେ ସିମୀତ ଅଞ୍ଚଳରେ ରବି ଋତୁରେ ଚାଷ କରାଯାଏ ।

ଜଳବାୟୁ:- ନିଗିଡା, ଦୋରସା, ଉର୍ବର, ବାଲି ଦୋରସା ଏବଂ ଚ.ଷ ୭.୮ ରୁ ୬.୫ ମଧରେ ଥିବା ମାଟିରେ ପିଆଜ ଭଲ ହୁଏ ।

କିସମ:- ପିଆଜ ସାଧାରଣତଃ ଦୁଇ ପ୍ରକାର ଯଥା- ଦେଶୀ ପିଆଜ ଓ ଓଲି ପିଆଜ

ଓଲି ପିଆଜ ୩ ପ୍ରକାର

୧. ଧଳା ରଂଗ:- ପୁଷା ହ୍ୱାଇଟ୍ ରାଉଣ୍ଡ, ପାଟଣା ହ୍ୱାଇଟ୍ ପଞ୍ଜାବ ୪୮, ପୁଷା ହ୍ୱାଇଟ୍ ଇତ୍ୟାଦି

ହଳଦିଆ ରଂଗ - ଆର୍ଲିଗ୍ରାନୋ, ଆର୍କା ପିତାମ୍ବର

ବ୍ରାଉନ୍ ସ୍ପାନିସ୍ ଇତ୍ୟାଦି

ଆର୍କା ନିକେତନ, ପୁଷାରେଡ୍, ଏଗ୍ରି ପାଉଣ୍ଡ ଲାଇଟ୍ ରେଡ୍, ଏଗ୍ରି ଫାଉଡ୍ ଡାର୍କରେଡ୍ ଇତ୍ୟାଦି ।

୨. ଦେଶୀ ପିଆଜ ବା ଛୋଟ ପିଆଜ:- **** ଦେଶୀ ପିଆଜ କୋଲା ଲଗାଯାଏ ଓ ଭଲ ପିଆଜକୁ ମଞ୍ଜିରୁ ଚାରା ପ୍ରସ୍ତୁତ କରି ଲଗାଯାଏ । ସାଧାରଣତଃ ପିଆଜ ଚାଷ ପାଇଁ ବର୍ଷା ଦିନରେ ******

**ତଳିଘେରା ପ୍ରସ୍ତୁତ** :- ଏକର ପ୍ରତି ୪ ରୁ ୫ କି.ଗ୍ରା ବିହନ ଦରକାର ହୋଇଥାଏ । ଶୀତଦିନିଆ ଓଲି ପିଆଜ ଚାଷ ପାଇଁ ଙଙଙଙଙଙ ମାସରେ ମଞ୍ଜିକୁ ସାଧାରଣତଃ ୧୫ ସେ.ମି ଉଚ୍ଚ ତଳିପଟି ପ୍ରସ୍ତୁତ କରାଯାଏ । ଏକର ପିଆଜ ଚାଷ ପାଇଁ ୨୦୦ ବର୍ଗମିଟର ତଳିପଟି ଦରକାର କରିଥାଏ । ପ୍ରସ୍ଥ ୧ ମିଟର ଓ ଲମ୍ବ ସୁବିଧା ଅନୁଯାୟୀ କରାଯାଏ । ବିହନ ବୁଣିବା ପୂର୍ବରୁ ମଞ୍ଜିକୁ ବିଶୋଧନ କରିବା ଉଚିତ୍ । ଦେଶୀ ଗୋ ମୂତ୍ର ବା ବୀଜାମୃତ ବା ଟ୍ରାଇକୋଡାର୍ମାରେ ବିହନ ବିଶୋଧନ କରିବା ଉଚିତ୍ । ଗୋମୂତ୍ରରେ ବିଶୋଧନ କରୁଥିଲେ ୧ ଲିଟର ଗୋମୂତ୍ରରେ ୧୦ ଲିଟର ପାଣି ମିଶାଇ ଓ ଟ୍ରାଇକୋଡାର୍ମାରେ ୧ କି.ଗ୍ରା ବିହନ ପ୍ରତି ୫ ଗ୍ରାମ ବୀଜାମୃତ ବିଶୋଧନ କରୁଥିଲେ ମଞ୍ଜିରୁ ଚୋପାର ମୋଟାଇ ହିସାବରେ ସୂତା କପଡାରେ ବାନ୍ଧି ମଞ୍ଜିକୁ ପ୍ରସ୍ତୁତ ଗୋମୂତ୍ର ଓ ବୀଜାମୃତ ଦ୍ରବଣରେ ବୁଡାଇ ଛାଇରେ ଶୁଖାଇ ୨୦/୩୦ ମିନିଟ୍ ପରେ ବୁଣାଯିବା ଦରକାର । ତଳିପଟି ପ୍ରସ୍ତୁତ ସମୟରେ ବର୍ଗମିଟର ପ୍ରତି ୫ କି.ଗ୍ରା ସଢା କମ୍ପୋଷ୍ଟ କିମ୍ବା ୩ କି.ଗ୍ରା ଜିଆଖତ ଏବଂ ୫୦ ଗ୍ରାମ୍ ନିମ୍ବ ପିଡିଆ ଓ ୧୦ ଗ୍ରାମ୍ ଟ୍ରାଇକୋଡାର୍ମା ଭିରିଡିକ୍ଲେ ଖତରେ ଗୋଳାଇ ପ୍ରୟୋଗ କରିବା ଉଚିତ୍ । ଗୋମୂତ୍ରରେ ବିଶୋଧନ କରୁଥିଲେ ୧ ଲିଟର ଗୋମୂତ୍ରରେ ୧୦ ଲିଟର ପାଣି ମିଶାଇ ଓ ଟ୍ରାଇକୋଡାର୍ମାରେ ୧ କି.ଗ୍ରା ବିହନ ପ୍ରତି ୫ ଗ୍ରାମ୍ ବୀଜାମୃତ ଙଙଙ ବିଶୋଧନ କରୁଥରଲେ ମଞ୍ଜିରୁ ଚୋପାର ମୋଟାଇ ହିସାବରେ ହିସାବରେ ସୂତା କପଡାରେ ବାନ୍ଧି ମଞ୍ଜିକୁ ପ୍ରସ୍ତୁତ, ଗପମୂତ୍ର ଓ ବୀଜାମୃତ ଦ୍ରବଣରେ ବୁଡାଇ ଛାଇରେ ଶୁଖାଇ ୨୦/୩୦ ମିନିଟ୍ ପରେ ବୁଣାଯିବା ଦରକାର । ତଳି ପଟି ପ୍ରସ୍ତୁତ ସମୟରେ ବର୍ଗମିଟର ପ୍ରତି ୫ କି.ଗ୍ରା ସଢା କମ୍ପୋଷ୍ଟ କିମ୍ବା ୩ କି.ଗ୍ରା ଜିଆଖତ ଏବଂ ୫୦ ଗ୍ରାମ୍ ନିମ୍ବ ପିଡିଆ ଓ ୧୦ ଗ୍ରାମ୍ ଟ୍ରାଇକଡାର୍ମା ଭିରିଡେକୁ ଖତରେ ଗୋଳାଇ ପ୍ରୟୋଗ କରିବା ଉଚିତ୍ ।

ଜମି ପ୍ରସ୍ତୁତ ଓ ଲଗାଇବା ପ୍ରଣାଳୀ:- ଚାରା ରୋପଣ ପୂର୍ବରୁ ଜମିକୁ ଭଲ ଭାବରେଚାଷ କରି ମାଟି ଗୁଣ୍ଡ କରାଯିବା ଦରକାର । ଜମିରୁ ଆବଶ୍ୟକ ଜୈବିକ ଖାଦ୍ୟ ମିଶା ଛୋଟ ଛୋଟ ପଟାଳୀରେ ଭାଙ୍ଗି ଧାଡିକୁ ୨୦ ସେ.ମି ଓ ୧୦ ଦେ.ମି ବ୍ୟବଧାନରେ ରୋପଣ କରାଯାଏ ।

ଏହା ସହିତ ଆଜିକାଲି ବଜାରରେ ଅନେକ ପ୍ରକାର ଜୈବିକ ସାର ବଜାରରେ ମିଳିଲାଣି, ତାହା ମଧ ପ୍ରୟୋଗ କରାଯାଇପାରେ ।

ପରବର୍ତ୍ତୀ ଯତ୍ନ ଓ ଜଳସେଚନ:- ଚାରାଗୁଡିକ ଶୀତଦିନେ ୬୦ ରୁ ୭୦ ଦିନ ଓ ବର୍ଷାଦିନେ ୫୦ରୁ ୫୫ ଦିନ ହୋଇଗଲେ ଲଗାଯାଏ । ଚାରା ରୋପଣର ୨୫/୩୦ ଦିନ ଓ ୪୦ ରୁ ୪୫ ଦିନରେ କୋଡାଖୁସା କରି ଅନାବଛା ଗଛ ସଫା କରିବା ଦରକାର । ପିଆଜର ଚେର କମ୍ ଗଭୀରରେ ରହୁଥିବାରୁ କମ୍ ବ୍ୟବଧାନରେ ଜଳସେଚନର ଆବଶ୍ୟକ କରିଥାଏ । ଏହାର ଚେର ଉପରେ ରହୁଥିବାରୁ କମ୍ ଗଭୀରରେ କୋଡାଖୁସା କରିବା ଦରକାର । ଶଣ୍ଢା ବାହାରିବା କ୍ଷଣୀ ଭାଙ୍ଗି ଦେବା ଦରକାର ନଚେତ୍ ଅମଳ କମିଯାଏ ।

ରୋଗପୋକ ପରିଚାଳନା:- ୧ ପିଆଜରେ ମୁଖ୍ୟତଃ ମୂଳସଢା ରୋଗ ଲାଗିଥାଏ । ଏହାର ନିରାକରଣ ପାଇଁ ମାଟି ଓ ବିହନକୁ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରିଥିଲେ ଏହି ରୋଗ ହୁଏ ନାହିଁ ।

୨. ଓଙ୍କୁଣୀପୋକ:- (ଥ୍ରିପସ୍)- ଏହି ପୋକର ନିରାକରଣ ପାଇଁ ପୋକ ସହଣୀ କିସମ ଆର୍କାନିକେତନ, ପୁଷା ରତ୍ନା ଇତ୍ୟାଦି ବ୍ୟବହାର କରାଯାଏ । ପିଆଜକୁ ସହଳ ଲଗାଇବା । ଫସଲରେ ନିମ୍ବ ପ୍ରସ୍ତୁତ ଔଷଧ, ହାଣ୍ଡି !ଷଧ ପ୍ରୟୋଗ କରାଯିବା ଦ୍ୱାରା ଏହି ରୋଗ ହୋଇନଥାଏ । ଏହା ପାଇଁ ମଧ ବଜାରର ଅନେକ ଜୈବିକ ଔଷଧ ଉପଲବ୍ଧ ହେଲାଣି ।

ଅମଳ:- ପିଆଜ କିସମ ଅନୁସାରେ ୯୦-୧୫୦ ଦିନରେ ଅମଳ କରାଯାଏ । ଛୋଟ କିସମ ବା ଦେଶୀ କିସମ ଟ ୦-୧୦୦ ଦିନ ଓ ଓଲି କିସମ -୧୦୦-୧୫୦ ଦିନରେ ଅମଳ ହୁଏ । ଗଛର ଅଧା ପତ୍ର ଶୁଖିବାର ୭ ଦିନ ପରେ ଅମଳ କରାଯାଏ । ଅମଳ ୧୫ ଦିନ ପୂର୍ବରୁ ଜଳସେଚନ ବନ୍ଦ କରାଯାଏ । ଗଛକୁ ଉପାଡି ଜମିରେ ୨/୩ ଦିନ ଯାଏ ଧାଡି ଧାଡି କରି ଜମିରେ ରଖାଯାଏ ଯେପରି ପିଆଜ ଖରାକୁ ଦେଖାନଯାଏ । ପରେ ୭ ଦିନ ଛାଇରେ ରଖି ୨/୨୫ ସେ.ମି ବେକ ରଖି ଗଛ କଟାଯାଏ । ଏକର ପ୍ରତି ଛୋଟ ପିଆଜ ୬୦-୭୦ କ୍ୱିଣ୍ଟାଲ୍ ଓ ଓଲି କିସମ ୧୦୦-୧୧୦ କ୍ୱିଣ୍ଟାଲ୍ ଅମଳ ହୋଇଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା କମ୍ପୋଷ୍ଟ ଓ ଜିଆଖତ | ୩ରୁ ୪ ଟନ୍ ୧.୫ ରୁ ୨ ଟନ୍ | ଶେଷ ଓଡଚାଷ ସମୟରେ |
| ରକ୍ ଫସ୍‌ପେଟ୍ | ୧୨୦ କେ.ଜି | ଶେଷ ଓଡଚାଷ ସମୟରେ |
| ନିମ୍ବ ବା କରଜ ପିଡିଆ | ୧୨୦କେ.ଜି | ଶେଷ ଓଡ ଚାଷ ସମୟରେ |
| ୩ କେ.ଜି ପିଏସ୍‌ବି ଓ ୩ କେ.ଜି ଅଜୋଟବ୍ୟାକ୍ଟର | ୫୦ କେ.ଜି ଖତ ସହିତ ୨ ଦିନ ଆଗରୁ ମିଶାଇ | ଶେଷ ଓଡ ଚାଷ ସମୟରେ |
| ଜୀବାମୃତ ଓ ବାୟୋଡାଇଜେଷ୍ଟର | ୨୦୦ ଲିଟର | ପ୍ରତି ୧୫ ଦିନରେ ୫ ଥର |

**ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍**

E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ବିଲାତି ବାଇଗଣ ଚାଷ



ବିଲାତି ବାଇଗଣ ଏକ ଅତ୍ୟନ୍ତ ଲୋକପ୍ରିୟା ପରିବା । ଏଥିରେ ବିଭିନ୍ନ ପ୍ରକାର ଖଣିଜ ଲବଣ, ଭିଟାମିନ୍ ଥାଏ । ଏହା ସହିତ ବିଲାତି ବାଇଗଣରେ ଲାଇକୋପିନ୍ ନାମକ ପଦାର୍ଥ ରହିଛି । ଯେଉଁଥିରୁ ଆଣ୍ଟି, ଆକ୍ସିପଣ୍ଟ ତିଆରି ହୁଏ । ତଟକା ଫଳ ବ୍ୟବହାର ବ୍ୟତୀତ ନିଲାତି ବାଇଗଣରୁ ସସ୍, କେଚପ୍, ଆଚାର, ଚଟଣି ଇତ୍ୟାଦି ପ୍ରସ୍ତୁତ କରି ମୂଲ୍ୟବାନ୍ ଖାଦ୍ୟ ଭାବେ ବ୍ୟବହାର କରାଯାଏ ।

**ଜଳବାୟୁ ଓ ମୃତ୍ତିକା:-** ବିଲାତି ବାଇଗଘ ଚାଷ ପାଇଁ ୨୦-୨୫ ଡିଗ୍ରୀ ସେଲ୍ ସିୟସ୍ ଉତ୍ତାପ ଦରକାର ହୁଏ । ଏବେ କିନ୍ତୁ ଅନେକ ପ୍ରକାର ବିଲାତି ବାଇଗଣ ବାହାରିଲାଣି ଯାହାକି ୨୫ -୩୦ ଡିଗ୍ରୀ ସେଲସିୟସ୍ ଉତ୍ତାପ ମଧ୍ୟରେ ଚାଷ ହୋଇପାରୁଛି । ବିଲାତି ବାଇଗଣ ଜଳ ନିଷ୍କାସିତ ହେଉଥିବା ଉର୍ବର ଦୋରସା ମାଟିରେ ଭଲ ହୁଏ । ବିଲାତି ବାଇଗଣ ୭-୮.୫ ଅମ୍ଳ ପରେ ଭଲ ବଢେ ଓ ଅଧିକ ଉତ୍ପାଦନ ହୁଏ ।

**କିସମ:-** ଆମ ଦେଶରେ ଦୁଇ ପ୍ରକାର ବିଲାତି ବାଇଗଣ ଚାଷ କରାଯାଏ । ଗୋଟିଏ ପ୍ରକାର ଗଛରେ ପ୍ରଥମେ ଡାଳବୃଦ୍ଧି ଘଟେ । ଏହାପରେ ଫୁଲ ଓ ଫଳ ଆସେ କିନ୍ତୁ ଆଉ ଗୋଟେ ପ୍ରକାରରେ ଏକ ସମୟରେ ଡାଳପତ୍ର ବୃଦ୍ଧି ଘଟିବା ସହିତ ଫୁଲ ଓ ଫଳ ମଧ ଧରିଥାଏ ।

ବିଲାତି ବାଇଗଣର ଉନ୍ନତ କିସମମାନଙ୍କ ମଧ୍ୟରେ ପଂଜାବ କେଶରୀ, ପଂଜାବ ଛୁଆରା, ଉତ୍କଳ କୁମାରୀ, ଉତ୍କଳ ଦୀପ୍ତି, ଉତ୍କଳ ଉର୍ବଶୀ, ଉତ୍କଳ ପଲ୍ଲବୀ, ଉତ୍କଳ ରାଜା, ଆହୁରୀ ଅନେକ କିସମ ଅଛି । ଏହା ସହିତ ଅନେକ ଶଙ୍କର କିସମ ମଧ ଅଛି ଯଥା:- ଆର୍କା, ରକ୍ଷକ, ଆର୍କା, ସମ୍ରାଟ, ପୁଷା, ହାଇବ୍ରିଡ୍, ପୁଷା, ହାଇବ୍ରିଡ୍ -୧, ଠଘଜ- ରେଡ୍ ପର୍ଲ, ଏମ୍ ୪୧ ଇତ୍ୟାଦି ।

**ତଳି ପ୍ରସ୍ତୁତ ଓ ବିଶୋଧନ:-** ପ୍ରାୟ ୮୦ ବର୍ଗମିଟର ଜମିକୁ ଉଚ୍ଚ ତଳିଘେରାରେ ପରିବର୍ତ୍ତନ କରି ମଂଜି ବୁଣିଲେ ଏକ ଏକର ପାଇଁ ଚାରା ମିଳିଥାଏ । ତଳି ଘେରା ୧୫ସେ.ମି ଉଚ୍ଚ, ୧ ମିଟର ପ୍ରସ୍ଥ ଓ ସୁବିଧା ଅନୁସାରେ ଲମ୍ବ ହୋଇଥିବା ଦରକାର । ଏଥିରେ ପ୍ରତି ବର୍ଗ ମି.ରେ ୫ କି.ଗ୍ରା ସଢା କମ୍ପୋଷ୍ଟ ବା ୩ କି.ଗ୍ରା ଜିଆ ଖତ ସହିତ ଙଙଙ ଗ୍ରାମ ନିମ୍ବ ପିଡିଆ ଓ ୧୦୦ ବର୍ଗମିଟର ପ୍ରତି ୧୦ ଗ୍ରାମ୍ ଟ୍ରାଇକୋଡର୍ମା ପ୍ରୟୋଗ କରାଯାଏ । ଏହା ସହିତ ବିହନକୁ କି.ଗ୍ରା ପ୍ରତି ୫ ଗ୍ରାମ୍ ଟ୍ରାଇକୋଡର୍ମା ଭିରଡେ ବା ବୀଜାମୃତ ବା ଦେଶୀ ଗୋମୁତ୍ରରେ ବିଶୋଧନ କରି ୨୦ରୁ ୩୦ ମିନିଟ୍ ଛାଇରେ ଶୁଖାଇ ଧାଡିରେ ବୁଣିବା ଦରକାର । ତଳିଘେରା ପର୍ଯ୍ୟାପ୍ତ ପରିମାଣରେ ଖରା ପଡୁଥିବା ଦରକାର । ତଳି ୩୦ ରୁ ୪୦ ଦିନରେ ରୋଇବା ପାଇଁ ପ୍ରସ୍ତୁତ ହୋଇଯାଏ । ରୋଇବା ପୂର୍ବରୁ ତଳିକୁ ଜୀବାଣୁ ସାରରେ P.S.B କଲଚର୍ ୨ କି.ଗ୍ରା ଓ ଆଜୋସ୍ପିରିଲମ୍ ୨ କି.ଗ୍ରା ସହିତ ୧୦ ଲିଟର ପାଣିରେ ମିଶାଇ ୨୦ ରୁ ୩୦ ମିନିଟ୍ ଚାରାକୁ ବୁଡାଇ ଲଗାଯିବା ଦରକାର । ଧାଡିକୁ ଧାଡି ୨ ଫୁଟରୁ ୩ ଫୁଟ ଓ ଗଛକୁ ଗଛ ୧.୫ ରୁ ୨ ଫୁଟରେ ଲଗାଯାଏ ।

**ମୁଖ୍ୟ ଜମି ପ୍ରସ୍ତୁତ:-** ତଳି ରୋଇବାର ୧୦ -୧୫ ଦିନ ପୂର୍ବରୁ ଜମିକୁ ୩/୪ **** ଚାଷ କରି ମାଟି ଗୁଣ୍ଡ କରିବା ପରେ ଏଥିରେ ଆବଶ୍ୟକ ପରିମାଣର ଜୈବିକ ଖାଦ୍ୟ ସାର ପ୍ରୟୋଗ କରାଯାଏ । ଏହା ସହିତ ନିମ୍ବ ପିଡିଆ ମଧ ପ୍ରୟୋଗ କରାଯାଏ । ବଜାରରେ ମିଳୁଥିବା ଅନେକ ପ୍ରକାରର ଜୈବିକ ସାର ମଧ ଏଥିରେ ବ୍ୟବହାର କରାଯାଇପାରିବ ।

**ଅନ୍ତଚାଷ ଓ ଜଳ ପରିଚାଳନା:-** ବିଲାତି ବାଇଗଣ ଚାରା ଲଗାଇବାର ୨୫-୩୦ ଦିନ ଓ ୪୦/୪୫ ଦିନ ୨ ଥର ଘାସ ବଢିବା ପୂର୍ବରୁ କୋଡା ଖୁସା କରି ଘାସ ବାଛି ହୁଡା ହେବା ଦରକାର । ଫସଲରେ ଯଦି ଛାଦିକରଣ କରାଯାଏ ତେବେ କମ୍ ଘାସ ହେବା ସହିତ କମ୍ ଜଳ ଦରକାର କରିଥାଏ । ଛାଦିକରଣ ପ୍ଲାଷ୍ଟିକ୍ ବା ନଡା ବା ଶୁଖିଲା ଘାସ ଲଟାରେ କରାଯିବା ସହିତ After Native ଜଳସେଚନ କଲେ ଭଲ । ମାଟିର ଙଙଙ ଚାହିଁ ଜଳସେଚନ କରାଯାଏ ।

ରୋଗପୋକ ପରିଚାଳନା:- ବିଲାତି ବାଇଗଣ ଗଛ ବଢିଗଲେ ଏହାକୁ ବାନ୍ଧି ସିଧା ରଖିବା ଦରକାର । ଏହା ଦ୍ୱାରା ଫସଲରେ ରୋଗପୋକ ପରିଚାଳନା ସୁବିଧା ହୁଏ । ଅମଳ ବୃଦ୍ଧି ପାଏ । ଏଥିପାଇଁ ବାଉଁଶ ବା ଜି.ଆଇ ତାର ବ୍ୟବହାର କରାଯାଏ । ବିଲାତି ବାଇଗଣରେ ମୁଖ୍ୟତଃ- ସହଳ ପତ୍ରପୋଡା, ଫିମ୍ପି ଜନିତ ଝାଉଁଳା ରୋଗ, ଜୀବାଣୁଜନିତ ଝାଉଁଳା, ପତ୍ରଚିତା ରୋଗ, ପତ୍ର କୁଂଚିତ ରୋଗ, ସୂତଜୀବ ଲାଗିଥାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପରିଚାଳନା ଦରକାର ହୋଇଥାଏ ।

୧.୧ ଚାଷ ପ୍ରଣାଳୀ- ଜମିର ପୂର୍ବ ଫସଲର ଅଂଶ ବିଶେଷ ଓ ଜମିରୁ ଅନାବନା ଘାସ ଲଟା ସଫା କରିବା ।

୧.୨ ନିର୍ଭର ଯୋଗ୍ୟ ସଂସ୍ଥା ବା ବିକ୍ରେତାଙ୍କ ଠାରୁ ମଞ୍ଜି ସଂଗ୍ରହ କରିବା ।

୧.୩ ଅଧିକାଂଶ ଭୂତାଣୁ, ବୀଜାଣୁ ଜନିତ ରୋଗ ନିଦାନ କଷ୍ଟକର ହୋଇଥାନ୍ତି । କେବଳ ସୁସ୍ଥ ସବଳ ତଳି ବ୍ୟବହାର ବା ସୁସ୍ଥ ଗଛର ମଞ୍ଜି ବ୍ୟବହାର କରନ୍ତୁ ।

୧.୪ ରାସାୟନିକ ସାର ବ୍ୟବହାର କରନ୍ତୁ ନାହିଁ ବା ଅଧିକ ଫଳ ଆଶାରେ ଅଧିକ ଖାଦ୍ୟସାର (ବିଶେଷ କରି ଯବକ୍ଷାରଜାନ) ବ୍ୟବହାର କରନ୍ତୁ ନାହିଁ

୧.୫ ଭଲ ଭାବେ ସଢିଥିବା ଖତ ବ୍ୟବହାର କରନ୍ତୁ ।

୧.୬ ରୋଗାକ୍ରାନ୍ତ ଗଛଗୁଡିକୁ ବା ଡାଳପତ୍ର ଫସଲ କିଆରିଠାରୁ ଦୂରରେ ପୋଡନ୍ତୁ ବା ପୋତନ୍ତୁ ।

୧.୭ ଫସଲ ପର୍ଯ୍ୟାୟରେ ଗେଣ୍ଡୁ ଚାଷ ବା ବିଲାତି ବାଇଗଣ ଚାଷ ମଧ୍ୟରେ ଗେଣ୍ଡୁ ଗଛ ଲଗାନ୍ତୁ । ଏହା ଦ୍ୱାରା ସୂତ୍ର ଭୂମୀ ଜନିତ ରୋଗ ହେବ ନାହିଁ ବା କମ୍ ହେବ । ବିନ୍ସ ମଧ ଚାଷ କରାଯାଇପାରେ ।

୧.୮ ବିହନ ବା ମାଟି ଟ୍ରାଇକୋଡର୍ମା ଭିରିଡେ ଦ୍ୱାରା କରନ୍ତୁ ।

୧.୮ ମାଟିରେ ନିମ୍ବ ପିଡିଆ, ଜିଆଖତ ବ୍ୟବହାର କରନ୍ତୁ । ସର୍ବୋପରି ଫସଲରେ ଠିଆ ପାଣି ନ ରଖିବା ପ୍ରତି ଦୃଷ୍ଟି ଦିଅନ୍ତୁ । ଏହାଦ୍ୱାରା ଅଧିକାଂଶ ରୋଗରୁ ମୁକ୍ତି ମିଳିଯିବ ।

୧.୧୦ କୃତିମ ଉପାୟରେ ପ୍ରସ୍ତୁତ ବୀଜକୁ ଓ ଜୈବ ଉତ୍ପାଦରେ ବ୍ୟବହାର କରନ୍ତୁ । ଯାହାକି (କୃଷି ବିଭାଗ ଓ କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ଓ ବେସରକାରୀ ସଂସ୍ଥାମାନଙ୍କର ଉପଲବ୍ଧ)

ମୁଖ୍ୟତଃ କ୍ଷତିକାରକ ପୋକ :- ଫଳବିଧା ପୋକ, ପତ୍ରସୁଡଙ୍ଗି ପୋକ, ଧଳା ମାଛି, ଜଉପୋକ, ଅଷ୍ଟପଦୀ ଓ ଜଉପୋକ ଇତ୍ୟାଦି

୨.୧ ଚାଷ ପ୍ରଣାଳୀ - ଖରାଦିନେ ମାଟିକୁ ଗଭୀର ଚାଷ କରିବୁ ।



୨.୨ ପୋକମାନଙ୍କ ହାତରେ ଧରି ମାରିଦିଅନ୍ତୁ ।

୨.୩ ଶୋଷକ କୀଟରୁ ରକ୍ଷା ପାଇଁ ଏକର ପତ୍ର ୩୦/୪୦ ଟି ହଳଦିଆ ଅ ଠାଳିଆ ଯନ୍ତା ବସାନ୍ତୁ ।

୨.୪ ପକ୍ଷୀ ବସିବା ପାଇଁ ଜମିରେ ୨୫/୩୦ ଟି ବାଉଁଶ କାଠି ପୋତନ୍ତୁ ।

୨.୫ ଉପକାରୀ କୀଟ ଯଥା:- ଇନ୍ଦ୍ରିଗୋପୀ ଭୃଙ୍ଗ, କରାବିଡଭୃଙ୍ଗ, ବୁଢ଼ିଆଣି, ବାଘୁଆ ବୀଜ, ସରୁ**** ଜମିରେ ସୁରକ୍ଷା ଦିଅନ୍ତୁ ।

୨.୬ ନିମ୍ବଜାତ ଔଷଧ, ହାଣ୍ଡି ଔଷଧ, ଦହି ଦ୍ରବଣ ଓ ବଜାରରେ ମିଳୁଥିବା ଜୈବ ଔଷଧ ବ୍ୟବହାର କରନ୍ତୁ ।

ଏହା ସହିତ ଅମଳ ବୃଦ୍ଧି ପାଇଁ ଜୈବିକ ହରମୋନ ଯଥା- ଅଣ୍ଡା ଟନିକ୍, ମାଛ ଟନିକ୍ **** ଲିଟର ପାଣିରେ ୧.୫ ରୁ ୨ ମି.ଲି ବ୍ୟବହାର କରନ୍ତୁ ।

ଅମଳ:- ବିଲାତି ବାଇଗଣ ୮୦ -୧୨୦ ଦିନରେ କିସମ ଅନୁସାରେ ଅମଳ ହୋଇଥାଏ । ତେବେ ଭଲ ଭାବେ ଚାଷ କଲେ ଏକର ପ୍ରତି ୧୫୦ ରୁ ୨୫୦ କ୍ୱିଣ୍ଟାଲ୍ ଅମଳ ମିଳିଥାଏ । ନିକଟ ବଜାରରେ ବିକ୍ରୀ ପାଇଁ ଫଳ ପୁରା ପାଚିଗଲେ ତୋଳାଯାଏ ଓ ଦୂର ସ୍ଥାନକୁ ପଠାଇଲେ ହାଲକା ଗୋଲାପି ରଙ୍ଗର ଫଳ ତୋଳି ଫଳକୁ ଛୋଟ ବଡ ମଧମକୁ ଶ୍ରେଣୀ କରଣ କରି ବିକ୍ରୀ କରିବା ପାଇଁ ପଠାଯାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢ଼ା କମ୍ପୋଷ୍ଟ ଖତ ଓ ସଢ଼ା ଗୋବର ଖତ | ୫ ଟନ୍ ୫ ଟନ୍ | ଶେଷ ଓଡଚାଷ ସମୟରେ |
| ଜିଆ ଖତ ଓ ରକ୍ ଫସ୍‌ଫେଟ୍ | ୨ ଟନ୍ ଓ ୧୦୦ କେ.ଜି | ଶେଷ ଓଡଚାଷ ସମୟରେ |
| ନିମ୍ବ ପିଡିଆ | ୧୦୦କେ.ଜି | ଶେଷ ଓଡ ଚାଷ ସମୟରେ |
| ପିଏସ୍ ପି ଓ ଅଜୋସ୍ପିରିଲମ୍ | ୩ କେ.ଜି ୩ କେ.ଜି | ଶେଷ ଓଡ ଚାଷ ସମୟରେ ୫୦ କେ.ଜି ଖତ ସହିତ ୪୮ ଘଣ୍ଟା ପୂର୍ବରୁ ମିଶାଇଲା ପରେ ପ୍ରୟୋଗ |
| ଜୀବାମୃତ ଓ ବାୟୋଡାଇଜେଷ୍ଟର | ୨୦୦ ଲିଟର | ଚାରା ରୋପଣର ପ୍ରତି ୧୫ ଦିନ ପରେ ୫ ଥର |

**ଆଇ-କନ୍‌ସେପ୍ଟ ଇନିସିଏଟିଭ୍ସ୍**
E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ପୋଟଳ ଚାଷ



ଲଟାଜାତୀୟ ପରିବା ମଧରେ ପୋଟଳ ଏକ ଅର୍ଥକାରୀ ଓ ସୁସ୍ଥ ପରିବା । ଆମ ରାଜ୍ୟରେ ପ୍ରାୟ ସବୁ ଜିଲ୍ଲାରେ ପୋଟଳ ଚାଷ କରାଯାଏ । ସ୍ୱାସ୍ଥ୍ୟ ପାଇଁ ପୋଟଳ ଖୁବ୍ ଉପକାରୀ । ଏହାର ଅନେକ ଔଷଧୀୟ ଗୁଣ ରହିଛି । ଏହା କ୍ୟାନସର ପରି ରୋଗକୁ ଭଲ କରିବାରେ ସାହାଯ୍ୟ କରେ ।

ଜଳବାୟୁ:- ପୋଟଳ ଉଷ୍ମ ଓ ଆର୍ଦ୍ର ଜଳବାୟୁରେ ଭଲ ବଢିଥାଏ । ପୋଟଳ ଅତ୍ୟଧିକ ଥଣ୍ଡା ଓ ବରଫପାତ ସହ୍ୟ କରିପାରେ ନାହିଁ । ଏହି ଫସଲ ପାଣିର ଅଭାବ ସହ୍ୟ କରିପାରେ କିନ୍ତୁ ମାଟିର ସନ୍ତସନ୍ତିଆ ସହ୍ୟ କରିପାରେ ନାହିଁ । ଶୀତ କମ୍ ଓ ବସନ୍ତ ଋତୁ ଗ୍ରୀଷ୍ମ ଋତୁ ଆରମ୍ଭରେ ତଙ୍କ ଭଲ ବଢିଥାଏ ।

ମୃତ୍ତିକା:- ନିଗିଡା, ଦୋରସା, ଉର୍ବର, ମଟାଳ ମାଟି ପୋଟଳ ଚାଷ ପାଇଁ ଉପଯୁକ୍ତ । ନଦୀ ପଠା ମାଟିରେ ପୋଟଳ ଭଲ ହୋଇଥାଏ ।

କିସମ:- ଅଲୌକିକ, ସ୍ୱର୍ଣ୍ଣ ରେଖା, ଲୋକାଲ ଇତ୍ୟାଦି ପ୍ରଧାନ ।

ଲଗାଇବା ସମୟ:- ଏହା ମୁଖ୍ୟତଃ ଅକ୍ଟୋବର ନଭେମ୍ବର ମାସରେ ଲଗାଯାଏ । ମାତ୍ର ଉଚ୍ଚା ଜମିରେ ସେପ୍ଟେମ୍ବର ମାସରେ ଲଗାଯାଏ । ନଦୀ ପଠା ମାନଙ୍କରେ ମଧ ନଭେମ୍ବର ଶେଷ ଆଡକୁ ମଧ ଲଗାଯାଇପାରେ । ଡିସେମ୍ବର -ଜାନୁୟାରୀରେ ଲଗାଇଲେ ଅଧିକ ଶୀତ ଯୋଗୁ ଗଛ ଭଲ ବଢେ ନାହିଁ । ଏଥିପାଇଁ ଫଳ ଡେରିରେ ଆସେ ।

ବିହନ:- ପୋଟଳ ଚାଷ କରିବା ପାଇଁ ବିହନ ରୂପେ ସାଧାରଣତଃ ଚେର କିମ୍ବା ଲଟା ବା ତଙ୍କ ଖଣ୍ଡକୁ ବ୍ୟବହାର କରାଯାଏ । ପୋଟଳ ଚେର ୨ ପ୍ରକାର । ମାଇ ଓ ଅଣ୍ଡିରା । ମାଇ ଚେରଗୁଡିକ ଅଗ୍ରଭାଗରୁ ତଳଭାଗ ପଟକୁ କ୍ରମଶଃ ସରୁ ଉପରିଭାଗ ଚିକ୍କଣ ଓ ମସୃଣ । ଅଣ୍ଡିରା ଚେର ଦରଖିବାକୁ ମୋଟା, ଖଦଡିଆ, ଭାତୁଡିଯୁକ୍ତ ହୋଇଥାଏ । କିନ୍ତୁ ଏହା ନିଶ୍ଚିତ ଯେ ଯିଏ ଯାହା କହିଲେ ମଧ ମାଇ, ଅଣ୍ଡିରା ଚେର ସଠିକ୍ ନିରୂପଣ କରିବା ସହଜ ନୁହେଁ । ଚାଷିମାନେ ମାଇ, ଅଣ୍ଡିରା ଲଟା ବା ଚେରକୁ ଅଲଗା ଅଲଗା ସଂଗ୍ରହ କରିବା ଦରକାର ।

ଚାରା ପ୍ରସ୍ତୁତି :- ପୋଟଳ ଲଟା ବା ଡାଳରୁ ଚାରା ପ୍ରସ୍ତୁତ କରିବା ପାଇଁ ବର୍ଷା। ହେଲା ପରେ ଜୁଲାଇରୁ ଅଗଷ୍ଟ ମାସରେ ଜମିରୁ ପାକଳ ଲଟା ସଂଗ୍ରହ କରାଯାଏ । ସଂଗୃହିତ ଲଟାଗୁଡିକ ମାଇ ଅଣ୍ଡିରା ଅଲଗା କରି ପ୍ରତ୍ୟେକ ଖଣ୍ଡରେ ୨ ବା ୩ଟି ଗଣ୍ଠି ରଖି ଲତାଗୁଡିକ ଜୈବିକ ଉପାୟରେ ବୀଜାମୃତ ବା ଟ୍ରାଇକୋଡର୍ମା ଭିରିଡେ ବିଶୋଧିତ କରିବା ପରେ ଚେର ସୃଷ୍ଟିକାରୀ ଦେଶୀୟ ହରମୋନ ମହୁ+ ପାଣି (୧: ୧) ରେ ଯେ କୌଣସି ୨ ଗଣ୍ଠି ବିଶିଷ୍ଟ ଲଟାର ଗୋଟିଏ ଗଣ୍ଠି ବୁଡାଇ ଓ ୩ ଗୁଣ୍ଠି ବିଶିଷ୍ଟ ଲଟାର ୨ ମୁଣ୍ଡ ଉପଚାର କରି ସେହି ଉପଚାରିତ ପାର୍ଶ୍ୱକୁ ପୂର୍ବରୁ ପ୍ରସ୍ତୁତି ( ବାଲି+ ମାଟି+ ଖତ ପଲିଥିନରେ ପୋତାଯାଏ । ଏହିପରି ପ୍ରସ୍ତୁତ ପଲିଥିନ୍ ମୁଣ୍ଡରେ ୪୦ ରୁ ୫୦ ଦିନ ପରେ ଚାରା ହୋଇଯାଏ । ଜମିରେ ପ୍ରସ୍ତୁତ ଗାତ ( ୪୫ ସେ.ମି * ୩୦ ସେ.ମି) ରେ ଏକ ଏକର ଜମିରେ ପୋଟଳ ଚାଷ କରିବା ପାଇଁ ସାଧାରଣତଃ ୨୭୦୦ ରୁ ୪୦୦୦ ଗୋଟି ଚାରା ଦରକାର କରିଥାଏ । ଚାଷ ଲଗାଇବା ପାଇଁ ୨ ପ୍ରକାର ପ୍ରଣାଳୀ ଯଥା:- ୧. ତଳେ ମଡାଇବା ପ୍ରଣାଳୀ ୨. ରଂଜା ପ୍ରଣାଳୀ

୧. ତଳେ ମଡାଇବା ପ୍ରଣାଳୀ: ଧାଡକୁ ଧାଡି ୧.୫ ମି * ମନ୍ଦାକୁ ମନ୍ଦା -୧ ମି

୨. ରଂଜା ପ୍ରଣାଳୀ :- ଧାଡିକୁ ଧାଡି * ବୁଦ୍ାକୁ ବୁଦା -୧ମି* ୧ମିରେ

ମାଇ ଓ ଅଣ୍ଡିରା ଗଛର ଅନୁପାତ ୧ଟି ଅଣ୍ଡିରା ଓ ୨ଟି ମାଇ ଅଣ୍ଡିରା ଗଛ ଲଗାଇବା ଦରକାର ।

ଜମି ପ୍ରସ୍ତୁତ- ଜମିକୁ ୨/୩ ଓଡ ଚାଷ କରି ମାଟି ଗୁଣ୍ଡ କରାଯାଏ । ନିର୍ଦ୍ଧାରିତ ବ୍ୟବଧାନରେ ୪୫ ସେ.ମି * ୩୦ ସେ.ମି ଗଭୀରରେ ଗାତ ଖୋଳି ୧୦/୧୫ ଦିନ ଖରା ଦେଇ ଅନୁମୋଦିତ ପରିମାଣରେ ଖାଦ୍ୟସାର ପ୍ରୟୋଗ କରାଯାଇଥାଏ ।

ପରବର୍ତ୍ତୀ ଯତ୍ନ:- ୨ରୁ ୩ ଥର କୋଡାଖୁସା କରି ଜମିକୁ ଘାସମୁକ୍ତ ରଖାଯାଏ । ପୋଟଳ ଲଟା ବଢି ହୁଡାକୁ ଘୋଡାଇ ଦେବା ପରେ ହାତରେ ଘାସ ବାଛି ଜମିକୁ ଘାସମୁକ୍ତ ରଖିବା ଦରକାର । ରଂଜା ପ୍ରଣାଳୀରେ ଚାଷ କରୁଥିଲେ ଜମିକୁ ଛାଦିକରଣ (ପ୍ଲାଷ୍ଟିକ୍ ବା ନଡା ବା ଶୁଖିଲା ଘାସ ଲଟା) କରିବା ଦ୍ୱାରା ଘାସ କମ୍ ହୋଇଥାଏ ଓ ଜଳ କମ୍ ଦରକାର କରିଥାଏ । ଏହା ଦ୍ୱାରା ଅମଳ ବଢିଥାଏ ।

ହରମୋନ ପ୍ରୟୋଗ:- ପୋଟଳ ୨ ପ୍ରକାର ଗଛ ଥିବାରୁ ଅଲଗା ଅଲଗା ଫୁଲ ଫୁଟି ଥାଏ । ପରାଗ ସଂଗମ ନ ହେଲେ ଫୁଲ ସଂଗମ ନ ହେଲେ ଫୁଲ କମି ଶୁଖି ପଡେ । ତେଣୁ ହରମୋନ୍ ପ୍ରୟୋଗ କଲେ ଫଳ ଧରିବାରେ ସାହାଯ୍ୟ କରେ । ସେଥିପାଇଁ ଦୈନିକ ହରମୋନ୍ ମାଛ ଟନିକ୍ ବା ଅଣ୍ଡା ଟନିକ୍ ଲିଟର ପାଣିରେ ୨ରୁ ୨.୫ ମି.ଲି ମିଶାଇ ଏକର ପ୍ରତି ୨୦୦ ଲିଟର ପାଣି ପ୍ରୟୋଗ ସକାଳ ବା ସନ୍ଧ୍ୟା ସମୟରେ ୨୦/୩୦ ଦିନରେ ୧/୨ ଥର ପ୍ରୟୋଗ କରାଯାଏ ।

ଜଳସେଚନ:- ଚାରା ଲଗାଇବା ପରେ ମନ୍ଦାରେ ପାଣି ଦିଆଯାଏ । ଇଲ-ସ୍ୱରଳ୍ପ ଘବସ୍ୱସଙ୍ଗର ଜଳସେଚନ କଲେ କିମ୍ବା ବୁନ୍ଦା ଜଳସେଚନ କଲେ କମ୍ ଦଳ ଆବଶ୍ୟକ କରେ । ଜୈବିକ ଜଳ ନିଷ୍କାସନ କରିବା ଦରକାର । ଶୀତ ବା ଖରାଦିନେ ଜମିର ବତରକୁ ଚାହିଁ ଜଳସେଚନ କରିବା ଦରକାର ।

ରୋଗପୋକ ପରିଚାଳନା:- ମୋଟରେ ମୁଖ୍ୟତଃ କାଙ୍କଡିଆ ଫଳବିଧା ପୋକ ଲାଗିଥାଏ ଓ ରୋଗ ହିସାବରେ ପାଉଁଶିଆ ରୋଗ, ପତ୍ରପୋଡା ରୋଗ, ମୂଳସଢା ରୋଗ ଲାଗିଥାଏ । ଏଥି ସମନ୍ୱିତ ରୋଗପୋକ ପରିଚାଳନା କଲେ ସୁଫଳ ମିଳିଥାଏ ।

୧. ଚାଷ ପ୍ରଣାଳୀ ୧.୧-ଶରୀର ଖରାଡିଆ ଚାଷ (ଖରାଦିନେ କରିବା ଦରକାର) ୧.୨- ନିମ୍ନ ମୁଖି ପାଉଁଶିଆ ରୋଗ ପ୍ରତିକାର ପାଇଁ ଲଟା ଫସଲ ପରେ ଧାନ ଚାଷ ୧.୩- ଠିକ୍ ଦୂରତାରେ ଗଛ ଲଗାଇବା ୧.୪- ଡେରିରେ ଲଗାଇଲେ ପାଉଁଶିଆ ରୋଗ ହୋଇଥାଏ । ୧.୫- ସଠିକ୍ ଖଅଦ୍ୟସାର ପ୍ରୟୋଗ

୨. ଯାନ୍ତ୍ରିକ ପ୍ରଣାଳୀ ୨.୧- ରୋଗାକ୍ରାନ୍ତ ଗଛକୁ ନଷ୍ଟ କରିବା

୨.୨- ଫସଲ ଅମଳ ସମୟରେ ଗଛକୁ କ୍ଷତି ନକରିବା

୨.୩- ହାତରେ ସଂଗ୍ରହ କରି କ୍ଷତିକାରକ ଭୃଙ୍ଗ ଓ ପୋକକୁ ନଷ୍ଟ କରିବା ୨.୪- ଏକର ପ୍ରତି ୩୦/୪୦ଟି ଫଳମାଛି ଯନ୍ତା ବସାଇ ଫଳମାଛିଙ୍କୁ ଆକୃଷ୍ଟ କରି ମାରିଦେବା

୩. ଜେବିକ ପ୍ରଣାଳୀ ୩.୧- ଇନ୍ଦ୍ରଗୋପୀ ଭୃଙ୍ଗ, ବୁଢିଆଣି, କଙ୍କି ଆଦି କୀଟ ସଂରକ୍ଷଣ କରିବା ୩.୨ ଏକର ପ୍ରତି ୩୦ଟି ପକ୍ଷୀ ଆଶ୍ରହ ସ୍ଥଳ ପ୍ରସ୍ତୁତ କରିବା ୩.୩ ପ୍ରତି ୧ କେ.ଜି ବିହନ ପାଇଁ ୫ରୁ ୧୦ ଗ୍ରାମ୍ ଟ୍ରାଇକୋଡାର୍ମା ଭିରିଡେ କଲଚର ମିଶାଇ ବିହନ ବିଶୋଧନ କରିବା

୩.୪ ନିମ୍ବଜାତ ଔଷଧ (ନିମ୍ବ ତେଲ, ନିମ୍ବ ପାଚନ ପାଣି, ନିମ୍ବ ମଂଜି ***) ଓ ହାଣ୍ଡି ଔଷଧ, ଦହି ଦ୍ରବଣ ବ୍ୟବହାର କରିବା

ଅମଳ- ଚେର ଲଗାଇବା ୯୦ରୁ ୧୨୦ ଦିନରେ ଅମଳ ଆରମ୍ଭ ହୋଇଥାଏ । କିନ୍ତୁ ଡଙ୍କ ବା ଲଟା ଲଗାଇବା କ୍ଷେତ୍ରରେ ୭୫ରୁ ୮୦ ଦିନରେ ଫଳ ତୋଳିବା ଆରମ୍ଭ ହୋଇଥାଏ । ସାଧାରଣତଃ ଫଳଧାରଣାର ୧୫ରୁ ୧୮ ଦିନରେ ଫଳ ତୋଳାଯାଏ । ଠିକ୍ ସମୟରେ ଫଳ ତୋଳିଲେ ଅଧିକ ପଳ ଧରିଥାଏ ଓ ଅଧିକ ଅମଳ ମିଳିଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢା କମ୍ପୋଷ୍ଟ ଖତ ଓ ସଢା ଗୋବର ଖତ | ୫ କେ.ଜି ୫ କେ.ଜି | ଚାରା ଲଗାଇବା ପୂର୍ବରୁ |
| ଜିଆ ଖତ | ୨ କେ.ଜି | ଚାରା ଲଗାଇବା ପୂର୍ବରୁ |
| ନିମ୍ବ ପିଡିଆ | ୫୦ଗ୍ରାମ୍ (୨୫+୨୫) | ଚାରା ଲଗାଇବା ପୂର୍ବରୁ ୨୫ ଗ୍ରାମ୍ + ୨୫ ଗ୍ରାମ୍ ୩୦-୩୫ ଦିନ ପରେ) |
| ରକ୍ ଫସ୍ ପେଟ୍ | ୨୫ ଗ୍ରାମ୍ | ଚାରା ଲଗାଇବା ପୂର୍ବରୁ |
| ଜୀବାମୃତ | ୨୦୦ ଲିଟର | ଚାରା ଲଗାଇବା ୨୫ ଦିନରେ ପ୍ରତ୍ୟେକ ୧୫ ଦିନ ଅନ୍ତରରେ ୫/୬ ଥର |

Aqua Alimenta

# ଜୈବିକ ପ୍ରଣାଳୀରେ ମକ୍କା ଚାଷ




ମକ୍କା ଏକ ଶସ୍ୟ ଜାତୀୟ ଫସଲ। ଆମ ରାଜ୍ୟରେ ମକ୍କା ଚାଷ ଏକ ଲାଭଜନକ ଚାଷ ଭାବେ ପରିଗଣିତ ହେଲାଣି। ଧାନ ପରେ ଆମ ରାଜ୍ୟ ଶସ୍ୟ ଜାତୀୟ ଫସଲ ହିସାବରେ ସ୍ଥାନ ଦ୍ୱିତୀୟ ରହିଛି। ଏଥିରୁ ମଣିଷ ଖାଦ୍ୟ, କୁକୁଡା ଖାଦ୍ୟ ଓ ମାଛ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ଯଥା: କଞ୍ଚା ମକ୍କାକୁ ସିଝାଇ ଖିଆଯାଏ। ମକ୍କା ଦାନାକୁ ସୁପ୍, ସାଲାଡ, ପରିବା ମକ୍କାକୁ ବିଭିନ୍ନ ପ୍ରକାରର ସ୍ୱାଦ ବ୍ୟଂଜନ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ଜଳବାୟୁ:- ଉଷ୍ମ ଓ ଆର୍ଦ୍ର ଜଳବାୟୁରେ ମକ୍କା ଚାଷ ଭଲ ହୋଇଥାଏ। ଗରମ ୩୫ଡିଗ୍ରୀ ରୁ ଅଧିକ ବା ଅଧିକ ଶୀତ ୧୦ଡିଗ୍ରୀରୁ କମ୍ ହେଲେ ମକ୍କା ଭ ହୋଇନଥାଏ।

ମୃର୍ତ୍ତିକା:- ମକ୍କା ଚାଷ ପାଇଁ ଦୋରସା, ବାଲିଆ ଦୋରସା, ନିଗିଡା ପଟୁ ମାଟି ସର୍ବୋତ୍କୃଷ୍ଟ ମାଟିର ପ.ହ ୬.୫ ରୁ ୭.୫ ମଧରେ ରହିଲେ ଭଲ।

ବୁଣିବା ସମୟ :- ମକ୍କା ବର୍ଷା ଋତୁରେ ଜୁନ୍, ଶୀତ ଦିନେ ଅକ୍ଟୋବର, ଖରାଦିନେ ଜାନୁୟାରୀ ମାସରେ ଚାଷ କରାଯାଏ।

ବହନ, ବିଶୋଧନ ଓ ବୁଣିବା ପ୍ରଣାଳୀ:- ଏକର ପ୍ରତି ୬ରୁ ୭ କି.ଗ୍ରା ବିହନ ଦରକାର କରେ। ବିହନ ବୁଣିବା ପୂର୍ବରୁ ବିହନକୁ ଜୈବିକ ବିଶୋଧନ (ଦେଶୀମୂତ୍ର, ବୀଜାମୃତ ବା ଟ୍ରାଇକୋଡାର୍ମା ଭିରିଡେ ବିଶୋଧନ କରିବା ଦରକାର। ଧାଡି ଧାଡି ୨ ଫୁଟ ଓ ଗଛକୁ ଗଛ ୨୫ ରୁ ୩୦ ସେ.ମି ବ୍ୟବଧାନରେ ବୁଣିବା ଦରକାର କରିଥାଏ। ମକ୍କା ୨ ପ୍ରକାର -କମ୍ପୋଜିଟ୍ ଓ ଶଙ୍କର କିସମ ଯଥା -ବିଜୟା, ଗଙ୍ଗା, ଜବାହର, ଡେକାନ -୧୦୩, ଡେକାନ-୧୦୭, ଇଣ୍ଡାମ୍ -୩, କିରଣ, ମାଧୁରୀ, ପ୍ରିୟା ଇତ୍ୟାଦି

ଜମି ପ୍ରସ୍ତୁତ:- ଜମିକୁ ପୂର୍ବରୁ ଓଡ ଗୁଣ୍ଡ ଚାଷ କରି ମାଟିକୁ ମଇ ଦେଇ ଜମିକୁ ସମତୁଲ କରିଦେବା ଉଚିତ୍। ଶେଷ ଓଡ ଚାଷ ସମୟରେ ମାଟିରେ ଆବଶ୍ୟକ ଖତ ସହିତ ବିଭିନ୍ନ ପ୍ରକାରର ଜୀବାଣୁ ସାର ଓ ନିମ୍ବ ପିଡିଆ ପ୍ରୟୋଗ କରିବା ଦରକାର।

ଅନ୍ତଚାଷ:- ମକ୍କା ଗଜା ହେବାର ତୃତୀୟ ଓ ଷଷ୍ଠ ସପ୍ତାହ ବେଳକୁଜମିକୁ କୋଡାଖୁସା କରି ଘାସ ବାଛି ହୁଡା ଟେକି ଦେବା ଦରକାର। ଜମିରେ ଛାଦିକରଣ କଲେ ଘାସ କମ୍ ହୁଏ ଓ କମ୍ ଜଳ ଆବଶ୍ୟକ କରିଥାଏ। ଏହା ସହିତ ଅଧିକ ଲାଭ ହୋଇଥାଏ।

ଜଳ ପରିଚାଳନା:- ବର୍ଷାଦିନେ ଜଳ ନିଷ୍କାସନ ଓ ଶୀତ ଓ ଖରାଦିନେ ଜଳସେଚନ କରିବା ଦରକାର କରିଥାଏ। ଜମିର ବତରକୁ ଦେଖି ଜଳସେଚନ କରିବାକୁ ପଡେ। କୌଣସି ପରିସ୍ଥିତିରେ ଠିଆ ପାଣି ରଖିବା ଉଚିତ୍ ନୁହେଁ। ଫୁଲ ଧରିବା, ଦାନ ବାନ୍ଧିବା ସମୟରେ ଜଳସେଚନ କରିବା ଉଚିତ୍।

**ରୋଗପୋକ ପରିଚାଳନା:-** ମକ୍କା ଫସଲରେ ସାଧାରଣତଃ ପତ୍ରଦାଗ, ପତ୍ରପୋଡା, କାଣ୍ଡପଚା ରୋଗ ଦେଖାଯାଏ। ଏଥିପାଇଁ ବିହନ ବିଶୋଧନ କଲେ ଏହା ଦେଖାଯାଏ ନାହିଁ ବା କମ୍ ଦେଖାଯାଏ। ଏହା ସହିତ ମକ୍କା ଫସଲରେ କାଣ୍ଡବିନ୍ଧା, ଭଣ୍ଡାଖିଆ ପୋକ, ଜଉ ପୋକ ଆଦି ଲାଗିଥାଏ। ଏଥିପାଇଁ ନିମ୍ବ ଜାତ ଔଷଧ (ନିମ୍ବ ପାଚକ ପାଣି, ନିମ୍ବତେଲ, ନିମ୍ବର ମଂଜି **** ଓ ହାଣ୍ଡି ଔଷଧ ସହିତ ବଜାରରେ ମିଳୁଥିବା ଜୈବିକ ଔଷଧ ମଧ ବ୍ୟବହାର କରାଯାଏ। *** ବିଜ୍ଞାନ ଗାରରେ ପ୍ରସ୍ତୁତ ଟ୍ରାଇକୋଗାମା ଚିଲୋନିସର **** ଏକର ପ୍ରତି ୨୦ ରୁ ୨୫ ହଜାର ୧୦ ଦିନ ଅନ୍ତରରେ ୪ରୁ ୬ ଥର ପ୍ରୟୋଗ କଲେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ କରାଯାଇପାରେ।

ବିଶେଷ କରି ମକ୍କା ଫସଲରେ ଶୁଆ ପ୍ରଧାନ ଶତ୍ରୁ। ଶୁଆ ମକ୍କା ଫସଲର ଆବରଣକୁ କରି ଦାନା ଖାଇଦିଅନ୍ତି। ଏହାର ପ୍ରତିକାର ପାଇଁ ଜମିରେ ମଝିରେ ମଝିରେ ଟିଣ ଡାବା ବା ବାଜା ବଜାଇ ଶବ୍ଦ ମାଧମରେ, ନଡାରେ ପାଳଭୂତ କରି, ଚିକ୍‌ଚିକ୍ କରୁଥିବା ***** ବା କ୍ୟାସେଟ୍ ଫିତାକୁ ବ୍ୟବହାର କରି ପକ୍ଷୀଙ୍କ ଦାଉରୁ ରକ୍ଷା କରାଯାଏ।

କଞ୍ଚା ମକ୍କା ଶିଝାଇ ଖାଇବା ପାଇଁ ମକ୍କାର ଛୁଟି ଶୁଖିଲା ଠିକ୍ ପରେ ପରେ ଅମଳ କଲେ ଏହି ସମୟରେ ନରମ ଥାଏ ଓ ଏହାକୁ ବଜାରରେ ବିକ୍ରୀ କଲେ ଅଧିକ ଆୟ ହୋଇଥାଏ।

ମଂଜି ଅମଳ କରିବାର ଥିଲେ ଭଣ୍ଡାଟୋପା ହଳଦୀଆ ଓ ଦାନ ପାକଳ ହେଲେ ଅମଳ ହୁଏ। ଭଣ୍ଡାଗୁଡିକୁ ଖରାରେ ଶୁଖାଇ ମକ୍କାଛଡା ଯନ୍ତ୍ର ସାହାଯ୍ୟରେ ଅମଳ କରାଯାଏ। ଏକର ପ୍ରତି ହାରାହାରୀ ଓ୧୨-୧୫ କ୍ୱିଣ୍ଟାଲ୍ ଅମଳ ମିଳିଥାଏ।

### ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| କମ୍ପୋଷ୍ଟ ଖତ ଓ ଗୋବର ଖତ | ୫ ଟନ୍ ୫ ଟନ୍ | ଶେଷ ଓଡଚାଷ ସମୟରେ |
| ଜିଆ ଖତ | ୧ ଟନ୍ | ଶେଷ ଓଡଚାଷ ସମୟରେ |
| ପିଏସ୍ ପି | ୩ କେ.ଜି | ଶେଷ ଓଡ ଚାଷ ସମୟରେ |
| ପିଏସ୍ ପି ଓ ଅଜୋଟବ୍ୟାକ୍ଟର | ୩ କେ.ଜି ୩ କେ.ଜି | ୫୦ କେ.ଜି ଖତ ସହିତ ୧୫ ଦିନ ଆଗରୁ ମିଶାଇ ଶେଷ ଓଡ ଚାଷ ସମୟରେ ପ୍ରୟୋଗ |
| ନିମ୍ବ ପିଡିଆ | ୧୦୦ କେ.ଜି | ଶେଷ ଓଡ ଚାଷ ସମୟରେ ଚାରା ରୋପଣର ପ୍ରତି ୧୫ ଦିନ ପରେ ୫ ଥର |
| ଜୀବାମୃତ ଓ ବାୟୋଡାଇଜେଷ୍ଟର | ୨୦୦ ଲିଟର | ଗଛ ଉଠିବାର ପ୍ରତି ୧୫ ଦିନରେ ୪ ଥର |

ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍
E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ କଦଳୀ ଚାଷ

Aqua Alimenta



କଦଳୀ ଏକ ସୁସ୍ୱାଦୁ ଓ ପୁଷ୍ଟିକାରକ ଫଳ । ସମଗ୍ର ପୃଥିବୀରେ ଚାଷ କରାଯାଉଥିବା ପୁରାତନ ଫଳମାନଙ୍କ ମଧ୍ୟରୁ ଅନ୍ୟତମ । ଏଥିରେ ପ୍ରଚୁର ପରିମାଣରେ ଖାଦ୍ୟସାର ଥିବାରୁ ଏହା କଂଚା ଓ ପାଚିଲା ଭାବରେ ଖିଆଯାଏ । ଗଛର କବଳରୁ ଦଉଡି, ଟିସୁ ପେପର ଇତ୍ୟାଦି ମଧ ତିଆରି କରାଯାଏ ।

ମୃତ୍ତିକା:- ଦୋରସା ପଟୁ ମାଟି, ବାଲିଆ ଦରୋସା, ଦୋରସା ମଟାଳ ମାଟିରେ କଦଳୀ ଚାଷ ଭଲ ହୁଏ । ମାଟିର ଅମ୍ଳତା ୪.୫ ରୁ ୭.୫ ମଧ୍ୟରେ ଚାଷ କରାଯାଇପାରେ । କିନ୍ତୁ ମାଟିର ଚ.ଏଁ ୬.୫ ରୁ ୭.୫ ମଧ୍ୟରେ ରହିଲେ ଖୁବ୍ ଭଲ । ଆମ ରାଜ୍ୟରେ ସାଧାରଣତଃ ଲୋକମାନେ ବାଡି ବଗିଚାରେ କଦଳୀ ଲଗାଇଥାନ୍ତି । କିନ୍ତୁ ଅଧିକାଂଶ ଜିଲ୍ଲାରେ ଆମ ରାଜ୍ୟରେ ବ୍ୟବସାୟିକ ଭିତ୍ତିରେ କଦଳୀ ଚାଷ ହୋଇପାରିବ ।

ଜଳବାୟୁ:- ଉଷ୍ମ ଓ ଆର୍ଦ୍ର ଜଳବାୟୁ କଦଳୀ ଚାଷ ପାଇଁ ଉପଯୁକ୍ତ । ୧୦ରୁ ୪୦ ଡିଗ୍ରୀ ଉତ୍ତାପ ମଧ୍ୟରେ କଦଳୀ ଚାଷ ହୋଇପାରିବ । ବାତ୍ୟା କଦଳୀ ଗଛର ପ୍ରଧାନ ଶତ୍ରୁ । ସାଧାରଣତଃ ଓଡିଶାର ଉପକୂଳବର୍ତ୍ତୀ ପିଲାମାନଙ୍କରେ ପ୍ରତ୍ୟାବର୍ତ୍ତୀତ ମୌସୁମୀ ବାୟୁ ପ୍ରଭାବରୁ ଅକ୍ଟୋବର ଓ ନଭେମ୍ବର ମାସରେ ପ୍ରବଳ ବ୍ୟା ହୁଏ । ଏହା ଫଳରେ କଦଳୀ ବଗିଚାର ବହୁତ କ୍ଷତି ହୁଏ । ଯେଉଁ ଅଞ୍ଚଳରେ ବାତ୍ୟା ହୁଏ ସେହି ଅଞ୍ଚଳରେ ବାତ୍ୟା ନିରୋଧକ ଗଛ ଲଗାଇ ବାମନ କିସମ କଦଳୀ ଚାଷ କରାଯାଇପାରିବ ।

କିସମ:-ଆମ ରାଜ୍ୟରେ ୨ ପ୍ରକାର କଦଳୀ ଚାଷ କରାଯାଏ-ତରକାରୀ ହିସାବରେ -ବନ୍ତଳ, ପାଉଁଶିଆ ବନ୍ତଳ, ଗଜ ବନ୍ତଳ, ଚେପଟା ବନ୍ତଳ ଇତ୍ୟାଦି ଓ ପଚିଲା ହିସାବରେ, ଚମ୍ପା, ପାଟକପୁରା, ଗ୍ରାଣ୍ଡ -ନାନ୍ ରୋବଷ୍ଟା ଇତ୍ୟାଦି ।

ପୁଆ ବାଛିବା:- କଦଳୀ ଦୁଇପ୍ରକାର ପୁଆ ଦେଇଥାଏ । ୧.-ସିଂଗପୁଆ, ୨-ପାଣିପୁଆ

୧. ସିଙ୍ଗାପୁଆ-ଯାହାର ମୂଳ ବେଶ୍ ମୋଟା ଓ ପତ୍ର ଅଗ ଆଡକୁ କ୍ରମଶ ସରୁ ବା ଖଣ୍ଡା ପରି ଦେଖାଯାଏ ।

୨. ପାଣିପୁଆ -ଯାହାର ମୂଳ ସମାନ ଥାଏ ଓ ପତ୍ର ପୁଆ ଅବସ୍ଥାରେ ଓସାରିଆ ହୋଇଥାଏ ।

୨/୩ ମାସିଆ ନିରୋଗା ପୁଆ (ସିଂଗା) ବାଛି ଲଗାଇବା ଦରକାର । ଏହାକୁ ଛାଡି "ଟସୁ" କଦଳୀ ଚାରା ଲଗାଇ ଚାଷ କଲେ ରୋଗ ପୋକ କମ୍ ହୋଇଥାଏ ।

ଲଗାଇବା ସମୟ:- ଆଗେ କେବଳ ବର୍ଷାଋତୁ ଆରମ୍ଭ ପୂର୍ବରୁ କଦଳୀ ଲଗାଇଯାଏଥିଲା । ଏବେ କିନ୍ତୁ ଖରା ଦିନକୁ ଛାଡି ବର୍ଷା ଅନ୍ୟ ସମୟରେ ଲଗାଯାଇପାରିବ । ଯଥା -ଜୁନ୍, ଜୁଲାଇ, ଅକ୍ଟୋବର, ନଭେମ୍ବର ଓ ଜାନୁୟାରୀ ମାସରେ, ପେଶୀ ପୋଷଣ (ଟିସୁ) କଦଳୀ ଚାରା ଖରିଫ (ଜୁନ୍-ଜୁଲାଇ) ଓ ରବି (ଅକ୍ଟୋବର, ନଭେମ୍ବର) ମାସରେ ଲଗାଯାଇପାରିବ ।

ଜମି ପ୍ରସ୍ତୁତ:- ଜମିକୁ ୨/୩ ଓଡ ଚାଷ କରି କିସମ ଅନୁସାରେ ୧.୫ ମି. ରୁ ୨ ସେ.ମି ବ୍ୟବଧାନରେ ୨*୨*୨ଫୁଟ ଗଭୀର ଗାତ ଖୋଳି ଉପଯୁକ୍ତ ବ୍ୟବଧାନରେ ୨ ଫୁଟ ଗଭୀରରେ ପୁଆ ଲଗାଯାଏ ।

ବିଶୋଧନ ଲଗାଇବା ପ୍ରଣାଳୀ- ପୁଆ ଲଗାଇବା ପୂର୍ବରୁ ପୁଆକୁ ଜୈବିକ (ବୀଜାମୃତ ବା ଟ୍ରାଇକୋଡର୍ମା+ ଗୋବର ଘୋଳ) ରେ ବିଶୋଧିତ ଓ ଟିସୁ ଚାରାକୁ ଲଗାଯାଏ । ପୁଆ ଲଗାଇବା ପୂର୍ବରୁ ପୁରୁଣା ଚେରକୁ କାଟିଦେବା ଦରକାର । କୌଣସି ସ୍ଥାନରେ କ୍ଷତ ହୋଇଥିଲେ ଭଲ ଭାବରେ ସଫା କରି ଦିଆଯାଏ ।

ଖାଦ୍ୟସାର ପ୍ରୟୋଗ:- ଗାତ ଖୋଳିବା ସମୟରେ ଉପର ମାଟି ଓ ଫୁଟ ଓ ତଳ ମାଟି ୧ ଫୁଟ ଅଲଗା ରଖାଯାଏ । ୧ ଫୁଟ ଉପର ମାଟି ସହିତ ଖାଦ୍ୟସାର ମିଶାଇ ଗାତ ପୂରଣ କରାଯିବାର ୬/୭ ଦିନ ପରେ ପୁଆ ବା ଚାରା ଲଗାଯାଇ ମାଟିକୁ ଭଲ ଭାବରେ (ଚାପି) ଦିଆଯାଏ ।

ନୂଆ ପରିଚାଳନା:- ସାଧାରଣତଃ କଦଳୀ ଗଛରେ ନୂଆ ପୁଆମାନ ଉଠିଥାଏ । ଯାହାଦ୍ୱାରା ଗୋଟିଏ ସୁସ୍ଥ ସବଳ ପୁଆରଖି ଅନ୍ୟ ପୁଆ କାଟି ପୁଆର ମଝି ଅଂଶରେ ୨.୫ ମି.ଲି କିରୋସିନି ପକାଇବା ଦ୍ୱାରା ପୁଆ ସଢାଯାଏ । ମାଟିକୁ ଜୈବିକ ଉପାଦାନ ମିଳିବା ସହିତ ମୂଳଗଛ ଆବଶ୍ୟକ ପରିମାଣର ଖାଦ୍ୟସାର ପାଇଥାଏ ।

ଜଳ ପରିଚାଳନା:- କଦଳୀ ଗଛର ମୂଳକୁ ମାଟି ଦେଇ ହୁଡା ଟେକିଦେଲେ ପାଣିଦେବା ସହଜ ହୋଇଥାଏ । ମାଟିର ବତରକୁ ଦେଖି ୭/୧୦ ଦିନ ଅନ୍ତରରେ ଜଳସେଚନ କରାଯାଏ । କଦଳୀ ଚାଷରେ ମନ୍ଦା ବା ନାଳୀରେ ଜଳସେଚନ କରାଯାଏ । ଛାଦିକରଣ ଓ ବୁନ୍ଦା ଜଳସେଚନରେ କମ୍ ଜଳ ଲାଗିବା ସହିତ ଅଧିକ ଅମଳ ହୋଇଥାଏ । କଦଳୀ ଚାଷରେ କମ୍ ବା ଅଧିକ ଜଳ କ୍ଷତିକାରକ ହୋଇଥାଏ ।

ରୋଗପୋକ ପରିଚାଳନା:- କଦଳୀ ଗଛରେ କେତେ ପ୍ରକାର ରୋଗପୋକ ଲାଗିଥାଏ । ଏହା ପ୍ରତିକାର ନିହାତି ଜରୁରୀ ।

୧. ସିଗାଟୋକ ପତ୍ର ଦାଗ ରୋଗ:- ପତ୍ରରେ ହଳଦିଆ ବଳୟ ଥିବା ଅନେକ କଳାଦାଗ ଦେଖାଯାଏ । ଏହା ନିରାକରଣ ପାଇଁ ପ୍ରତି ୧୫ ଦିନ ଅନ୍ତରରେ ଜୈବିକ ଔଷଧ -ଟ୍ରାଇକୋଡର୍ମା ଭିରିଡେ ୫ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରାଯାଏ ।

୨. ଝାଉଁଳା ରୋଗ:- କାନ୍ଦି ଆସିବା ସମୟରେ ପତ୍ର ହଳଦିଆ ପଡି ଝାଉଁଳା ପଡେ । ଏହା ପ୍ରତିକାର ପାଇଁ ପୁଆ ବିଶୋଧନ ଓ ପରେ ୫ ଲିଟର ପାଣିରେ ୨୫ ଗ୍ରାମ୍ ଟ୍ରାଇକୋଡର୍ମା ମିଶାଇ ପ୍ରତି ଗଛ ମୂଳରେ ୫ ଲିଟର ପାଣି ଦିଆଯାଏ ।

୩. କାଣ୍ଡ ବିନ୍ଧା ପୋକ:- ଏହି ପୋକ କାଣ୍ଡ ମଧ୍ୟରେ ପ୍ରବେଶ କରି ଗଛକୁ ନଷ୍ଟ କରିଦିଏ- ଏହାର ନିରାକରଣ ପାଇଁ ଜୈବିକ ଔଷଧ ଆଗ୍ନେୟାସ୍ତ୍ର ପ୍ରତି ଲିଟର ପାଣିରେ ୪୦ ମି.ଲି ମିଶାଇ ପ୍ରୟୋଗ କରାଯାଏ ।

୪. ଅଣକଦଳୀଆ ରୋଗ:- ଏହା ଏକ ଭୂତାଣୁ ଜନିତ ରୋଗ । ଏହି ରୋଗ ହେଲେ ଅଗ୍ରଭାଗ ସଂକ୍ରମିତ ହୁଏ । ଏହି ରୋଗ ହେଲେ ସଂକ୍ରମିତ ଗଛକୁ ସମୂଳେ ବିନାସ କରାଯିବା ଦରକାର । ଜଉ ପୋକ ହେଲେ ନିମ୍ବ ପାଚନ ପାଣି ବା ହାଣ୍ଡି ଔଷଧ ବା ବଜାରରେ ମିଳିଥିବା ଜୈବିକ ଔଷଧ ସିଞ୍ଚନ କରାଯାଇ ନିୟନ୍ତ୍ରଣ କରାଯାଇପାରେ ।

ଅମଳ:- କିସମ ଅନୁସାରେ କାନ୍ଧି ଆସିବାର ୯୦-୧୫୦ ଦିନରେ ଫଳ ପାକଳ ହୋଇଥାଏ । ପାଗ ଥଣ୍ଡା ରହିଲେ ଫଳ ବିଳମ୍ବରେ ଓ ଗରମ ରହିଲେ ଶୀଘ୍ର ।।କଳ ହୁଏ । କିସମ ଅନୁସାରେ ଏକର ପ୍ରତି ୨୦୦ ରୁ ୨୫୦ କ୍ୱିଣ୍ଟାଲ୍ ଅମଳ ମିଳିଥାଏ ।

**ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)**

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢ଼ା କମ୍ପୋଷ୍ଟ ବା ସଢ଼ା ଗୋବର ଖତ | ଗାତ ପ୍ରତି ୧ ଝୁଡ଼ି | ଗଛ ଲଗାଇବା ପୂର୍ବରୁ |
| ଜିଆ ଖତ | ୫ରୁ ୬ କେ.ଜି | ଗଛ ଲଗାଇବା ପୂର୍ବରୁ |
| ରକ୍ ଫସ୍ ଫେଟ୍ | ୧୦୦ ମିଲି ଗ୍ରାମ୍ | ଗଛ ଲଗାଇବା ପୂର୍ବରୁ |
| ଜୀବାମୃତ ବା ବାୟୋଡାଇଜେଷ୍ଟର | ୨୫୦ ମି.ଲି (ଗଛ ପ୍ରତି) | ଗଛ ଲଗାଇବାର ୩୦ ଦିନ ପରେ ପ୍ରତି ୧୫ ଦିନ ଅନ୍ତରରେ |
| ଜିଆ ଖତ | ୧ କେ.ଜି | ୬୦ ଦିନ ପରେ |
| ଜିଆ ଖତ | ୧ .କେଜି | ୧୨୦ ଦିନ ପରେ |
| ଜିଆ ଖତ | ୧ କେ.ଜି | ୧୮୦ ଦିନ ପରେ |
| ଜିଆ ଜଳସାର | (୧-୧୦) | ପ୍ରତି ୨ ମାସ ଅନ୍ତରରେ |
| ସେରାମିଲ | ୨୦୦ ଗ୍ରାମ୍ | ୨ ମାସରେ ଥରେ -୪ ଥର |

# ଜୈବିକ ପ୍ରଣାଳୀରେ ଅମୃତଭଣ୍ଡା ଚାଷ



ଅମୃତଭଣ୍ଡା ଏକ ଲୋକପ୍ରିୟ ଫଳ । ଏହା ଖାଇବାକୁ ବେଶ୍ ସୁସ୍ୱାଦୁକର । ଏହି ଫଳକୁ ଉଭୟ କଂଚା ଓ ପାଚିଲା ଖିଆଯାଇଥାଏ । ଏହା ରୋଗୀଙ୍କ ପାଇଁ ଏକ ଭଲ ଖାଦ୍ୟ । ଏଥି ସହିତ ଯଥେଷ୍ଟ ପରିମାଣରେ ଭିଟାମିନ୍ ସି ଓ ବି ରହିଛି । ଏଥିରେ କ୍ୟାଲସିୟମ୍, ଫସ୍ ଫରସ୍ ଓ ଲୌହ ଥିବାରୁ ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ ହୋଇଥାଏ । ଏହି ଫଳ ଖାଇଲେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ଏଥିରୁ ପପାଇନ୍ ପେଟ ରୋଗ ଭଲ ପାଇଁ ଔଷଧ ପ୍ରସ୍ତୁତ କରାଯାଏ ।

ମୃର୍ତ୍ତିକା:- ନିଗିଡା ଦୋରସା ପଟୁମାଟି, ନିଗଡା ଦୋରସା ବାଲିମାଟି ଭଲ । ତେଣୁ ଗଛ ଲଗାଇବା ସ୍ଥାନ ଉଚ୍ଚା, ନିଗପଡା ହେବା ଉଚିତ୍ ।

ଜଳବାୟୁ:- ଉଷ୍ମ ଓ ଆଦ୍ର ଜଳବାୟୁ ଅମୃତଭଣ୍ଡା ଚାଷ ପାଇଁ ଅନୁକୂଳ । କିନ୍ତୁ ବିଭିନ୍ନ ପ୍ରକାର ଜଳବାୟୁରେ ମଧ ଚାଷ କରାଯାଇପାରିବ । ସମୁଦ୍ର ପଉନ ଠାରୁ ୧୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ଚାଷ କରାଯାଇପାରିବ । ୧୦ ଡିଗ୍ରୀ ଉତ୍ତାପ ଓ ୪୦ ଡିଗ୍ରୀ ଉତ୍ତାପ ମଧରେ ରହିଲେ ଅମୃତଭଣ୍ଡା ଚାଷ ଭଲ ହୋଇଥାଏ ।

କିସମ:- ବର୍ତ୍ତମାନ ଆମ ରାଜ୍ୟରେ ଅନେକ ଉନ୍ନତ, ଅଧିକ ଅମଳକ୍ଷମ ଓ ଶଙ୍କର କିସମ ମିଳୁଛି । ସେଗୁଡିକ ସାଧାରଣତଃ ଦୁଇ ଭାଗରେ ବିଭକ୍ତ ହୋଇଛି ।

୧. ଶୁଦ୍ଧ ଦ୍ୱିଲିଙ୍ଗି (ଡାଇଓସିୟସ୍)- ଏହି କିସମ ଗୁଡିକରେ ବିଶୁଦ୍ଧ ଅଣ୍ଡିରା ଓ ମାଇ ଗଛ ବାହାରେ ଯଥା - ପୁଷା ଡ୍ୱାର୍ଫ, ପୁଷା ଜାଏଣ୍ଟ ଇତ୍ୟାଦି ।

୨. ଉଭୟ ଲିଙ୍ଗି:- ଏହି ପ୍ରକାର କିସମରେ ସମ୍ପୂର୍ଣ୍ଣ ଅଣ୍ଡିରା ଗଛ ହୁଏ ନାହିଁ । ଯଥା- ପୁଷ ମା ପେଷ୍ଟି, ପୁଷା ଡେଲିସିଅସ୍, କୁର୍ଗ ହନିଡଉ ପୁଷା ନହ୍ନା ଇତ୍ୟାଦି । ରେଡ୍ ଲେଡି ବିନାୟକ ଇତ୍ୟାଦି ।

ଚାରା ପ୍ରସ୍ତୁତି:- ଏକର ଜମି ପାଇଁ ୨୦୦ରୁ ୨୫୦ ଗ୍ରାମ୍ ମଞ୍ଜି ଦରକାର ହୋଇଥାଏ । ପ୍ରଥମେ ମଞ୍ଜିଗୁଡିକୁ ଉଚ୍ଚା ତଳିପଟରେ (୬ ଇଞ୍ଚ), ପ୍ରସ୍ଥ ୧ ମିଟର ଓ ଲମ୍ବ ସୁବିଧା ଅନୁସାରେ ପଟାଳି ପ୍ରସ୍ତୁତ କରି, ମଞ୍ଜିକୁ ବିଶୋଧନ କରି (ଦେଶୀ ଗୋମୂତ୍ର ବା ବୀଜାମୃତ ବା ଟ୍ରାଇକୋଡର୍ମା ଭିରିଡେ) ପକାଯାଏ । ବର୍ଷାଦିନ ହୋଇଥିଲେ ପଲିଥିନ୍ ଯୋଗାଇବା ଦରକାର । ଚାରା ହେବାକୁ ପ୍ରାୟ ୨ରୁ ୩ ସପ୍ତାହ ଲାଗେ । ଏହାପରେ ଚାରାଗୁଡିକୁ ୬*୪ ଇଞ୍ଚ ସାଇଡ୍ ପଲିଥିନରେ (ଖତ+ମାଟି) ତଳି ଘରାରୁ ଉଠାଇ ଲଗାଯାଏ । ଏହାପରେ ଚାରାଗୁଡିକୁ ୬/୮ ପତ୍ର ହୋଇଗଲେ ଜମିରେ ଲଗାଇବା ପାଇଁ ଉପଯୁକ୍ତ ହୋଇଥାଏ ।

ଚାରା ଲଗାଇବା ସମୟ:- ଜୁନ୍ - *** ସେପ୍ଟେମ୍ବର -ଅକ୍ଟୋବର ଓ ଫେବୃୟାରୀ -ମାର୍ଚ୍ଚ ମାସ ଉପଯୁକ୍ତ ସମୟ, କହିବାକୁ ଗଲେ ଅଧିକ ବର୍ଷା, ଶୀତ ଓ ଖରା ବ୍ୟତୀତ । ଏପରି ଭାବରେ ଲଗାଇବା ଦରକାର ଯେପରି ଚାରାର କାଣ୍ଡ ମାଟି ତଳେ ନ ରହେ, ।

ଜମି ପ୍ରସ୍ତୁତି ଓ ଚାରା ରୋପଣ:- ପ୍ରଥମେ ଜମକୁ ୩/୪ଥର ଓଡ ଚାଷ କରି ସାରିବା ପରେ । ଗଛକୁ ଗଛ ଦୂରତା ୬ଫୁଟ*୬ ଫୁଟ, ଗଭୀର ୧.୫*୧.୫*୧.୫ ଫୁଟ ହେବା ଦରକାର । ଏହି ଗାଁରେ ଜମିର ମାଟି ଅଲଗା ଓ ତଳ ମାଟି ଅଲଗା ରଖିବା ପରେ । ଉପର ମାଟି ସହିତ ଆବଶ୍ୟକୀୟ ସଢା ଖତ ବା ଜିଆଖତ ସହିତ ଅନ୍ୟାନ୍ୟ ଜୀବାଣୁ ସାର ଓ ଅନ୍ୟ ଖାଦ୍ୟ ମିଶାଇ ପୂରଣ କରିବା ଦରକାର । ମାଟି ଭରିବା ପରେ ଗାତ ପ୍ରତି ଉଭୟ ଲିଙ୍ଗ କିସମ ହୋଇଥିଲେ ଗୋଟିଏ କରି ଚାରା ଲଗାଯାଏ କିନ୍ତୁ ମାଇ ଓ ଅଣ୍ଡିରା ଆସୁଥିବା ଅଲଗା କିସମ ହୋଇଥିଲେ ତ୍ରିଭୁଜ ଆକାରରେ ୩୦ ସେ.ମି ବ୍ୟବଧାନରେ ୩ଟି ଚାରା ଲଗାଇବା ଉଚିତ୍ । ୫/୬ ମାସ ପରେ ଗଛରେ ଫୁଲ ଧରିଲେ ପ୍ରତି ଗାତରେ ଗୋଟିଏ ମାଇ ଗଛ ରଖି ଅନ୍ୟ ଗଛ ଉଠାଇ ଦିଆଯାଏ । କିନ୍ତୁ ୩ଟି ମାଇ ଗଛରେ ଯେପରି ଗୋଟିଏ ଅଣ୍ଡିରା ଗଛ ରହିବ ।

ଦ୍ୱିତୀୟ ଓ ତୃତୀୟ ବର୍ଷ ମଧ ଅନୁମୋଦିତ ଖତ ସାର, ଗଛ ମୂଳ କୋଣ ଖୁସା କରି ଦେବା ଆବଶ୍ୟକ । ଗଛ ମୂଳକୁ ଶୁଖାଇ ଅନାବନା ଗଛ ଓ ଘାସରୁ ମୁକ୍ତ ରଖାଯିବା ଉଚିତ୍ ।

ଜଳ ପରିଚାଳନା:- ବର୍ଷା ଋତୁରେ ଗଛ ମୂଳରେ ପାଣି ଜମି ନ ରହିବା ପାଇଁ ଦୃଷ୍ଟି ଦେବା ସହିତ ଶୀତ ଓ ଖରା ଦିନେ ମାଟିର ବତରକୁ ଚାହିଁ ୭ରୁ ୧୦ ଦିନ ଅନ୍ତରରେ ପାଣି ମଡାଯାଏ । ଅମୃତ ଭଣ୍ଡା ବଗିଚାରେ ଛାଦିକରଣ କଲେ ଘାସ କମ୍ ହେବା ସହିତ ଜଳ କମ୍ ଲାଗିଥାଏ ।

ରୋଗପୋକ ପରିଚାଳନା:- ଅମୃତଭଣ୍ଡା ଗଛରେ ବିଭିନ୍ନ ପ୍ରକାରର ରୋଗ ପୋକ ଲାଗିଥାଏ ଯଥା- ୧. କାଣ୍ଡ ପଚାରୋଗ ୨. ଅନ୍ଥ୍ରାକ୍ନୋଜ୍ ୩. ପତ୍ରପୋଡା ଓ ସାହେବି ରୋଗ ଇତ୍ୟାଦି । ଏହି ରୋଗ ନିରାକରଣ ପାଇଁ, ଗଛ ମୂଳରେ ଯେପରି ପାଣି ନ ରୁହେ ସେଥିପ୍ରତି ଦୃଷ୍ଟି ଦେବା ଦରକାର । ଏହା ସହିତ ବର୍ଷା ଦିନ ଆରମ୍ଭରୁ *** ଅକ୍ସି ହୋରାଇଡ୍ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ଦ୍ରବଣ କରି ଗଛ ମୂଳରେ ଢାଳିଦେବା ଦରକାର ଓ ଆକ୍ରାନ୍ତ ଗଛକୁ ସ୍ପ୍ରେ କରିବା ଦରକାର । ଆନ୍ଥ୍ରାକ୍ ନୋଜ ରୋଗ ପାଇଁ ଫଳ ତୋଳିବାର ୧୫ ଦିନ ଆଗରୁ ଟ୍ରାଇକୋଡାର୍ମା ଭିରିଡେ ସ୍ପ୍ରେ କରିବା ଦରକାର । ପତ୍ରପୋଡା ଏକ ଭୂତାଣୁ ଜନୀତ ରୋଗ । ଏହାର ନିରାକରଣ ପାଇଁ ଏହାର ବାହକ ଧଳା ମାଛିକୁ ନିୟନ୍ତ୍ରଣ କରିବା ପାଇଁ ନିମ୍ବଜାତ ଔଷଧ ଓ ହାଣ୍ଡିଔଷଧ ନିୟମିତ ପ୍ରୟୋଗ କଲେ ଏହି ରୋଗ ହୁଏ ନାହିଁ । ଏହା ସହିତ ଆକ୍ରାନ୍ତ ଗଛକୁ ଉପାଡ ନଷ୍ଟ କରିଦେବା ଦରକାର । ଅମୃତଭଣ୍ଡା ଗଛ ପାଖରେ ମକ୍କା, ବାଇଗଣ ଓ ବିଲାତି ବାଇଗଣ ଚାଷ କରନ୍ତୁ ନାହିଁ । ସାହେବ ରୋଗ ହେଲେ ପ୍ରଥମେ ଗଛକୁ ଉପାଡି ନଷ୍ଟ କରାଯିବା ଦରକାର । ଜଉ ପୋକ ଲାଗିଲେ ଗଛରେ ନିମ୍ବଜାତ ଔଷଧ (ନିମ୍ବ ପାଚକ ପାଣି, ନିମ୍ବ ମଞ୍ଜି ଉଦ୍ଧୃତାଂଶ) ନିମ୍ବ ତେଲ ଓ ହାଣ୍ଡି ଔଷଧ ବା ଦହି ଦ୍ରବଣ ସିଞ୍ଚନ କରାଗଲେ ଏହି ପୋକ ନିୟନ୍ତ୍ରଣ ହୋଇଥାଏ ।

ଅମଳ:- ଉପଯୁକ୍ତ ଯତ୍ନ ନେଲେ ଅମୃତ ଭଣ୍ଡା ଚାଷରେ ଗଛ ପ୍ରତି ହାରାହାରି ୩୦ ରୁ ୪୦ କେ.ଜି ଏବଂ ପ୍ରତି ବର୍ଷ ଏକର ପ୍ରତି ୨୦/୨୫ ଟନ୍ ଅମଳ ମିଳିପାରିବ । ଏହି ଚାଷ ୩ ବର୍ଷ ପର୍ଯ୍ୟନ୍ତ ଫଳ ଦେଇଥାଏ ।



## ଖାଦ୍ୟସାର ପ୍ରୟୋଗ ସାରଣୀ (ଏକର ପ୍ରତି)

| ଖାଦ୍ୟସାର | ପରିମାଣ | ବ୍ୟବହାର ସମୟ |
|---|---|---|
| ସଢ଼ା କମ୍ପୋଷ୍ଟ ଖତ | ପ୍ରତି ଗାତରେ ୧୫ କେ.ଜି | ଚାରା ଲଗାଇବା ପୂର୍ବରୁ |
| ଜିଆ ଖତ | ୧୦ କେ.ଜି | ଚାରା ଲଗାଇବା ପୂର୍ବରୁ |
| ଟ୍ରାଇକୋର୍ଡମା ଭିରିଡେ | ୧୦ କେ.ଜି | ଚାରା ଲଗାଇବା ପୂର୍ବରୁ |
| ଜୀବାଣୁସାର ପିଏସ୍ ବି | ୩ କେଜି | ୫୦ କେଜି ଖତରେ ମିଶାଇ ଚାରା ଲଗାଇବା ପୂର୍ବରୁ |
| ଆଜୋସ୍ପିରିଲମ୍ | ୩ କେ.ଜି | ୧୦ ଦିନ ଆଗରୁ ମିଶାଇ ଚାରା ଲଗାଇବା ପୂର୍ବରୁ |
| ନିମ୍ବ ପିଡିଆ | ଗାତ ପ୍ରତି ୫୦ ଗ୍ରାମ୍ | ଚାରା ଲଗାଇବା ପୂର୍ବରୁ |
| ରକ୍ ଫସ୍ ଫେଟ୍ | ଗାତ ପ୍ରତି ୫୦ ଗ୍ରାମ୍ | ଚାରା ଲଗାଇବା ପୂର୍ବରୁ ଓ ପ୍ରତି ୯୦ ଦିନ ଅନ୍ତରରେ |
| ଜୀବାମୃତ | ଗାତ ପ୍ରତି ୨୫୦ ମି.ଲି | ଚାରା ଲଗାଇବାର ୨୦ ଦିନ ପରେ |
| ଜିଆ ଖତ | ୫ କେ.ଜି | ପ୍ରତି ୧୫ ଦିନ ଅନ୍ତରରେ |
| ସଢ଼ା କମ୍ପୋଷ୍ଟ | ୧ ଝୁଡି (୧୫ କେ.ଜି) | ପ୍ରତି ୯୦ ଦିନ ଅନ୍ତରରେ |

ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍
E-mail-iinitiative@yahoo.com

# ଜୈବିକ ପ୍ରଣାଳୀରେ ସଜନା ଚାଷ

Aqua Alimenta



ଆମ ଦେଶ ତଥା ରାଜ୍ୟରେ ସଜନା ଏକ ଲୋକପ୍ରିୟ ବୃକ୍ଷ ଜାତୀୟ ପରିବା ଫସଲ । ସଜନା ଗଛ ସାଧାରଣତଃ ପାକଶାଳା ବଗିଚାରେ ଦେଖିବାକୁ ମିଳେ । ଏହାର ଫଳ, ଫୁଲ ଓ ପତ୍ର ଅତ୍ୟନ୍ତ ପୃଷ୍ଟିକର । ସଜନାର ପତ୍ର ଓ ଫଳରେ ପ୍ରଚୁର ପରିମାଣରେ ପୃଷ୍ଟିସାର, ଧାତବ ଲବଣ ଓ ଖାଦ୍ୟ ପ୍ରାଣ ରହିଛି । ଏହାର ମଞ୍ଜିରୁ "ବେନ୍ ଅଏଲ୍" ନାମକ ଏକ ମୂଲ୍ୟବାନ୍ ତେଲ ବାହାରେ । ସଜନାରେ ଅନେକ ଔଷଧିୟ ଗୁଣ ମଧ ରହିଛି ।

ଜଳବାୟୁ:- ସମତଳ ଅଞ୍ଚଳରେ ଭଲ ବଢ଼ିପାରୁଥିବା ଏହା ଏକ ଗ୍ରୀଷ୍ମ ମଣ୍ଡଳୀୟ ବୃକ୍ଷ । ଶୁଷ୍କାଞ୍ଚଳରେ ଏହା ଏକ ମୁଖ୍ୟ ଫସଲ । ଏହି ଗଛର ଆବଶ୍ୟକୀୟ ବୃଦ୍ଧି ପାଇଁ ୨୫ ଡିଗ୍ରୀ- ୩୦ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରା ଆବଶ୍ୟକ ।

ମୃର୍ତ୍ତିକା:- ସଜନା ବିଭିନ୍ନ ପ୍ରକାର ମାଟିରେ ଚାଷ କରାଯାଇପାରେ । କିନ୍ତୁ ଏଥିପାଇଁ ଚୂନ ଅଂଶ ଥିବା ବାଲିଆ ଦୋରସା, ମଟାଳ ଦୋରସା, ମାଟି ସର୍ବୋତ୍ତମ । ମାଟିର ଅମ୍ଳ ୬.୫ ରୁ ୮.୦ ମଧରେ ରହିବା ଆବଶ୍ୟକ ।

କିସମ:-ସଜନାର କେତେକ ଉନ୍ନତ କିସମ ରହିଛି ଯଥା:- ପି.କେ ଏମ୍ ୧,୨ ଜାଫନା ମୁରୁଙ୍ଗାଇ ଇତ୍ୟାଦି ।

ଲଗାଇବା ପଦ୍ଧତି:- ଏହି ଗଛ ମଞ୍ଜି ଓ ଡାଳ ଦ୍ୱାରା ବଂଶ ବିସ୍ତାର କରେ । ଲମ୍ବା ଅବଧି କିସମ ଗୁଡିକର ବିସ୍ତାର ଡାଳ ଦ୍ୱାରା କରାଯାଏ । ତେବେ ବର୍ଷିକିଆ କିସମ ମଞ୍ଜି ଦ୍ୱାରା ହୁଏ । ଏକର ପ୍ରତି ୨୫୦ ଗ୍ରାମ୍ ମଞ୍ଜି ଦରକାର କରିଥାଏ ।

ଜମି ପ୍ରସ୍ତୁତ:- ଜମିକୁ ପ୍ରଥମେ ଭଲ ଭାବରେ ପ୍ରସ୍ତୁତ କରାଯାଏ । ବର୍ଷିକିଆ କିସମ ୨.୫*୨.୫ମି ଦୂରତାରେ ୪୫*୪୫*୪୫ ସେ.ମି ଆକାରର ଗାତ ଖୋଳାଯାଏ । ଗାତ ଗୁଡିକରେ ସଢ଼ା ଗୋବର ଖତ ବା ଜିଆ ଖତ ସହିତ ମାଟି ମିଶାଯାଇ ଗାତ ଭର୍ତ୍ତି କରାଯାଏ । ଜୁନ୍-ଜୁଲାଇ ଠାରୁ ଅକ୍ଟୋବର ମାସ ମଧରେ ଗଛ ଲଗାଯାଏ । ମଞ୍ଜି ସିଧା ପୋତ ବା ପଲିଥିନରେ ଚାରା ଭରାଇବା ପରେ ଲଗାଯାଇପାରେ । ମଞ୍ଜି ବୁଣିବାର ୩୦-୩୫ ଦିନ ମଧରେ ଚାରା ଲଗାଇବା ଉପଯୋଗୀ ହୋଇଯାଏ । ଲମ୍ବା କିସମ ଗୁଡିକୁ ପାଇ ୪*୪ ମିଟର ଦୂରତାରେ ୨*୨*୨ଫୁଟ ଆକାରର ଗାତମାନ ଖୋଳି ଲଗାଯାଏ ।

ଖତସାର ପ୍ରୟୋଗ:- ମାଟି ପରୀକ୍ଷା ଭିତରେ ଖାଦ୍ୟସାର ପ୍ରୟୋଗ କରିବା ଦରକାର ହୋଇଥାଏ । ଯଦି ମାଟି ପରୀକ୍ଷା ହୋଇନଥାଏ ତେବେ ନିମ୍ନମତେ ଖାଦ୍ୟସାର ପ୍ରୟୋଗ କରାଯାଏ ।

୧. ଗଛ ଲଗାଇବା ପୂର୍ବରୁ ପ୍ରତି ଗାତ ୨୦ କେଜି ବା ୧୫ କେଜି ଜିଆଖତ ଓ ୧୦୦ ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କରି ଗଛ ଲଗାଇବା ଦରକାର ।

୨. ଫୁଲ ଆସିବା ସମୟରେ ୨୫ ଦିନ ପୂର୍ବରୁ ପ୍ରତି ୧୫ ଦିନରେ ଗଛ ପ୍ରତି ୩୦୦-୫୦୦ ମି.ଲି ଜୀବାମୃତ ଦିଆଯାଏ ।

୩. ଫଳ ଧାରଣ ସମୟରେ ପ୍ରତି ଗଛ ପିଛା ୧୦୦ ଗ୍ରାମ୍ ନିମ୍ବ ପିଡିଆ ଓ ଜିଆଖତ ୨ କେ,ଜି ପ୍ରୟୋଗ କରାଯାଏ ।

ପରବର୍ତ୍ତୀ ଯତ୍ନ:- ଗଛଗୁଡିକ ୨.୫ ଫୁଟ ହୋଇଗଲେ ଅଗ ଗୁଡିକୁ କାଟି ଦେବାର ଦରକାର । ପୁଣି ଡାଳ ୫.୬ ଇଞ୍ଚି ହୋଇଗଲେ ଡାଳର ଅଗଗୁଡିକୁ ମଧ ଛିଡାଇ ଦେବା ଦରକାର । ଏହା ଦ୍ୱାରା ବହୁତ ଡାଳ ବାହାରିଥାଏ ଓ ଗଛ ବୁଦାଳିଆ ହୋଇଥାଏ । ନଚେତ୍ ଗଛ ଡେଙ୍ଗା ହୋଇଗଲେ ଅମଳ କମ୍ ହୁଏ । ଜୋରରେ ପବନ ହେଲେ ଗଛ ଭାଙ୍ଗିପଡିଯିବାର ଆଶଙ୍କା ଥାଏ । ଏହି ପରିସ୍ଥିତିରେ ଗଛ ମୂଳରେ ୩୦-୪୦ ସେ.ମି ଉଚ୍ଚତାରେ ଚାରିପଟୁ ମାଟି ଟେକିଦେବା ଆବଶ୍ୟକ । ଗଛ ଲଗାଇବାର ୧୫-୨୦ ଦିନ ଅନ୍ତରରେ ୨/୩ ଥର ଘାସ ବାଛି ଓ କୋଡା ଖୁସା କରିବା ଉଚିତ୍ । ଝୁଡଙ୍ଗ, ଟମାଟୋ, ମୁଗ, ବିରିର ଆଦିକୁ ଅନ୍ତ ଫସଲ ଭାବରେ ମଧ ଚାଷ କରାଯାଇପାରେ ।

ଜଳ ପରିଚାଳନା:- ସଜନା ଏକ ଶୁଷ୍କାଞ୍ଚଳ ଫସଲ ହୋଇଥିବାରୁ ଏହା ଅଧିକ ଜଳ ଆବଶ୍ୟକ କରେ ନାହିଁ । ମଞ୍ଜି ବୁଣିବାର ପୂର୍ବରୁ ଗାତ ଗୁଡିକରେ ଓ ମଞ୍ଜି ଲଗାଇବାର ୩ ଦିନ ମଧରେ ଗାତ ଗୁଡିକରେ ଜଳସେଚନ କରାଯାଏ । ଗଜା ହେବା ସମୟରେ ଜଳ ଅଭାବ ହେବା ଉଚିତ୍ ନୁହେଁ । ଗଛ ବୃଦ୍ଧି ସମୟରେ ମାଟିର ବତରକୁ ଚାହିଁ ୭ରୁ ୮ ଦିନ ମଧରେ ଫୁଲ ଫଳ ଆସିବା ସମୟରେ ୫/୬ ଦିନ ବ୍ୟବଧାନରେ ଜଳସେଚନ ଦରକାର କରିଥାଏ । କିନ୍ତୁ ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା ରହିବା ଜରୁରୀ ଅଟେ । ମୃର୍ତ୍ତିକା ଅତ୍ୟଧିକ ଆର୍ଦ୍ର ବା ଶୁଷ୍କ ରହିଲେ ଗଛରୁ ଫୁଲ ଗୁଡିକ ଝଡିପଡେ ।

ମୂଳ ଫସଲ:- ଅମଳ ପରେ ବର୍ଷିକିଆ ଗଛକୁ ମାଟି ଉପରୁ ୧ ଫୁଟ ଛାଡି କାଟି ଦିଆଯାଏ । ୮/୧୦ ଦିନ ମଧରେ କଟା ଗଣ୍ଡିରୁ ଅନେକ ଗୁଡିଏ ଡାଳ ବାହାରେ । ୪/୫ଟିଟି ଗତାଡାଳ ଛାଡି ଅନ୍ୟ ଡାଳଗୁଡିକୁ ଭାଙ୍ଗି ଦିଆଯାଏ । ସେହି ୪/୫ଟି ଡାଳଗୁଡିକୁ ୫-୬ ଇଞ୍ଚି ଲମ୍ବ ରଖି ଅଗକୁ ଛିଡାଇ ଦେଲେ ଗଛ ଝଙ୍କାଳିଆ ହୋଇ ବଢ଼ିଥାଏ । ଏହି ମୂଳୀ ଫସଲରେ ପ୍ରଥମ ବର୍ଷ ପରି ଖାଦ୍ୟସାର ପ୍ରୟୋଗ କରାଯାଏ । ଏହି ସହିତ ଜଳସେଚନ ମଧ କରାଯାଏ ।

ରୋଗପୋକ ପରିଚାଳନା:- ସଜନା ଗଛରେ ଝାଉଁଳା ରୋଗ ଲାଗିଥାଏ । ଏହି ରୋଗ ପ୍ରତିକାର ପାଇଁ ଗଛ ମୂଳକୁ ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛ ମୂଳେ ଭିଜାଇ ଦେବା ଦରକାର । ଏହା ସହିତ ସଜନା ଗଛରେ ବକଳବିଧା ପୋକ ଓ ସଁବାଳୁଆ ଲାଗିଥାନ୍ତି, ବକଳ ବିଧା ପୋକ ପାଇଁ ଗଛ ମୂଳରେ ବ୍ଲାଇଟକ୍ସ ୫୦କୁ ମଣ୍ଡ କରି ବୋଳି ଦେଲେ ଏହି ପୋକ ଲାଗି ନଥାନ୍ତି । ଜଉ ପୋକ ପାଇଁ ଗଛର ନିୟମିତ ଅନ୍ତରାଳରେ ଦହି ଦ୍ରବଣ, ହାଣ୍ଡି ଔଷଧ, ନିମ୍ବ ପାଚନ ପାଣି, ନିମ୍ବ ତେଲ ସିଞ୍ଚନ କଲେ ଏହି ପୋକ ଲାଗି ନଥାନ୍ତି ।

ଅମଳ:- ଚାରା ଲଗାଇବାର ୬ ମାସଠାରୁ ବର୍ଷିକିଆ କିସମ ଗୁଡିକର ଫଳ ଅମଳ କରାଯାଏ । ତେବେ ଲମ୍ବା କିସମ ଗୁଡିକରେ ଜଳକଲମୀ ପୋତିବାର ୮/୯ ମାସରେ ଅମଳ ଆରମ୍ଭ ହୁଏ । ମଞ୍ଜି ଟାଣ ହେବା ପୂର୍ବରୁ ତୋଳିବା ଉଚିତ୍ । ବର୍ଷିକିଆ କିସମ ଗୁଡିକରେ ଫୁଲ ଆସିବାର ୬୦ ଦିନ ଅମଳ ଯୋଗ୍ୟ ହୋଇଥାଏ । ପ୍ରର୍ଯ୍ୟାୟ କ୍ରମେ ୨/୩ ମାସ ମଧରେ ରୁଇଁ ଅମଳ କରାଯାଏ । ଲମ୍ବା ଅବଧି କିସମରୁ ପ୍ରଥମ ୨ ବର୍ଷ ମଧରେ କମ୍ ଓ ପରବର୍ତ୍ତୀ ବର୍ଷ ମାନଙ୍କରେ ଅଧିକ ଅମଳ ମିଳିଥାଏ । ବର୍ଷକୁ ୩୦୦ ରୁ ୪୦୦ ଫଳ ମିଳିଥାଏ ।